

‘କଲ୍‌କୀ ୨’ରୁ ଦୀପିକା ବାଦ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-89 ◆MONDAY ◆22 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୯ ◆ସୋମବାର ◆୨୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ପୁରୁଣା ଭିସା ଧାରକଙ୍କୁ ଆଶ୍ୱସ୍ତି

# ଏଚ୍-୧ବି ଭିସା ଲାଗି ‘ୱାନ୍ ଟାଇମ୍’ ଦେୟ

■ **ୱାସିଂଟନ, ୨୧।୯ (ଏଜେନ୍ସି):** ଆମେରିକାର ଏଚ୍-୧ବି ଭିସା ଫି’ ବୃଦ୍ଧିକୁ ନେଇ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ହ୍ୱାଇଟ ହାଉସ୍‌ର ପ୍ରେସ୍ ସଚିବ କ୍ୟାରୋଲିନ ଲେଭିଟ ରବିବାର ଟ୍ୱିଟ କରି କହିଛନ୍ତି ଯେ ଏହି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନାହିଁ। ଆବେଦନ କରିବା ସମୟରେ ଥରଟେ ପାଇଁ ‘ୱାନ ଟାଇମ୍’ ଏହି ଦେୟ ଦେବାକୁ ହେବ। ଲଟେରିରେ ଦିଆଯାଉଥିବା ଭିସା ଉପରେ ଏହି ନୂଆ ବ୍ୟବସ୍ଥା ଲାଗୁ ହେବ। ପୁରୁଣା ଭିସା ଧାରକ, ନବୀକରଣ ଏବଂ ଆଜି ପୂର୍ବରୁ ଭିସା ଆବେଦନ କରିଥିବା ଲୋକଙ୍କ ପାଇଁ ନିୟମରେ କୌଣସି ପରିବର୍ତ୍ତନ ହେବ ନାହିଁ। ଏଚ୍-୧ବି ଭିସା ଧାରକ ଦେଶରୁ ନିର୍ଦ୍ୱନ୍ଦ୍ୱରେ ଦେଶ ବାହାରକୁ ଯାଇ ଫେରିପାରିବେ।



ଗତକାଲି ଆମରିକା ରାଷ୍ଟ୍ରପତି ଏଚ-୧ବି ଭିସା ଆବେଦନ ଦେୟକୁ ବଢ଼ାଇ ୮୮ ଲକ୍ଷ ଟଙ୍କା କରିଦେଇଥିଲେ। ଏହାପରେ ମେଟା, ମାଇକ୍ରୋସଫ୍ଟ, ଆମାଜନ ଭଳି ବହୁରାଷ୍ଟ୍ରୀୟ ଟେକ୍ କମ୍ପାନୀ ନିଜ କର୍ମଚାରୀଙ୍କୁ ତୁରନ୍ତ ଆମେରିକା ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ନୂଆ ଦେୟ କାର୍ଯ୍ୟକାରୀ ହେବା ଯୋଗୁଁ ଇମିଗ୍ରେସନ ଆଟର୍ଣ୍ଣି ଏବଂ କମ୍ପାନୀଗୁଡ଼ିକ ଏଚ-୧ବି ଭିସା ଧାରକ ଏବଂ ତାଙ୍କ ପରିବାରକୁ ୨୪ ଘଣ୍ଟା ଭିତରେ ଆମେରିକା ଫେରିବାକୁ କହିଥିଲେ। ଏହି ସମୟ ଭିତରେ ନ ଫେରିଲେ ଫସିଯିବାର ଆଶଙ୍କା ରହିଥିଲା। କିନ୍ତୁ ଏବେ ଆମେରିକା ପକ୍ଷରୁ ଏହି ଭିସାକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଦିଆଯାଉଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ପ୍ରତି ବର୍ଷ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏଥିପାଇଁ କମ୍ପାନୀଗୁଡ଼ିକ ଭୟଭୀତ ହୋଇଯାଇଥିଲେ। ଏଚ୍-୧ବି ଧାରକଙ୍କୁ ଏବେ ନ ଡାକି ପରେ ଆମେରିକା ଆସିବାକୁ କହିଲେ ଲକ୍ଷେ ଡଲାର ଦେବାକୁ ପଡ଼ିବ ବୋଲି କମ୍ପାନୀଗୁଡ଼ିକ ଭାବି ନେଇଥିଲେ। ଏଭଳି ନିର୍ଦ୍ଦେଶକୁ ଦେଖି ଦୀପାବଳି ଏବଂ ପୂଜା ପାଇଁ ଭାରତ ଆସିବାକୁ ଚାହୁଁଥିବା ଲୋକେ ନିଜ ଟିକଟ ବାତିଲ କରିଦେଇଥିଲେ। ୱାସିଂଟନ, ନ୍ୟୁୟର୍କ ଭଳି ପ୍ରମୁଖ ବିମାନବନ୍ଦର ଅନେକ ଲୋକ ଟିକଟ ବାତିଲ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଆମେରିକା ଫେରିବା ଲାଗି ଦିଲ୍ଲୀ ବିମାନବନ୍ଦରରେ ମଧ୍ୟ ପ୍ରବଳ ଭିଡ଼ ଲାଗିଥିଲା। ଏହାର ସୁଯୋଗ ନେଇ ଅନେକ ଏୟାରଲାଇନ୍ସ ବିମାନ ଭଡ଼ା ବଢ଼ାଇଦେଇଥିଲେ।

# ଆଜିଠାରୁ ନୂଆ ଜିଏସ୍‌ଟି ହାର

## କମିବ ଗାଡ଼ି, ଏସି, ଘିଅ, ଚିନି, ପନୀର, ପାସ୍ତା ମୂଲ୍ୟ

■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ସୋମବାରଠାରୁ ସାରା ଦେଶରେ ଲାଗୁ ହେବ ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ କେବଳ ଦୁଇଟି ସ୍ଲାବ ୫% ଏବଂ ୧୮% ଅଧୀନରେ ରହିବ। ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସ୍ୱରୂପ ପନିର, ଘିଅ, ସାବୁନ, ସାମ୍ପୁ, ଏସି ଏବଂ ଛୋଟ କାର ଶସ୍ତା ହେବ। ଜୀବନ ଓ ସ୍ୱାସ୍ଥ୍ୟ ବୀମା ଉପରେ ୧୮% ଟିକସ ଉଚ୍ଛେଦ ହେବ। ଅପରପକ୍ଷରେ ସିଗାରେଟ୍, ପାନମସଲା, ତମାଖୁ, କାର୍ବୋନେଟେଡ ପାନୀୟ, ବଡ଼ ଏସ୍‌ୟୁଭି, ଜାହାଜ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ ବିମାନ କ୍ରୟ ଉପରେ ୪୦% ଟିକସ ଲାଗିବ।



### ବଢ଼ିବ ପାନମସଲା, ସିଗାରେଟ, ଦାମୀ ମଦ, କୋଇଲା

ନୂଆ ଜିଏସ୍‌ଟି ହାର ଲାଗୁ ହେବା ପରେ ୩୩ଟି ଅତ୍ୟାବଶ୍ୟକୀୟ ଔଷଧ ଉପରେ କୌଣସି ଟିକସ ଲାଗୁ ହେବ ନାହିଁ। ବିଶେଷକରି କର୍କଟ ଏବଂ ମାରାତ୍ମକ ରୋଗ ପାଇଁ ଉଦ୍ଦିଷ୍ଟ ଔଷଧ ସାମଗ୍ରୀ ସାମିଲ। ଛୋଟ ଓ ମଧ୍ୟମ ଆକାରର କାର, ମୋଟରସାଇକେଲ ଉପରେ ଏବେ ୨୮%% ବଦଳରେ ୧୮% ଟିକସ ଲାଗୁ ହେବ। ଅଟୋ ଯନ୍ତ୍ରାଂଶ ଏବଂ ତିନି ଚକିଆ ଯାନ ଉପରେ ଟିକସ ମଧ୍ୟ ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ପୁରୁଣା ଏମ୍‌ଆର୍‌ପି ଉଲ୍ଲେଖ ଥିଲେ ବି ଏହି ବର୍ଗର ସାମଗ୍ରୀ ନୂତନ ମୂଲ୍ୟରେ ଉପଲବ୍ଧ ହେବ। ଔଷଧ ଉତ୍ପାଦନ ଏବଂ ବିକ୍ରି କରୁଥିବା ସମସ୍ତ ଔଷଧ କମ୍ପାନୀଗୁଡ଼ିକୁ ଔଷଧ, ଫର୍ମୁଲେସନ ଏବଂ ଚିକିତ୍ସା ଉପକରଣର ଏମ୍‌ଆର୍‌ପି ଅପଡେଟ୍ ହେବ। ଏଥିରେ ▶ପୃଷ୍ଠା-୭

## ଜିଏସ୍‌ଟି ବଚତ୍ ଉତ୍ସବ: ମୋଦୀ



■ **ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):** ଆସନ୍ତାକାଲି ଠାରୁ ଜିଏସ୍‌ଟିର ସଂଶୋଧିତ ହାର ଲାଗୁ ହେବାକୁ ଯାଉଥିବା ବେଳେ ଏହାକୁ ଜିଏସ୍‌ଟି ବଚତ ଉତ୍ସବ ବୋଲି ବର୍ଣ୍ଣନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆସନ୍ତାକାଲି ଠାରୁ ନବରାତ୍ରୀ ଆରମ୍ଭ ହେଉଥିବା ବେଳେ ଜିଏସ୍‌ଟିର ନୂଆ ହାର ମଧ୍ୟ କାଲି ଠାରୁ ଲାଗୁ ହେବାକୁ ଯାଉଛି। ଏହା ଦେଶବାସୀଙ୍କ ପାଇଁ ଦୋହରା ଉତ୍ସବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ସାମଗ୍ରୀ ଉପରେ ଗୁରୁତ୍ୱ ଆରୋପ କରି କହିଛନ୍ତି ଯେ ଏହା ଜାତୀୟ ବିକାଶରେ ସହାୟକ ହେବ। ଜିଏସ୍‌ଟି ▶ପୃଷ୍ଠା-୭

## ଭିସା ପରେ ଆଉ ଏକ ବଡ଼ ଝଟ୍‌କା ଦେବେ ଟ୍ରମ୍ପ୍

# ଭାରତରୁ ଚିଙ୍ଗୁଡି ଆମଦାନୀ ବନ୍ଦ କରିବ ଆମେରିକା



### ଓଡ଼ିଶାକୁ ଲାଗିବ ୧୬୦୦ କୋଟିର ବଡ଼ ଝଟ୍‌କା

### ପ୍ରଭାବିତ ହେବେ ୧୫ ଲକ୍ଷ ଲୋକ

■ **ୱାଶିଂଟନ୍, ୨୧।୯ (ଏଜେନ୍ସି):** ଏଚ୍-୧ବି ଭିସା ପରେ ଭାରତକୁ ଆଉ ଏକ ବଡ଼ ଧକ୍କା ଦେବାକୁ ପ୍ରସ୍ତୁତ ହେଉଛି ଆମେରିକା। ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଚିଙ୍ଗୁଡ଼ି ଆମଦାନୀ ଉପରେ କଟକଣା ଲଗାଇବେ ବୋଲି ସୂଚନା ମିଳିଛି। ଫଳରେ ଚିଙ୍ଗୁଡ଼ିଶିଳ୍ପ ସହ ଜଡ଼ିତ ଦେଶର ପ୍ରାୟ ୧୫ ଲକ୍ଷ ଲୋକ ପ୍ରଭାବିତ ହେବେ। ଅନୁରୂପ ଭାବରେ ଆମେରିକାର ଏହି ନିଷ୍ପତ୍ତି ଯୋଗୁଁ ଓଡ଼ିଶା ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ ହେବ ଓ ଓଡ଼ିଶାରୁ ଆମେରିକାକୁ ବାର୍ଷିକ ରପ୍ତାନୀ ହେଉଥିବା ୧୬୦୦ କୋଟିର ଚିଙ୍ଗୁଡ଼ି କାରବାର ବନ୍ଦ ହେବା ଆଶଙ୍କା ସୃଷ୍ଟି ହୋଇଛି।

ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ ପରେ ଦେଶର ଚିଙ୍ଗୁଡ଼ି (ସମୁଦ୍ରିକ ଖାଦ୍ୟ) ରପ୍ତାନି ଶିଳ୍ପ ସଙ୍କଟରେ ପଡ଼ିଛି। ଏହି ଶିଳ୍ପ ସହିତ ଜଡିତ ପ୍ରାୟ ୧୫ ଲକ୍ଷ ଲୋକଙ୍କ ଜୀବିକା ଏବେ ବିପଦରେ ପଡ଼ିଛି। ଏହି ସମସ୍ୟା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ୨୦୨୪-୨୫ ମସିହାରେ ▶ପୃଷ୍ଠା-୭

# ୨୪ ଘଣ୍ଟାରେ ଲଘୁଚାପ

### ମାସ ଶେଷ ଯାଏ ବର୍ଷା ସମ୍ଭାବନା

■ **ଭୁବନେଶ୍ୱର, ୨୧।୯ (ସମିସ):** ଉତ୍ତର ଆଣ୍ଡାମାନ ସାଗର ଓ ସଂଲଗ୍ନ ମିଆଁମାର ଉପକୂଳ ଉପରେ ସମୁଦ୍ର ପତ୍ତନଠାରୁ ୩.୧ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ଉତ୍ତର ବଙ୍ଗୋପସାଗରରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାରଠାରୁ ବର୍ଷା ଆରମ୍ଭ ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ବେଳେ କିଛି କିଛି ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି। ଏହା ▶ପୃଷ୍ଠା-୭

# ବିଷ ବି ଭେଜାଲ !



### କୀଟକୁ କାଟୁ କରୁନି କୀଟନାଶକ

■ **ଭୁବନେଶ୍ୱର, ୨୧।୯ (ସମିସ):** ଚଳିତ ବର୍ଷ ଭଲ ମୌସୁମୀ ବର୍ଷା ହେଉଛି। ଚାଷ କାର୍ଯ୍ୟ ପାଇଁ ପାଗ ଅନୁକୂଳ ରହିଛି। ମାତ୍ର ଚାଷ ଆରମ୍ଭରୁ ଚାଷୀଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଥମେ ଧାନ ବିକ୍ରି ନେଇ ପଞ୍ଜୀକରଣରେ ଚାଷୀଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ସାର ଅଭାବ ଚାଷୀଙ୍କ ନିଦ ହଜାଇ ଦେଇଛି। ଏବେ ବଢ଼ି ଆସୁଥିବା ଧାନ ଗଛରେ ପତ୍ରପୋଡ଼ା ଓ ପତ୍ରମୋଡ଼ା ରୋଗ ଚାଷୀକୂଳର ମୁଣ୍ଡ ବିନ୍ଧା ବଢ଼ାଇ ଦେଇଛି। ଏହି ରୋଗ ଧାନ ଗଛକୁ ସଂପୂର୍ଣ୍ଣ ମାରି ଦେଉଛି। ଗୋଟିଏ ଗୋଟିଏ ସିଆର୍‌ରେ ଏକାଧିକ ଗଛ ନଷ୍ଟ ହେଉଥିବାରୁ ବିଲର ୭୦ ପ୍ରତିଶତ ଗଛ ନଷ୍ଟ ହୋଇଯାଉଛି। ଏଥିପାଇଁ କୀଟନାଶକ ସିଞ୍ଚନ କଲେ ମଧ୍ୟ କାମ କରୁ ନ ଥିବା ଓ କୀଟନାଶକ ବିଷଗୁଡ଼ିକଭେଜାଲ ହେଉଥିବାରୁ ଏହା କାମ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଦୂଷିତ ପାଣି ଓ ଅପମିଶ୍ରିତ କ୍ଷୀର ନଜରକୁ ଆସିଥିଲା, ମାତ୍ର ଏବେ ▶ପୃଷ୍ଠା-୭

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ !

### ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି: ମନମୋହନ

■ **ଭୁବନେଶ୍ୱର/ସମ୍ବଲପୁର, ୨୧।୯ (ସମିସ):** ଏବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ନାହିଁ। ପ୍ରଥମେ ନିଗମ ଓ ବୋର୍ଡ ନିଯୁକ୍ତି ହେବ; ପରବର୍ତ୍ତୀ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ବିଚାର କରାଯିବ। ସମ୍ବଲପୁରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ଶ୍ରୀ ସାମଲଙ୍କ ଏହି ଘୋଷଣା ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବା ବେଳେ ନିର୍ବାଚନରେ ପରାଜିତ ହୋଇଥିବା ଓ ଟିକଟରୁ ବଞ୍ଚିତ ହୋଇଥିବା ନେତାଙ୍କ ମନରେ ଆଶାର କିରଣ ସଞ୍ଚାର କରିଛି। ପୂଜା ଭେଟି ସ୍ୱରୂପ ନିଗମ ଓ ବୋର୍ଡରେ କିଛି ଦଳୀୟ ନେତାଙ୍କୁ ଖୁବ୍ ଶୀଘ୍ର ଥଇଥାନ କରାଯାଇପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ରାଜ୍ୟରେ ବିଜେପି ସରକାର ଗଠନ କରିବାର ୧୫ ମାସ ପୂରି ଏବେ ୧୬ ମାସ ଚାଲିଛି। ମାତ୍ର ସରକାରରେ ଖାଲିଥିବା ୬ଟି ମନ୍ତ୍ରୀପଦ ସହ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀରେ ଖାଲି ପଦଗୁଡ଼ିକ ପୂରଣ ହୋଇପାରିନାହିଁ। ଫଳରେ ନିର୍ବାଚନ ସମୟରେ ଦଳୀୟ ଟିକଟରୁ ବଞ୍ଚିତ ହୋଇଥିବା ଓ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା ଥଇଥାନ ଅପେକ୍ଷାରେ ଅଛନ୍ତି। ରାଜ୍ୟ ଯୋଜନା ବୋଡର୍ ଉପାଧ୍ୟକ୍ଷ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକରେ ▶ପୃଷ୍ଠା-୭

## ଏମ୍‌ଇଡି ଯୋଗ୍ୟତା ନଥାଇ ଅଧ୍ୟାପକ ନିଯୁକ୍ତି

# ବନ୍ଦ ହେବ ରାଜ୍ୟର ସବୁ ବିଇଡି କଲେଜ!

■ **ଭୁବନେଶ୍ୱର, ୨୧।୯ (ସମିସ):** ରାଜ୍ୟରେ ମାତ୍ର ୧୬ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ) ରହିଛି। ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ପୂରଣ କରିବାରେ ଏହା ସମର୍ଥ ହେଉନାହିଁ। ପ୍ରତିବର୍ଷ ରାଜ୍ୟରୁ ହଜାର ହଜାର ପିଲା ବାହାର ରାଜ୍ୟରେ ବିଇଡି ପଢୁଛନ୍ତି। ଓଡ଼ିଶାରେ ଥିବା ହାତଗଣତି କଲେଜରେ ମଧ୍ୟ ଯୋଗ୍ୟ ଅଧ୍ୟାପକ ନାହାନ୍ତି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଶିକ୍ଷାଗତ



### କୋରାପୁଟ ଡିଏଭି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର

### ଏନ୍‌ସିଟିଇ ସ୍କାନର୍‌ରେ ପ୍ରାୟ ୨୧୪ରୁ ଅଧିକ ଅଯୋଗ୍ୟ

ଯୋଗ୍ୟତା ନ ଥାଇ ମଧ୍ୟ ନିଯୁକ୍ତି ପାଇଛନ୍ତି। ଅଧ୍ୟାପକ ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ହୋଇଥିବାବେଳେ ସ୍ନାତକତ୍ତୋର ସହିତ ଏମ୍‌ଇଡି ବଦଳରେ ବିଇଡି କରିଥିବା ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଛି। ଏଭଳି ଅନିୟମିତତାକୁ ଧରିଛି ଏସ୍‌ସିଟିଇ। ରାଜ୍ୟର ୮ଟି କଲେଜକୁ କାରଣ ଦର୍ଶାଅ ନୋଟିସ୍ କରିବା ସହ କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିବାକୁ ସୁପାରିଶ କରିଛି। ଅନ୍ୟପକ୍ଷରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟର ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ▶ପୃଷ୍ଠା-୭








## ବିପର୍ଯ୍ୟୟ ପ୍ରବଣ ଦେବଭୂମି: ୧୦ ବର୍ଷରେ ନେଲାଣି ୩୮୦୦ ଜୀବନ

ଡେରାଡୁନ, ୨୧।୯ (ଏଜେନ୍ସି): ଦେବଭୂମି ଉତ୍ତରାଖଣ୍ଡ ଏବେ ଦୈବୀ ଦୁର୍ବିପାକ ପ୍ରବଣ ରାଜ୍ୟ ପାଲଟି ଯାଇଛି। ଏହି ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୧୦ ବର୍ଷ ହେଲା ଏହା ରାଜ୍ୟବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ତଥ୍ୟ ଅନୁଯାୟୀ ୨୦୧୫ରୁ ୨୦୨୫ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ୨୭,୧୯୭ ଘଟଣା ଘଟିଛି। ଏହା ୩ ହଜାର ୮୩୯ ଲୋକଙ୍କ ଜୀବନ ନେଲାଣି। ଏଥିରେ ୬ ହଜାର ୨୦୭ରୁ ଅଧିକ ଲୋକ ଆହତ ହୋଇଛନ୍ତି। ୩୧୨ ଜଣ ଏବେ ବି ନିଖୋଜ ରହିଛନ୍ତି।

ରିପୋର୍ଟ ଅନୁଯାୟୀ ବାଦଲ ଫଟା ବର୍ଷା ଏବଂ ଅଚାନକ ବନ୍ୟାର ସର୍ବାଧିକ ୧୪,୨୩୭ଟି ମାମଲା ସାମ୍ନାକୁ ଆସିଥିଲା। ୫,୮୩୦ଟି ଭୂସ୍ଖଳନ ମଧ୍ୟ ହୋଇଥିଲା। ପାହାଡି ରାଜ୍ୟର ଭୌଗୋଳିକ ପରିସ୍ଥିତି ଏବଂ ପରିବର୍ତ୍ତିତ ଜଳବାୟୁ ଏହି ବିପର୍ଯ୍ୟୟକୁ ଅଧିକ ଗମ୍ଭୀର କରିଦେଇଛି। ୨୦୧୫ରେ ୨୨୪ ପ୍ରାକୃତି ବିପର୍ଯ୍ୟୟ ଜନିତ ଘଟଣା ସାମ୍ନାକୁ ଆସିଥିବା ବେଳେ ୨୦୧୮ରେ ଏହା ୫,୦୫୬ରେ ପହଞ୍ଚି ଯାଇଥିଲା। ଚଳିତ ବର୍ଷ ବାଦଲ ଫଟା ବର୍ଷା ଏବଂ ବନ୍ୟା ୩,୭୦୬ ଘଟଣା ରେକର୍ଡ କରାଯାଇଛି। ଏଥିରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୧୯୯ଟି ପ୍ରାକୃତିକ ବିପର୍ଯ୍ୟୟ ଜନିତ ଘଟଣାରେ ୨୬୦ ଜଣଙ୍କ ଜୀବନ ଗଲାଣି। ୫୬୬ ଜଣ ମଧ୍ୟ ଆହତ ହୋଇଥିବା ବେଳେ ୯୬ ଜଣ ନିଖୋଜ ଅଛନ୍ତି।

## କରୋନା ଭାଇରସ ସମ୍ପର୍କରେ ସୂଚନା ଦେଇଥିବା ଚୀନ୍ ସାମ୍ବାଦିକାଙ୍କୁ ଆଉ ୪ ବର୍ଷ ଜେଲ୍

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଚୀନ୍‌ରୁ ଯେଉଁ କରୋନା ଭାଇରସ ସାରା ବିଶ୍ୱର ପରିବ୍ୟାପ୍ତ ହୋଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଥିଲା, ସେହି ଚୀନ୍‌ରେ ପ୍ରଥମଥର ପାଇଁ ଏହି ଭାଇରସ ନେଇ ସୂଚନା ଦେଇଥିବା ସାମ୍ବାଦିକା ଝାଙ୍ଗ୍ ଜେନ୍‌ଙ୍କୁ ପୁଣିଥରେ ଆଉ ୪ ବର୍ଷ ପାଇଁ ଜେଲ ଦଣ୍ଡାଦେଶ ହୋଇଛି। କରୋନା ଭାଇରସ ସଂକ୍ରମଣ କରାଇବାର ଅଭିଯୋଗକୁ ଚୀନ୍ ନିଜ ମୁଣ୍ଡକୁ ନେବାକୁ ଚାହୁଁ ନଥିଲା। ଖାସ୍ ଏହି କାରଣ ପାଇଁ ଚୀନ ସାରା ବିଶ୍ୱକୁ ମିଛ କହି ବିଭ୍ରାନ୍ତ କରୁଥିଲା। କିନ୍ତୁ ୪୨ ବର୍ଷୀୟା ଝାଙ୍ଗ ସାରା ବିଶ୍ୱକୁ ଚୀନରେ ସଂକ୍ରମିତ ହୋଇଥିବା ଏହି ଭାଇରସ ସମ୍ପର୍କରେ ଅବଗତ କରାଇଥିଲେ। କେବଳ ସେତିକି ନୁହଁ ଫଟୋ ଓ ଭିଡିଓ ସେୟାର କରି ଚୀନ୍‌ର ମୁଖା ଖୋଲି ଦେଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଚୀନ୍ ତାଙ୍କୁ ପ୍ରଥମେ ୪ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲା। ଏବେ ପୁଣି ତାଙ୍କୁ ଆଉ ୪ ବର୍ଷ ଅର୍ଥାତ ମୋଟ୍ ଉପରେ ଝାଙ୍ଗଙ୍କୁ ୮ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି। ତାଙ୍କୁ ପ୍ରଥମେ ୨୦୨୦ ଡିସେମ୍ବର ୪ ବର୍ଷ ଜେଲ୍ ହୋଇଥିଲା। ସେ ଅନଶନ ଆରମ୍ଭ କରିଥିଲେ ଓ ତାଙ୍କୁ ଜବରଦସ୍ତି ଖାଦ୍ୟ ଖୁଆଯିବା ସହ ଅଶୋଭନୀୟ ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ତେବେ ତାଙ୍କୁ ୨୦୨୪ରେ ଛାଡି ଦିଆଯାଇଥିଲା। କିନ୍ତୁ ୩ ମାସ ପରେ ତାଙ୍କୁ ପୁଣି ଗିରଫ କରାଯାଇ ସାଙ୍ଘାଇର ଡିଟେନସନ ସେଣ୍ଟରରେ ରଖାଯାଇଥିଲା। ଚୀନ୍‌ରେ କମ୍ୟୁନିଷ୍ଟ ଶାସନରେ ଗଣମାଧ୍ୟମର ସ୍ୱାଧୀନତା ପ୍ରାୟ ନାହିଁ କହିଲେ ଚଳେ। ପ୍ରେସ୍ ଫ୍ରିଡମ ଇଣ୍ଡେକ୍ସରେ ୨୦୨୫ରେ ଚୀନ୍ ୧୮୦ ଦେଶ ମଧ୍ୟରୁ ୧୭୮ ତମ ସ୍ଥାନରେ ରହିଛି। ଚୀନ୍‌ରେ ଏବେ ୧୨୪ ଜଣ ସାମ୍ବାଦିକ ଜେଲ୍‌ରେ ଅଛନ୍ତି।

## ଓଲିଙ୍କ ଗିରଫ ଦାବି କଲେ ଜେନ-ଜେଡ୍ ଗ୍ରୁପ୍

କାଠମାଣ୍ଡୁ,୨୧।୯ (ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କୁ ଗିରଫ କରିବାକୁ ପାଇଁ ଦାବି ହୋଇଛି। ଦେଶରେ ହିଂସାତ୍ମକ ଆନ୍ଦୋଳନ ମାଧ୍ୟମରେ ସରକାର ପରିବର୍ତ୍ତନ କରିଥିବା ଜେନ୍ -ଜେଡ୍ ଗ୍ରୁପ୍ ନୂଆ କରି ଏହି ଦାବି କରିଛି। ସେପ୍ଟେମ୍ବର ୮ରେ ଅନୁଷ୍ଠିତ ସରକାର ବିରୋଧୀ ଆନ୍ଦୋଳନ ଅବସରରେ ସୁଟ୍ ଆଉଟ ନିର୍ଦ୍ଦେଶ ଦେବା କାରଣରୁ ୧୯ ଜଣ ବିକ୍ଷୋଭକାରୀ ମୃତ୍ୟୁବରଣ କରିଥିଲେ। ଏଥିପାଇଁ ଓଲିଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ରମେଶ ଲେଖକଙ୍କୁ ଗିରଫ୍ କରାଯାଉ ବୋଲି ଜେନ୍- ଜେଡ୍ ଗ୍ରୁପ୍‌ର ଅନ୍ୟତମ ଉପଦେଷ୍ଟା ଡ. ନିକୋଲାସ ବୁଶାଲ ଦାବି କରିଛନ୍ତି। ନୟା ବାଣେଶ୍ୱରରେ ହୋଇଥିବା ଗୁଳିକାଣ୍ଡ ପାଇଁ ଓଲି, ଲେଖକ ଓ କାଠମାଣ୍ଡୁ ମୁଖ୍ୟ ଜିଲ୍ଲା ଅଧିକାରୀ ଛବି ରିଜାଲ ହିଁ ଦାୟୀ। ତେଣୁ ଏମାନଙ୍କୁ ତୁରନ୍ତ ଗିରଫ କରିବାକୁ ବୁଶାଲ ଦାବି କରିଛନ୍ତି। ପୁଣି ୧୯୯୦ ପରେ ସବୁ ହାଇପ୍ରୋଫାଇଲ ନେତା ଓ ଅଧିକାରୀମାନେ ଅର୍ଜନ କରିଥିବା ସମ୍ପତ୍ତି ନେଇ ଦଦନ୍ତ କରିବା ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସେ ଦାବି କରିଛନ୍ତି।

## ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ

ମାନିଲା, ୨୧।୯ (ଏଜେନ୍ସି): ନେପାଳ ପରେ ଫିଲିପାଇନ୍ସରେ ଦୁର୍ନୀତି ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି। ରାଜନେତା, ଅମଲା ଏବଂ ବ୍ୟବସାୟୀଙ୍କ ବିରୋଧରେ ହଜାର ହଜାର ଲୋକ ରବିବାର ରାଜଧାନୀ ରାସ୍ତାକୁ ଓହ୍ଲାଇଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଥିବା ନେତାଙ୍କଠାରୁ ଅଧିକାରୀଙ୍କ ବିରୋଧରେ ଆକ୍ରୋଶ ପ୍ରକାଶ କରିଛନ୍ତି। ବନ୍ୟା ଏବଂ ଝଡ଼ ତୋଫାନ ପ୍ରବଣ ଏହି ଗରିବ ରାଷ୍ଟ୍ରରେ ବନ୍ୟା ନିୟନ୍ତ୍ରଣ ପାଇଁ ଆରମ୍ଭ କରାଯାଇଥିବା ପ୍ରକଳ୍ପରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ହିଂସାକୁ ରୋକିବା ପାଇଁ ପୁଲିସ ଫୋର୍ସ ଏବଂ ସୈନ୍ୟବାହିନୀକୁ ସଜାଗ ରଖାଯାଇଛି। ଐତିହାସିକ ମାନିଲା ପାର୍କରେ ଏବଂ ମୁଖ୍ୟ ଇଡିଏସଏ ରାଜପଥ ପାର୍ଶ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ସୁରକ୍ଷାରେ ହଜାର ହଜାର ପୁଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ଆମେରିକା ଏବଂ ଅଷ୍ଟ୍ରେଲିଆ ଦୂତାବାସ ନିଜ ନାଗରିକମାନଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛନ୍ତି ପ୍ରତିବାଦରୁ ଦୂରେଇ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଆଜି ଆନ୍ଦୋଳନକାରୀ ମାନିଲାରୁ ପ୍ରତିବାଦ ଶୋଭାଯାତ୍ରା ଆରମ୍ଭ କରିଥିଲେ। ଦୁର୍ନୀତିରେ ସମ୍ପୃକ୍ତ ସମସ୍ତ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ବହୁତ ହେଇଗଲା ଦୁର୍ନୀତିଗ୍ରସ୍ତଙ୍କୁ ଜେଲ୍‌ରେ ଭର୍ତ୍ତି କର ବୋଲି କହିଥିଲେ।

## ପ୍ରେମିକଙ୍କୁ ହତ୍ୟା ପରେ ଆତ୍ମହତ୍ୟା କଲେ ମହିଳା

ସାହାରନପୁର, ୨୧।୯ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଏକ ବିଚଳିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ପ୍ରେମିକଙ୍କ ହତ୍ୟାର ଗୋଟିଏ ଦିନ ପରେ ୧୮ ବର୍ଷୀୟା ମହିଳା ଅଙ୍କିତା ବିଷପାନ କରି ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି। ଚିଲକାନା ଅଞ୍ଚଳରେ ରହୁଥିବା ଅଙ୍କିତା ଶନିବାର ତାଙ୍କ ଘରେ ମୃତ ଅବସ୍ଥାରେ ମିଳିଥିଲେ। ପାଖରେ ଏକ କୀଟନାଶକ ପ୍ୟାକେଟକୁ ଠାବ କରାଯାଇଛି ବୋଲି ଏଏସ୍‌ପି ସାଗର ଜୈନ କହିଛନ୍ତି। ଶୁକ୍ରବାର ତାଙ୍କ ୨୨ ବର୍ଷୀୟ ପ୍ରେମିକ ମାହିଲଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ପରିବାର ଅଙ୍କିତାଙ୍କ ପରିବାର ଲୋକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଛନ୍ତି। ପୁଲିସ ଅଙ୍କିତାଙ୍କ ଦୁଇ ନାବାଳକ ଭାଇଙ୍କୁ ଅଟକ ରଖିଛି। ଅଙ୍କିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି।

# ଆଫଗାନିସ୍ତାନକୁ ଧମକ ଦେଲେ ଟ୍ରମ୍ପ

## ବଗରାମ୍ ଏୟାରବେସ୍ ଫେରାଅ; ନଚେତ ଭୟଙ୍କର ପରିଣତି

ୱାସିଂଟନ, ୨୧।୯ (ଏଜେନ୍ସି):

ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ କ୍ଷୁଦ୍ର ଦେଶକୁ ନିଶାଣ କରିଛନ୍ତି। ନିଜର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ବିଶ୍ୱକୁ ଅଶାନ୍ତ ରଖିଥିବା ଟ୍ରମ୍ପ ଆଫଗାନିସ୍ତାନର ତାଲିବାନ ସରକାରକୁ ଧମକ ଦେଇଛନ୍ତି। ବଗରାମ ଏୟାରବେସ ବା ବାୟୁସେନା ଘାଟି ଆମେରିକାକୁ ନ ଫେରାଇଲେ ଭୟଙ୍କର ପରିଣତି ଭୋଗିବ ବୋଲି କହିଛନ୍ତି। ଚୀନ୍‌କୁ କାଉଣ୍ଟର କରିବାକୁ ଯାଇ ଟ୍ରମ୍ପ ଆଫଗାନିସ୍ତାନକୁ ଏଭଳି ଧମକ ଦେଇଛନ୍ତି। ଏହି ଏୟାରବେସ୍ କବ୍‌ଜା ପାଇଁ ସେନା ପଠାଇବେ କି ବୋଲି ପଚରାଯିବାରୁ ଟ୍ରମ୍ପ ସିଧାସଳଖ ଭାବେ ଏହାର ଉତ୍ତର ଦେଇ ନ ଥିଲେ। ଏ ବିଷୟରେ ଆଲୋଚନା କରିହେବନି। ଏୟାରବେସ ଶୀଘ୍ର ମିଳୁ ବୋଲି ଆମେ ଚାହୁଁଛୁ। ଯଦି ଆଫଗାନିସ୍ତାନ ଭଲ ଭାବେ ଫେରାଇବ ନାହିଁ ତେବେ ମୁଁ କ'ଣ କରିବି ତାହା ଦେଖିବେ।

ଏହାପୂର୍ବରୁ ଟ୍ରମ୍ପ ଗୁରୁବାର ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମରଙ୍କ ସହ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସେ କହିଥିଲେ ଯେ ଆମେ ବଗରାମ ଏୟାରବେସ୍‌କୁ ପୁନଃ ଦଖଲ ପାଇଁ ପ୍ରୟାସ କରୁଛୁ। କାରଣ ସେହି ସ୍ଥାନରୁ ଘଣ୍ଟାଏ ଦୂରରେ ଚୀନ୍ ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରୁଛି। ଅନ୍ୟପକ୍ଷରେ ତାଲିବାନ ସରକାର ଟ୍ରମ୍ପଙ୍କ ଏହି ଦାବିକୁ ଖାରଜ କରିଦେଇଛି। ନିଜ ଅଞ୍ଚଳରେ କେବେ ବି ଆମେରିକା ସୈନିକଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି ବୋଲି କୁହାଯାଇଛି। ଆଫଗାନ ସରକାରଙ୍କ ପ୍ରବକ୍ତା କହିଛନ୍ତି ଯେ ଦୁଇ ଦେଶ ପରସ୍ପର ସହ ଭଲ ସମ୍ପର୍କ ରଖିବା ଉଚିତ। ଦୋହା ଆଲୋଚନା ଏବଂ ଚୁକ୍ତିରେ ସାମରିକ ଉପସ୍ଥିତିକୁ ଖାରଜ କରିଦିଆଯାଇଥିଲା। କିନ୍ତୁ ବାଣିଜ୍ୟ ଏବଂ ଅନ୍ୟ କାର୍ଯ୍ୟକଳାପ ପାଇଁ ଦ୍ୱାର ଖୋଲା ରହିଛି।

ସେହିପରି ଚୀନ୍ ମଧ୍ୟ ଟ୍ରମ୍ପଙ୍କ ଧମକକୁ ବିରୋଧ କରି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ ଏହି ଅଞ୍ଚଳରେ ଉତ୍ତେଜନାକୁ ଉସୁକାଉଥିବା ଯେକୌଣସି କାର୍ଯ୍ୟକୁ ସମର୍ଥନ କରାଯିବନି। ଆଫଗାନିସ୍ତାନର ସ୍ୱାଧୀନତା, ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ଚୀନ୍ ସମ୍ମାନ ଦେଉଛି। ଆଫଗାନିସ୍ତାନର ଭବିଷ୍ୟତ ଆଫଗାନ ଲୋକଙ୍କ ହାତରେ ରହିବା ଉଚିତ। ସୂଚନା ଅନୁଯାୟୀ ସରକାର ପ୍ରତିଷ୍ଠା ପରେ ତାଲିବାନ ଚୀନ୍ ସରକାରଙ୍କ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିଥିଲା। ତମ୍ବା ଖଣି ଏବଂ ତୈଳ ଭଣ୍ଡାର ପୁଣି ଆରମ୍ଭ କରିବା ପାଇଁ ଚୀନ୍ ଆଫଗାନିସ୍ତାନରେ ବିପୁଳ ନିବେଶ କରିଛି।

ସୂଚନାଯୋଗ୍ୟ ଯେ ୨୦୨୧ରେ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ପରେ ଆମେରିକା ଠିକଣାକୁ ତାଲିବାନ କବ୍‌ଜା କରି ନେଇଥିଲା। କାବୁଲରେ ଆମେରିକା ସମର୍ଥିତ ସରକାରର ପତନ ଘଟାଇଥିଲା। ୧୯୫୦ରେ ସୋଭିଏତ ସଂଘ ଏବଂ ଆମେରିକା ସହାୟତାରେ ବଗରାମ ଏୟାରବେସ୍ ନିର୍ମାଣ କରାଯାଇଥିଲା। ରାଜଧାନୀ କାବୁଲରୁ ୪୦ କିମି ଉତ୍ତରରେ ଅବରାମ ଏୟାରବେସ ଅବସ୍ଥିତ। ଏହା ଆମରିକାର ସବୁଠାରୁ ବଡ଼ ସାମରିକ ଘାଟି ଥିଲା। ୨୦୦୧ ରେ ହୋଇଥିବା ୯/୧୧ ଆକ୍ରମଣ ପରେ ଆମେରିକା ଏହାକୁ ବ୍ୟବହାର କରିବା ଆରମ୍ଭ କରିଥିଲା। ଏହି ବାୟୁସେନା ଘାଟିରେ ବର୍ଗର କିଙ୍ଗ ଏବଂ ପିଜା ହଟ୍ ଭଳି ରେସ୍ତୁରାଁ, ଇଲେକ୍ଟ୍ରୋନିକ୍ସ ଏବଂ ଆଫଗାନ କାର୍ପେଟ ବିକ୍ରୟ କରୁଥିବା ଦୋକାନ ଏବଂ ଏକ ବଡ଼ ଜେଲ୍ ବି ଥିଲା।

୨୦୨୧ରେ ବାଇଡେନ ପ୍ରଶାସନ ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର କରିଥିଲେ। ପରେ ତାଲିବାନ ବଗରାମ ବାୟୁସେନା ଘାଟି ଏବଂ ସରକାରଙ୍କୁ ବିତାଡ଼ିତ କରି ନିଜେ ଶାସନ କରିଥିଲା। ଟ୍ରମ୍ପ କ୍ରମାଗତ ଭାବେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ନିଷ୍ପତ୍ତିକୁ ସମାଲୋଚନା କରି ଚାଲିଛନ୍ତି। ସେ କେବେ ବି ବଗରାମ ଛାଡିବେ ନାହିଁ ବୋଲି କହିଛନ୍ତି। ଗତ ମାର୍ଚ୍ଚରେ ଏହି ସେନା ଘାଟିକୁ ରଖିବାକୁ ଚାହାନ୍ତି ବୋଲି ଟ୍ରମ୍ପ କହିଥିଲେ। ଚୀନ୍ ଉପରେ ନଜର ରଖିବା ଏବଂ ଆଫଗାନିସ୍ତାନର ଖଣିଜ ସମ୍ପଦ ପର୍ଯ୍ୟନ୍ତ ପହଞ୍ଚିବା ଏହାର ଉଦ୍ଦେଶ୍ୟ। ଏହା ପୂର୍ବରୁ ଟ୍ରମ୍ପ ପାନାମା କେନାଲ ଏବଂ ଗ୍ରୀନଲାଣ୍ଡ ଭଳି କ୍ଷେତ୍ରକୁ କବ୍‌ଜା କରିବାକୁ କହିଥିଲେ। କାନାଡ଼ାକୁ ମଧ୍ୟ ଆମେରିକୀୟ ରାଜ୍ୟ କରିବାର ଇଚ୍ଛା ପ୍ରକଟ କରିଥିଲେ। ଏବେ ବଗରାମ ଉପକାରେ ସେ ଆଖି ପକାଇଛନ୍ତି।

**ବଗରାମରେ ଚୀନ୍ ନିର୍ମାଣ କରୁଛି ପରମାଣୁ ଅସ୍ତ୍ର**

**ଆମେରିକା ସେନାଙ୍କ ଉପସ୍ଥିତିକୁ ବରଦାସ୍ତ କରାଯିବନି: କାବୁଲ**



## ସୁରକ୍ଷା ଲାଗି କରତାରପୁର କରିଡର ଏବେ ଖୋଲିବ ନାହିଁ

ଅମୃତସର, ୨୧।୯ (ଏଜେନ୍ସି): ପାକିସ୍ତାନର ନାରେୱାଲ ଜିଲ୍ଲାରେ ଥିବା କରତାରପୁର ସାହିବ ଗୁରୁଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦିଆଯାଇଛି। କିନ୍ତୁ ଭାରତ ସରକାର ଏହି କରିଡର ଖୋଲିବା ନେଇ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଫଳରେ ପଞ୍ଜାବ କଂଗ୍ରେସ, ଆମ ଆଦମୀ ପାର୍ଟି ଓ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି) ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଡ଼ା ବିରୋଧ କରିଛନ୍ତି। ସୁରକ୍ଷା ତଥା ନିରାପତ୍ତା କାରଣରୁ ଏହି କରିଡରକୁ ଖୋଲାଯିବ ନାହିଁ ବୋଲି କୁହାଯାଇଛି।

ପାକିସ୍ତାନ ପଞ୍ଜାବରେ ନିକଟରେ ହୋଇଥିବା ଭୟଙ୍କର ବନ୍ୟା ଯୋଗୁ କରତାପୁର ଗୁରୁଦ୍ୱାର ପରିସରରେ ୧୧ ଫୁଟ ପର୍ଯ୍ୟନ୍ତ ପାଣି ଭରି ଯାଇଥିଲା ଓ ଏଥିପାଇଁ ଗୁରୁଦ୍ୱାରକୁ ବନ୍ଦ କରିବାକୁ ପଡିଥିଲା। ଏବେ ବନ୍ୟା ଚାଲିଯିବା ପରେ ମରାମତି ଓ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଉଛି। କିନ୍ତୁ ଭାରତୀୟ ଶ୍ରଦ୍ଧାଳୁ ସେଠାକୁ ଯାଇପାରୁ ନାହାନ୍ତି। କାରଣ ଅପରେସନ ସିନ୍ଦୂର ସମୟରୁ କରତାରପୁର କରିଡରକୁ ବନ୍ଦ କରିବାକୁ ପଡିଛି। କିନ୍ତୁ ଯଦି ପାକିସ୍ତାନ ସହିତ ଭାରତ କ୍ରିକେଟ ମ୍ୟାଚ୍ ଖେଳିପାରୁଛି, ତେବେ କରିଡର କାହିଁକି ଖୋଲାଯାଇପାରିବ ନାହିଁ ବୋଲି ଏସ୍‌ଜିପିସି ପ୍ରଶ୍ନ କରିଛି।

## ପୁଣି ଟ୍ରମ୍ପଙ୍କ ଦାବି; ଭାରତ-ପାକ୍ ଯୁଦ୍ଧ ଅଟକାଇଛି

ନ୍ୟୁୟର୍କ, ୨୧।୯ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇବାର ମୋହକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଛାଡ଼ି ପାରୁନାହାନ୍ତି। ଏହି ପୁରସ୍କାରକୁ ହାତେଇବା ପାଇଁ ସେ ପୁଣି ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରିଥିବାର ଦାବିକୁ ଦୋହରାଇଛନ୍ତି। ବାଣିଜ୍ୟ କାରବାର ଆଳରେ ଏ ପର୍ଯ୍ୟନ୍ତ ୭ଟି ଯୁଦ୍ଧ ଅଟକାଇଲିଣି। ତେଣୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି ଟ୍ରମ୍ପ କହିଛନ୍ତି। 'ଆମେରିକାନ କର୍ଣ୍ଣରଷ୍ଟୋନ ଇନଷ୍ଟିଚ୍ୟୁଟ ଫାଉଣ୍ଡର୍ସ ଡିନର'ରେ ସାମିଲ ହୋଇ ଟ୍ରମ୍ପ ଶନିବାର ଏହି ଟିପ୍ପଣୀ ଦେଇଥିଲେ।

**ମୁଁ ନୋବେଲ ପାଇବାକୁ ହକ୍‌ଦାର**

ଟ୍ରମ୍ପ କହିଥିଲେ ଯେ ବିଶ୍ୱସ୍ତରରେ ଆମେ ପୁଣି ଥରେ ଏପରି କାମ କରୁଛୁ, ଯେଉଁଥି ପାଇଁ ଆମେରିକାକୁ ସମ୍ମାନ ଦିଆଯାଉଛି। ପୂର୍ବରୁ କେବେ ଆମକୁ ଏପରି ସମ୍ମାନ ଦିଆଯାଇ ନାହିଁ। ଆମେ ଶାନ୍ତି ଚୁକ୍ତି କରି ଯୁଦ୍ଧ ବନ୍ଦ କରାଉଛୁ। ଭାରତ-ପାକିସ୍ତାନ, ଥାଇଲାଣ୍ଡ-କାମ୍ବୋଡିଆ, ଆର୍ମେନିଆ-ଆଜରବୈଜାନ, କୋସୋଭୋ-ସର୍ବିଆ, ଇସ୍ରାଏଲ-ଇରାନ, ଇଜିପ୍ଟ-ଇଥିଓପିଆ, ରାୱାଣ୍ଡା-କଙ୍ଗୋ ଆଦି ଯୁଦ୍ଧ ବନ୍ଦ କରିଛୁ। ଭାରତ ଏବଂ ପାକିସ୍ତାନର ନେତାଙ୍କୁ ସମ୍ମାନ କରୁଛି। ଉଭୟ ଦେଶ ଆମ ସହ ବାଣିଜ୍ୟ କାରବାର କରିବାକୁ ଚାହୁଁଥିଲେ। ତେଣୁ ଏହାକୁ ପାଥେୟ କରି ଆମେ ଯୁଦ୍ଧ ବନ୍ଦ କରିଥିଲୁ। ଏ ପର୍ଯ୍ୟନ୍ତ ଟ୍ରମ୍ପ ୪୦ ଥର ଏହି ଯୁଦ୍ଧ ବନ୍ଦ ଦାବି କଲେଣି। ୬୦ ପ୍ରତିଶତ ଯୁଦ୍ଧ କେବଳ ବାଣିଜ୍ୟ ପାଇଁ ବନ୍ଦ ହୋଇଛି ବୋଲି ସେ କହିଥିଲେ।

ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେଲେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ହେବେ ବୋଲି ଟ୍ରମ୍ପଙ୍କୁ କୁହାଯାଇଥିଲା। ଏହାର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ ବାକି ସାତୋଟି ଯୁଦ୍ଧ ବନ୍ଦ କରିବାକୁ ନେଇ କ'ଣ ମିଳିବ। ମୋତେ ପ୍ରତ୍ୟେକ ଯୁଦ୍ଧ ବନ୍ଦ ପାଇଁ ନୋବେଲ ପୁରସ୍କାର ମିଳିବା ଉଚିତ। କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କଲେ ନୋବେଲ ପାଇବାକୁ ଯୋଗ୍ୟ ହେବେ ବୋଲି ସେମାନେ କହିଥିଲେ। କାରଣ ଏହା ହେଉଛି ସବୁଠୁ ବଡ଼ ଯୁଦ୍ଧ।

## ଏଲ୍‌ଓସିରେ ଭାରତ-ପାକ୍ ଗୁଳି ବିନିମୟ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପୁଣି ଥରେ ଉତ୍ତେଜନା ସୃଷ୍ଟି ହୋଇଛି। କୁପୱାଡା ଜିଲ୍ଲାର ନାଉଗାଁ ସେକ୍ଟରରେ ପାକିସ୍ତାନ ପୋଷ୍ଟରୁ ୪ ରାଉଣ୍ଡ ଗୁଳିବର୍ଷା କରାଯାଇଥିଲା। ଭାରତୀୟ ଯବାନମାନେ ମଧ୍ୟ ଏହାର କଡ଼ା ଜବାବ ଦେଇଛନ୍ତି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଏବେ ସୀମା ଶାନ୍ତ ରହିଛି। ଏହି ଘଟଣାକୁ ଔପଚାରିକ ଭାବେ ଅସ୍ତ୍ର ବିରତିର ଉଲ୍ଲଂଘନ ବୋଲି କୁହାଯିବ ନାହିଁ ବୋଲି ଭାରତୀୟ ସେନା ସୂତ୍ରରୁ ଜଣାଯାଇଛି। ସେନା ତରଫରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ଉଲ୍ଲେଖଥାଉ କି, ଶୀତରତୁ ଆସିବା ପୂର୍ବରୁ ପାକିସ୍ତାନ ସେନା ଗୁଳିବର୍ଷଣ କରି ଆତଙ୍କବାଦୀମାନଙ୍କୁ ଅନୁପ୍ରବେଶ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଅବଶ୍ୟ ଏ ନେଇ ଭାରତୀୟ ସେନା ଭଲଭାବେ ଅବଗତ ରହିଛି।

## କେନ୍ଦ୍ରର ଭିଡ଼ ନିୟନ୍ତ୍ରଣ ଚିନ୍ତା

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି): ଭିଡ଼ ନିୟନ୍ତ୍ରଣକୁ ନେଇ କେନ୍ଦ୍ର ସରକାରଙ୍କ ଚିନ୍ତା ବୃଦ୍ଧି ପାଇଛି। ଏହାକୁ ନେଇ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ଏବଂ ବଡ଼ ଆୟୋଜନଗୁଡିକ ପାଇଁ ଏଥିରେ ଧ୍ୟାନ ଦିଆଯାଇଛି। କୁମ୍ଭ ଭଳି ମେଳା, ଖେଳ ଷ୍ଟାଡିୟମ, ଧାର୍ମିକ କାର୍ଯ୍ୟକ୍ରମ ଏବଂ ବାବାମାନଙ୍କ ପ୍ରବଚନ ଆଦି ମଧ୍ୟ ସାମିଲ ରହିଛି। ସାମ୍ପ୍ରଦାୟିକ ଦଙ୍ଗା, ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଏବଂ ସାମାଜିକ ଗଣମାଧ୍ୟମରେ ଚାଲିଥିବା ଜନଆକ୍ରୋଶ ମଧ୍ୟ ଏହାର ପରିସରରେ ରହିଛି। ନୂଆ ପରିସ୍ଥିତିକୁ ଦେଖି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି। ସାମାଜିକ ଗଣମାଧ୍ୟମ ଯୁଗରେ ଖୁବଶୀଘ୍ର ଅପପ୍ରଚାର ବ୍ୟାପିଯାଉଛି। ଭିଡ଼ର ନୂଆ ମାନସିକତା ଉପରେ ଗବେଷଣା କରାଯାଇଛି। ଏହାକୁ ଆଧାର କରି 'କ୍ରାଉଡ କଣ୍ଟ୍ରୋଲ ଆଣ୍ଡ ମାସ୍ ଗ୍ୟାଦରିଂ ମ୍ୟାନେଜମେଣ୍ଟ' ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଗତ କିଛି ବର୍ଷ ହେଲା ସାମାଜିକ ଗଣମାଧ୍ୟମରୁ ସୃଷ୍ଟି ହୋଇଥିବା ଆକ୍ରୋଶ ଅଚାନକ ବିକ୍ଷୋଭରେ ବଦଳି ଯାଉଥିବା ଦେଖାଯାଉଛି। ଏଥିଯୋଗୁଁ ଭାରତର ତିନୋଟି ପଡୋଶୀ ଦେଶ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାର ସରକାର ଭୁଶୁଡି ଯାଇଛି। ଏହାକୁ ଦେଖି ଭାରତ ସରକାର ମାର୍ଗଦର୍ଶିକା ଆଣିଥିବା କୁହାଯାଉଛି। 'ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ' ଏହି ଏସଓପି ପ୍ରସ୍ତୁତ କରିଛି। ଏଥିରେ ଅରାଜକତା ସୃଷ୍ଟି କରୁଥିବା ସଭା ପରିଚାଳନାର ଉପାୟ ଦିଆଯାଇଛି। ସାମାଜିକ ଗଣମାଧ୍ୟମ ପରିଚାଳନା ଏବଂ ଏହାର ଜବାବୀ ଉପାୟ ବିଷୟକୁ ମଧ୍ୟ ଯୋଡ଼ା ଯାଇଛି। ଭିଡ଼ ନିୟନ୍ତ୍ରଣ ମଡ୍ୟୁଲାର ମନୋବିଜ୍ଞାନ, ସାମାଜିକ ଏବଂ ଲଜିଷ୍ଟିକ ଦିଗ ସାମିଲ ରହିଛି। ବେଆଇନ ଭାବେ ଗୋଟିଏ ସ୍ଥାନରେ ଏକାଠି ହେବା ଏବଂ ଆକ୍ରମକ ବିକ୍ଷୋଭ ପ୍ରଦର୍ଶନ ପାଇଁ ସୁରକ୍ଷାବାହିନୀ ମୁତୟନର ମଡେଲ ଦିଆଯାଇଛି। ଚାଷୀ ଏବଂ ଶ୍ରମିକଙ୍କ ରାଲି ନିମନ୍ତେ ଅଲଗା ବ୍ୟବସ୍ଥାର ପ୍ରସ୍ତାବ ରହିଛି।

**ଗାଇଡଲାଇନ୍ସ ଜାରି**

# ନେତାଙ୍କୁ ବାସ୍ତୁ ଭୟ: ସଚିବାଳୟ ଛାଡ଼ିଲେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୯ (ଏଜେନ୍ସି):

ଏବେ ରାଜନୀତିରେ ବାସ୍ତୁକୁ ନେଇ ଜୋରସୋର୍‌ରେ ଚର୍ଚ୍ଚା ଚାଲିଛି। ତେଲଙ୍ଗାନାର ସବୁଠାରୁ ଯୁବ ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ (୫୫)ଙ୍କୁ ବାସ୍ତୁଦୋଷ ଭୟ ଘାରିଛି। ସେ ଏତେ ଭୟଭୀତ ହୋଇଯାଇଛନ୍ତି ଯେ ରାଜ୍ୟ ସଚିବାଳୟରେ ଆଉ ବସୁ ନାହାନ୍ତି। ସେ ସଚିବାଳୟର ନୂଆ କୋଠା ଛାଡ଼ି ପଳାଇଛନ୍ତି। ବଞ୍ଜାରା ହିଲ୍ସ ସ୍ଥିତ ହାଇ ସିକ୍ୟୁରିଟି ବ୍ୟବସ୍ଥା ଥିବା ତେଲଙ୍ଗାନା ପୁଲିସର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟରରୁ କାମ କରୁଛନ୍ତି। ସଚିବାଳୟର ନୂଆ କୋଠାରେ ବାସ୍ତୁଦୋଷ ରହିଛି ବୋଲି ସେ କହୁଛନ୍ତି। ରେଭନ୍ତଙ୍କ ସମ୍ବନ୍ଧିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୬୫୦ କୋଟି ଟଙ୍କାରେ ପ୍ରସ୍ତୁତ ଏହି ୭ ମହଲା ବିଶିଷ୍ଟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ଭବ୍ୟ କାର୍ଯ୍ୟାଳୟ ରହିଛି। ମନ୍ତ୍ରୀ, ମୁଖ୍ୟ ସଚିବଙ୍କ ସମେତ ପ୍ରମୁଖ ଅମଲାତାନ୍ତ୍ରିକ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏଠାରେ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଆରଏସ ମୁଖ୍ୟ କେ.ଚନ୍ଦ୍ରଶେଖର ରାଓଙ୍କ ସମୟରେ ଏହି କୋଠା ନିର୍ମାଣ ହୋଇଥିଲା। ସେ ୨୦୨୩ ଏପ୍ରିଲ ୩୦ରେ ଏହାକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ଡିସେମ୍ବରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ ହାରି ଯାଇଥିଲେ। ପରେ କଂଗ୍ରେସ ନେତା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

ପୁରୁଣା ସଚିବାଳୟ କୋଠାରେ ବାସ୍ତୁଦୋଷ ଥିବା ଭାବି କେସିଆର ନୂତନ ସଚିବାଳୟ ନିର୍ମାଣ କରିଥିଲେ। ଏଥିପାଇଁ ବାସ୍ତୁ ନୀତି ଅନୁସରଣ କରି କାର୍ଯ୍ୟାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦୁଇ ଥରର କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୨୪ ଥର ପୁରୁଣା ସଚିବାଳୟ ବୁଲିବାକୁ ଯାଇଥିଲେ। ସେ ତାଙ୍କର ଅଧିକାଂଶ କାର୍ଯ୍ୟ କ୍ୟାମ୍ପ ଅଫିସ ତଥା ବାସଭବନ ପ୍ରଗତି ଭବନରୁ କରୁଥିଲେ।

**ପୁଲିସ କମାଣ୍ଡ ସେଣ୍ଟରରୁ କରୁଛନ୍ତି କାମ**

**୬୫୦ କୋଟିରେ ପ୍ରସ୍ତୁତ ହୋଇଥିଲା ନୂଆ କୋଠା**

କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୋଠାର ମୁଖ୍ୟ ପ୍ରବେଶ ଦ୍ୱାର ପ୍ରଥମେ ପୂର୍ବ ଦିଗକୁ ମୁହଁ କରି ରହିଥିଲା। ପରେ ଏହାକୁ ବନ୍ଦ କରି ଦକ୍ଷିଣ-ପୂର୍ବକୁ ସ୍ଥାନାନ୍ତରିତ କରାଯାଇଥିଲା। କେସିଆର ପ୍ରଥମେ ପୂର୍ବ ଦିଗରୁ ପ୍ରବେଶ କରିଥିଲେ। କିନ୍ତୁ ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସେ ପୂର୍ବ ପ୍ରବେଶ ଦ୍ୱାରକୁ ବନ୍ଦ କରିଦେଇଥିଲେ।

ରେଭନ୍ତଙ୍କ ଘନିଷ୍ଠଙ୍କ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ହେବା ପରଠାରୁ ସେ ନୂତନ କୋଠାରେ ବାରମ୍ବାର ଅଣ-ନିଶ୍ୱାସୀ ଅନୁଭବ କରିଥିଲେ। ପରେ ଯାଞ୍ଚରୁ ବାସ୍ତୁଦୋଷ ଥିବା ଜଣାପଡ଼ିଥିଲା। ଏହାକୁ ସୁଧାରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ପୁଲିସ ନିୟନ୍ତ୍ରଣ କକ୍ଷରେ ରହିବାକୁ ପସନ୍ଦ କରିଥିଲେ। ସେ କେବଳ ସ୍ୱତନ୍ତ୍ର ପ୍ରତିନିଧି କିମ୍ବା ଅତିଥିଙ୍କୁ ଭେଟିବା ସମୟରେ ନୂତନ ସଚିବାଳୟକୁ ଯାଇଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଘନିଷ୍ଠଙ୍କ ଅନୁଯାୟୀ କେସିଆରଙ୍କ ଅନେକ ବିଶ୍ୱସ୍ତ କର୍ମଚାରୀ ସଚିବାଳୟରେ ରହିଛନ୍ତି। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ରେଭନ୍ତ ନୂତନ କୋଠାକୁ ଯିବା ପରେ ଅନେକ ବୈଠକ କରିଥିଲେ। କିନ୍ତୁ ଏହାର ସବୁ ସୂଚନା ବାହାରକୁ ବାହାରି ଯାଇଥିଲା। ବର୍ଷ ଆରମ୍ଭରେ ଫୋନ୍ ଟ୍ୟାପିଂ ଦୁର୍ନୀତି ରେଭନ୍ତଙ୍କ ସନ୍ଦେହକୁ ଆହୁରି ମଜବୁତ କରିଥିଲା। ଏହା ପରେ ରେଭନ୍ତ ଧୀରେ ଧୀରେ ପୋଲିସ କମାଣ୍ଡ ସେଣ୍ଟରକୁ ସ୍ଥାନାନ୍ତରିତ ହେବା ଆରମ୍ଭ କରିଥିଲେ।



ନାମ ଗୋପନ ରଖି ଜଣେ ବିଆରଏସ ନେତା କହିଛନ୍ତି ଯେ କେସିଆର ନିଜର ରାଜନୈତିକ ଉତ୍ତରାଧିକାରୀ ତଥା ପୁଅ କେ.ଟି. ରାମା ରାଓଙ୍କ ପାଇଁ ନୂତନ କୋଠା ନିର୍ମାଣ କରିଥିଲେ। ଅଗ୍ନି ସୁରକ୍ଷା ମାନ ଖରାପ ଥିବା ଦର୍ଶାଇ ସେ ପ୍ରାୟ ୭୦ କୋଟି ଟଙ୍କା ବ୍ୟୟ କରି ପୁରୁଣା ସଚିବାଳୟକୁ ଭାଙ୍ଗି ଦେଇଥିଲେ।

କରୋନା ସମୟରେ ଏପରି କରାଯାଇଥିଲା। ସେତେବେଳେ ରାଜ୍ୟ ଭୟଙ୍କର ଆର୍ଥିକ ସଙ୍କଟରେ ଥିଲା। ତେଣୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଅଯଥାରେ ଅର୍ଥ ବ୍ୟୟ କରୁଥିବା କହିଥିଲେ। ଅପବ୍ୟୟ ଖର୍ଚ୍ଚ ବୋଲି କହିଥିଲେ। ଏହା ସତ୍ତ୍ୱେ କେସିଆର ବିଆରଏସକୁ ଏକ ଜାତୀୟ ଶକ୍ତି ଭାବରେ ପୁନର୍ଗଠିତ କରିବାକୁ ଚାହିଁଥିଲେ।

୨୦୨୩ ବିଧାନସଭା ନିର୍ବାଚନରେ ପରାଜୟ ପରେ କେସିଆର ବଞ୍ଜାରା ହିଲ୍ସରେ ଥିବା ଦଳୀୟ ମୁଖ୍ୟାଳୟ 'ତେଲଙ୍ଗାନା ଭବନ'ର ମୁଖ୍ୟ ପ୍ରବେଶ ଦ୍ୱାରର ଦିଗ ପରିବର୍ତ୍ତନ କରିଥିଲେ। ପୂର୍ବରୁ ତେଲଙ୍ଗାନା ଭବନର ମୁଖ୍ୟ ଦ୍ୱାର ଉତ୍ତର-ପଶ୍ଚିମ ଦିଗକୁ ଥିଲା। ମାତ୍ର ପରେ ଉତ୍ତର-ପୂର୍ବ ଦିଗରେ ଆଉ ଏକ ଦ୍ୱାର ଖୋଲାଯାଇଥିଲା। ଜଣେ ଦଳୀୟ ନେତା କହିଥିଲେ ଯେ କୋଠା ସାମ୍ନାରେ ଏକ ବିଧି ପୋଟୁ ତଥା ଟି-ଜଙ୍କସନ୍ ଅଛି। ଯେଉଁଠାରେ ତିନୋଟି ରାସ୍ତା ଗୋଟିଏ ସ୍ଥାନରେ ମିଶୁଛି। ବାସ୍ତୁ ଅନୁସାରେ ଏହା ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ଏହାକୁ ଦୂର କରିବା ପାଇଁ ମୁଖ୍ୟ ଦ୍ୱାରର ଦିଗ ପରିବର୍ତ୍ତନ କରାଯାଇଥିଲା।

## ମହାଳୟା ଅମାବାସ୍ୟା

# ପିଣ୍ଡଦାନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



ପୁରୀ,୨୧।୯ (ସମିସ): ଆଶ୍ୱିନ ଅମାବାସ୍ୟା ତିଥିକୁ ମହାଳୟା ଅମାବାସ୍ୟା କୁହାଯାଏ। ରବିବାର ଏହି ପବିତ୍ର ତିଥିରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ବାହାରେ ଏବଂ ବିଭିନ୍ନ ତୀର୍ଥ ପୁଷ୍କରିଣୀ ତଥା ମହୋଦଧିରେ ଶ୍ରାଦ୍ଧ ଓ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ମନେ ପକାଇଛନ୍ତି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷର ଶେଷ ଦିବସ ହୋଇଥିବାରୁ ସକାଳୁ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା ଶ୍ରୀକ୍ଷେତ୍ର। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାକୁ ପହଞ୍ଚିଥିଲେ। ବିଶ୍ୱାସ ରହିଛି ଆଜିର ଦିନରେ ଶ୍ରଦ୍ଧାର ସହ ଶ୍ରାଦ୍ଧ, ପିଣ୍ଡଦାନ ଓ ତର୍ପଣ କଲେ ପିତୃଗଣ ସନ୍ତୁଷ୍ଟ ହୋଇଥା'ନ୍ତି। ସେମାନଙ୍କ ଆତ୍ମାକୁ ଶାନ୍ତି ମିଳିବା ସହ ସେମାନେ ନିଜ ନିଜ ପରିବାରକୁ ଆଶୀର୍ବାଦ ପ୍ରଦାନ କରିଥା'ନ୍ତି। ବିଶେଷକରି ଶ୍ରୀକ୍ଷେତ୍ରରେ ପିଣ୍ଡଦାନ କଲେ ପିତୃପୁରୁଷ ମୁକ୍ତିଲାଭ କରନ୍ତି ବୋଲି ବିଶ୍ୱାସ ରହିଛି। ସେହି ବିଶ୍ୱାସକୁ ଆଧାରକରି ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ, ଗହମ ଛତୁଆ, ଅଟା, ପଞ୍ଚାମୃତରେ ପିଣ୍ଡ ପ୍ରସ୍ତୁତ କରି ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥା'ନ୍ତି। ବାଇଶିପାହାଚରେ ଶ୍ରାଦ୍ଧ କର୍ମ ବନ୍ଦ ରହିଥିବାରୁ ଉତ୍ତର ଦ୍ୱାର ପାଶ୍ୱର୍ରେ ବସି ପିଣ୍ଡଦାନ କରିଛନ୍ତି ଶ୍ରଦ୍ଧାଳୁ।

ମହାଳୟା ଅମାବାସ୍ୟା ଏକ ପବିତ୍ର ଦିନ। ୧୫ ଦିନ ଧରି ଚାଲିଥିବା ପିତୃପକ୍ଷର ଏହା ଅନ୍ତିମ ଦିବସ। ଏହି ଅନ୍ତିମ ଦିବସରେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ଏହି ମହାଳୟା ଶ୍ରାଦ୍ଧର ବିଶେଷତ୍ୱ ହେଉଛି ପିତୃକୁଳର ତିନିପୁରୁଷଙ୍କ ସହିତ ମାତୃକୁଳର ତିନି ପୁରୁଷଙ୍କୁ ମଧ୍ୟ ପିଣ୍ଡଦାନ କରାଯାଇଥାଏ। ତେଣୁ ଏହି ଶ୍ରାଦ୍ଧକୁ ମଉଳା ଶ୍ରାଦ୍ଧ ବୋଲି କୁହାଯାଏ। ପିତୃକୁଳର ପିତା, ପିତାମହ, ପ୍ରପିତାମହ ଓ ମାତୃକୁଳର ମାତାମହ, ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ। ଏଥିପାଇଁ ଶ୍ରୀକ୍ଷେତ୍ରକୁ ବହୁ ଶ୍ରଦ୍ଧାଳୁ ଆସିଥା'ନ୍ତି।

# ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବେତନଟୀ,୨୧।୯ (ସମିସ): ସ୍ୱାମୀର ଠେଙ୍ଗାମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ପୁରିନ୍ଦା ପଞ୍ଚାୟତର ଫଂସା ଗାଁରେ ପାରିବାରିକ କଳହରୁ ଏଭଳି କରୁଣ ପରିସ୍ଥିତି ଘଟିଛି। ମୃତକ ହେଲେ ସତ୍ୟଭାମା ମହାନ୍ତ। ରବିବାର ଦ୍ୱିପହରରେ ସ୍ୱାମୀ ଗଣେଶ ମହାନ୍ତ ସାମାନ୍ୟ କଥାରୁ ଉତ୍କ୍ଷିପ୍ତ ହୋଇ ପତ୍ନୀ ସତ୍ୟଭାମାଙ୍କୁ ମାଡ଼ ମାରିଥିଲେ। ମନଦୁଃଖରେ ଖଟିଆରେ ସତ୍ୟଭାମା ଶୋଇଥିବାବେଳେ ଗଣେଶ ପୁଣି ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ସତ୍ୟଭାମାଙ୍କର ମୃତ୍ୟୁ ଘଟିଛି। ସତ୍ୟଭାମାଙ୍କ ଝିଅ ପଡ଼ୋଶୀ ଲୋକଙ୍କ ସହ ଜଙ୍ଗଲକୁ କାଠ ଗୋଟେଇବାକୁ ଯାଇଥିବାବେଳେ ଗଣେଶ ଏକାକୀ ପାଇ ଏଭଳି ତୁମୁଳକାଣ୍ଡ ଭିଆଇଥିବା କୁହାଯାଉଛି। ଗ୍ରାମବାସୀ ବେତନଟୀ ପୁଲିସକୁ ଖବର ଦେବାରୁ ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ସ୍ୱାମୀ ଗଣେଶ ମହାନ୍ତକୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି।

# ବାଣ ଗୋଦାମରେ ବିସ୍ଫୋରଣ: ୨ ମୃତ, ୧୨ ଆହତ



ହରଭଙ୍ଗା,୨୧।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଜିଆଁକଟା ଗ୍ରାମରେ ରବିବାର ସକାଳେ ଭୟଙ୍କର ବାଣ ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ଜଣ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପଟେ ଭୟଙ୍କର ବିସ୍ଫୋରଣରେ ବିଦ୍ୟୁତ୍ ଖୁଣ୍ଟ ଠାରୁ ଆରମ୍ଭ କରି ଘର,ଅଟୋ,ବାଇକ୍ ଏପରିକି ବାଣଥିବା ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଭୟଙ୍କର ବିସ୍ଫୋରଣ ଶବ୍ଦରେ ଲୋକଙ୍କ ଛାତିଥରି ଉଠିଥିଲା। ଖବରପାଇ ଘଟଣାସ୍ଥଳରେ ବୌଦ୍ଧ ଏସ୍‌ପି ରାହୁଲ ଗୋୟେଲ,ବୌଦ୍ଧ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ,ବୌଦ୍ଧ ଉପଜିଲ୍ଲାପାଳ ବିନୟ କୁମାର ଭୋଇ,ହରଭଙ୍ଗା ତହସିଲଦାର ବଳଦେବ ବେହେରା,ଅତିରିକ୍ତ ତହସିଲଦାର ସନ୍ଦିପ ଶୁଭଦର୍ଶନ ଧଳ,ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସେଠୀ,ହରଭଙ୍ଗା ଅଗ୍ନିଶମ ବାହିନୀ,ବୌଦ୍ଧ ଆଇଆଇସି ନଳିନୀକାନ୍ତ ଦାସ,ପୁରୁଣାକଟକ ଆଇଆଇସି ଅରୁଣ କୁମାର ସିଂ,ହରଭଙ୍ଗା ଆଇଆଇସି ବାଲ୍ମିକୀ ପ୍ରଧାନଙ୍କ ସମେତ ଓଡ୍ରାଫ୍ ଟିମ୍, ଅଗ୍ନିଶମ ,ସାଇଣ୍ଟିଫିକ୍ ଟିମ୍,ଡଗ୍ ସ୍କ୍ୱାର୍ଡ,ବମ୍ ଡିଟେକ୍ସନ ଏବଂ ପୁଲିସ ଟିମ୍ ପ୍ରମୁଖ ଘଟଣାସ୍ଥଳରେ ପହଁଞ୍ଚି ଘଟଣାର ତଦନ୍ତ କରିବା ସହ ଉଦ୍ଧାର କାର୍ଯ୍ୟ କରିଥିଲେ। ଲକ୍ଷ୍ମୀଧର ବେହେରା(୫୦)ଙ୍କ ସହ ଆଉ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏହା ସହିତ ଭଗବାନ ବେହେରା, ଅନନ୍ତ ବେହେରା, ଶାନ୍ତି ବାଘ,ଶ୍ରୀମନ୍ତ ବାଘ,ଅମର ବେହେରା, ମୋହନ ବେହେରା, କୁମୁଦିନୀ ବେହେରା, ଖଗେଶ୍ୱର ବେହେରା, ପ୍ରବାସୀ ବେହେରା, ଚନ୍ଦ୍ରିକା ବେହେରା,ରେଖା ବେହେରାଙ୍କ ସମେତ ୧୨ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ଅନ୍ୟପଟେ ରମା ଭୋକ୍ତା ନାମକ ଜଣେ ମହିଳା ନିଖୋଜ ଥିବା କୁହାଯାଉଛି। ସେହିପରି ଗ୍ରାମରେ ସତ୍ୟନାରାୟଣ ନାୟକ ସମେତ ପାଖ ଆଖରେ ଥିବା ଅନେକ ଲୋକଙ୍କ ପକ୍କାଘର ,ଆଜବେଷ୍ଟସ୍ ଘର ଭାଙ୍ଗିଥିବା ଜଣାପଡିଛି। ସୂଚନା ଅନୁସାରେ ଜିଆଁକଟା ଗ୍ରାମର ମାଗିସାହୁ ନାମକ ବ୍ୟକ୍ତି ଏକ ସିଲଭର ଫ୍ୟାକ୍ଟ୍ରି କରି କଂସାବାସନ କରି ବହୁଦିନ ହେଲା ସେଠାରେ ବ୍ୟବସାୟ କରୁଥିଲେ। ସେ ୧୦/୧୨ଟି ଛୋଟ ଛୋଟ ଆଜବେଷ୍ଟସ ଛପର ଘରକୁ ଭଡ଼ା ରେ ଦେଇଥିଲେ। ସେହି ଘରେ ପ୍ଲାଷ୍ଟିକ୍ ବ୍ୟବସାୟ ଠାରୁ ଆରମ୍ଭ କରି ମୁଢ଼ି ବ୍ୟବସାୟ କରୁଥିବା ଲୋକଙ୍କ ସହିତ କିଛି ଶ୍ରମିକ ଶ୍ରେଣୀର ଲୋକେ ସେଠାରେ ଭଡ଼ାରେ ରହୁଥିଲେ। ରବିବାର ସକାଳେ ପ୍ରାୟତଃ ସମସ୍ତେ କାମଧନ୍ଦାରେ ବାହାରି ଯାଇଥିଲେ। ସକାଳ ପ୍ରାୟ୧୦.୩୦ ସମୟରେ ଉକ୍ତ ଘରୁ ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ଚାରିଆଡ ଧୂଆଁମୟ ହୋଇଯାଇଥିଲା। ବିସ୍ଫୋରଣର ପ୍ରକୋପ ଏତେ ଭୟଙ୍କର ରହିଥିଲା ଯେ ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ଏବଂ ଚାରିଛକ ବଜାରରେ ଏକ ଭୂମିକମ୍ପ ଭଳି କମ୍ପନ ସୃଷ୍ଟି ହେବା ସହିତ ଲୋକଙ୍କ ଦୋକାନ ଘର କାଚ ଭାଙ୍ଗିଯାଇଥିଲା। ଏପରିକି ଅନେକ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଗୁରୁତର ଅବସ୍ଥାରେ ଅନେକ ଚିକିତ୍ସାଧିନ ଥିବା ଜଣାପଡିଛି। ଘଟଣାସ୍ଥଳରେ ବିଭିନ୍ନ ପ୍ରକାର ବାଣର ଖୋଳପା ପଡିଥିବା ଦେଖିବା ପରେ ବେଆଇନ ଭାବେ ଘରେ ଗଚ୍ଛିତ ଥିବା ବାଣରୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଅନ୍ୟପଟେ କ୍ଷତିପୂରଣ ଦାବିରେ ଲୋକେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ ପ୍ରଶାସନିକ ଟିମ୍ ସହିତ ସ୍ଥାନୀୟ ବିଜେପି ନେତା ଶୁଶାନ୍ତ ପ୍ରଧାନ, ଅଶୋକ କୁମାର ଅଗ୍ରୱାଲା ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ କ୍ଷତିପୂରଣ ପ୍ରତିଶ୍ରୁତି ଦେବାପରେ ଦୀର୍ଘ ୪ଘଣ୍ଟା ପରେ ରାସ୍ତାରୋକ ହଟିଥିଲା। ଅନ୍ୟପଟେ ସନ୍ଧ୍ୟା ୫.୩୦ପର୍ଯ୍ୟନ୍ତ ଘଟଣାସ୍ଥଳରେ ୩ଟି ଜେସିବି ସାହାଯ୍ୟରେ ମାଟିରେ ମିଶିଥିବା ଘରର ସଫା କରାଯାଇ ମୃତାହତଙ୍କ ଅନୁସନ୍ଧାନ କରାଯାଇଥିଲା। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନୀରିହ ଗାଁ ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମଝି ସମୁଦ୍ରରେ ଡଙ୍ଗା ଉପରେ ବଜ୍ରପାତ

## ବାପା ମୃତ, ପୁଅ ନିଖୋଜ

ମହାକାଳପଡ଼ା,୨୧।୯ (ସମିସ): ମାଛ ଧରିବା କାଳ ହୋଇଛି। ମଝି ସମୁଦ୍ରରେ ବଜ୍ରପାତ ଯୋଗୁଁ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଥିବାବେଳେ ପୁଅ ନିଖୋଜ ହୋଇଯାଇଛି। ମହାକାଳପଡ଼ା ବ୍ଲକ୍‌ରେ ଏଭଳି ଦୁଃଖଦ ଘଟଣା ଘଟିଛି। ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଗ୍ରାମର ମତ୍ସ୍ୟଜୀବୀ ବିଜୟ ପରିଡ଼ା ଓ ତାଙ୍କ ପୁଅ ଗୁଲିଆ ପରିଡ଼ା ମାଛ ଧରିବାକୁ ଡଙ୍ଗାରେ ସମୁଦ୍ରକୁ ଯାଇଥିଲେ। ଶନିବାର ଅପରାହ୍ଣରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିବାବେଳେ ଡଙ୍ଗା ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ବିଜୟ ପରିଡ଼ା ସେହି ଜାଲ ଡଙ୍ଗା ଉପରେ ଟଳି ପଡ଼ିଥିଲେ। ରବିବାର ସକାଳେ ଅନ୍ୟ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବାବେଳେ ଡଙ୍ଗା ଭାସୁଥିଲା ଓ ବିଜୟଙ୍କ ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେବା ସହିତ ଉଦ୍ଧାର କରିଥିଲେ। ବାପା ସାଙ୍ଗରେ ଯାଇଥିବା ପୁଅ ଗୁଲୁଆ ପରିଡ଼ା ନିଖୋଜଥିବା ଜଣାପଡ଼ିବା ପରେ ବନ ବିଭାଗ, ପୁଲିସ ଟିମ୍ ବୋଟ୍ ସାହାଯ୍ୟରେ ଖୋଜାଖୋଜି ଜାରି ରଖିଥିବା ପୂର୍ବତନ ସରପଞ୍ଚ ମନୋଜ କୁମାର ପାତ୍ର କହିଛନ୍ତି।

**ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର**

# ଏଏସ୍‌ଆଇ, ୨ କନେଷ୍ଟବଳ ନିଲମ୍ବିତ

ବାଲେଶ୍ୱର/ବାହାନଗା,୨୧।୯ (ସମିସ): ଏକ ନାବାଳିକା ଅପହରଣ ମାମଲାରେ ପୁଲିସ ହେପାଜତରୁ ଅପହର୍ତ୍ତା ଫେରାର ହେବା ଘଟଣାରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଗୋପାଳପୁର ଥାନାର ଜଣେ ଏଏସ୍‌ଆଇଙ୍କ ସହ ୨ କନେଷ୍ଟବଳଙ୍କୁ ନିଲମ୍ବନ କରିଛନ୍ତି। ଗୋପାଳପୁର ଥାନା ଦୋଳପୁର ଅଞ୍ଚଳର ଏକ ନାବାଳିକାକୁ ଆରୁହାବାଡ଼ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ମା' ଜୁନ ୩୦ରେ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ବାଲେଶ୍ୱର ଏସ୍‌ପି ଗୋପାଳପୁର ଥାନାର ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲର। ପରେ ଏହି ଟିମ ସେପ୍ଟେମ୍ବର ୧୦ରେ ଟ୍ରାକ କରି ଆନ୍ଧ୍ରପ୍ରଦେଶରେ ସମ୍ପୃକ୍ତ ଯୁବକ ଜଣକ ନାବାଳିକାକୁ ଅପହରଣ କରି ରଖିଥିବାର ସନ୍ଧାନ ପାଇଥିଲେ। ପରେ ଏହି ଟିମ୍ ଆନ୍ଧ୍ର ପ୍ରଦେଶ ଯାଇ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକ ସଞ୍ଜୟ ରଥକୁ ଧରିବାରେ ସଫଳ ହୋଇ ଟ୍ରେନ ଯୋଗେ ଓଡ଼ିଶା ଆସୁଥିଲେ। ବିଳମ୍ବିତ ରାତିରେ ଅଭିଯୁକ୍ତ ସଞ୍ଜୟ ରଥ ଟ୍ରେନରୁ ଫେରାର ହୋଇ ଯାଇଥିଲା। ଉକ୍ତ ଟିମ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇ କେବଳ ନାବାଳିକାକୁ ଧରି ଓଡ଼ିଶା ଫେରିଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ଗୋପାଳପୁର ଥାନା ଏଏସଆଇ ଦୀପକ କୁମାର ଭୋଇ, କନେଷ୍ଟବଳ ବିକାଶ କୁମାର ମହାପାତ୍ରଙ୍କ ସହ ବାଲେଶ୍ୱର ରିଜର୍ଭ କନେଷ୍ଟବଳ ସୁଚିତ୍ରା ମାଝୀଙ୍କୁ ନିଲମ୍ବନ କରିଛନ୍ତି।



## ସୁବର୍ଣ୍ଣରେଖା ବନ୍ୟା: କ୍ଷତିଗ୍ରସ୍ତଙ୍କ ଲାଗି ୭.୪୫ କୋଟିର ଆର୍ଥିକ ସହାୟତା

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨୧।୯ (ସମିସ): ଚଳିତ ବିଧାନସଭା ଅଧିବେଶନରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ସୁବର୍ଣ୍ଣରେଖା ନଦୀରେ ୬ଥର ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଲଗାତାର ବନ୍ୟା ପ୍ଳାବିତ ହୋଇ ଥିବାରୁ ସରକାର ଲୋକଙ୍କ ଧନଜୀବନ କ୍ଷୟକ୍ଷତିର ଆକଳନ କରିଛନ୍ତି କି, ଏହା କି ପ୍ରକାର କ୍ଷୟକ୍ଷତି, ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ? ସେହିପରି ବାଲେଶ୍ୱରର ଏହି ସୁବର୍ଣ୍ଣରେଖା ବନ୍ୟାରେ ପ୍ରତିବର୍ଷ ବ୍ୟାପକ କ୍ଷୟକ୍ଷତି ହୋଇ ଆସୁ ଥିବାରୁ ଦୀର୍ଘ ମିଆଦୀ ଯୋଜନାରେ କେଉଁ ପ୍ରକାର ବନ୍ୟା ପ୍ରତିରୋଧ କାର୍ଯ୍ୟକ୍ରମ ନେବାକୁ ସରକାର ସ୍ଥିର କରିଛନ୍ତି କି ? ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ହୋଇଥିବା ବନ୍ୟା ଯୋଗୁଁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ବିଶେଷ ଭାବରେ ପ୍ରଭାବିତ ହୋଇଥିଲା। ବାଲେଶ୍ୱର ଜିଲ୍ଲାରେ ୮ ହଜାର ହେକ୍ଟର ଚାଷ ଜମିରେ ଫସଲହାନୀ ଜନିତ କ୍ଷୟକ୍ଷତି ହୋଇଛି। ସେହିପରି ୮୬ଟି ମତ୍ସ୍ୟ ପୋଖରୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଓ ୨୮ ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଅନୁରୂପ ଭାବେ ମୟୂରଭଞ୍ଜ ଜିଲ୍ଲାରେ ୨୮ ହେକ୍ଟର ଚାଷ ଜମିରେ ଫସଲହାନୀ ଜନିତ କ୍ଷୟକ୍ଷତି ଓ ୨୦୦ ହେକ୍ଟର ଚାଷ ଜମି ବାଲିଚରରେ ପରିଣତ ହୋଇଛି। ୨୧୧ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଏହି ଦୁଇ ଜିଲ୍ଲା ନିମନ୍ତେ ସରକାରଙ୍କ ତରଫରୁ ମୋଟ ୭ କୋଟି ୪୫ ଲକ୍ଷ ଟଙ୍କାର ଆର୍ଥିକ ସହ ସହାୟତା ଯୋଗାଇବାକୁ ଅନୁମୋଦନ ଦିଆଯାଇଛି। ସେହିପରି ବନ୍ୟା ଜନିତ କ୍ଷୟକ୍ଷତିକୁ ରୋକିବା ପାଇଁ ସୁବର୍ଣ୍ଣରେଖା ନଦୀ ବନ୍ଧର ଉଚ୍ଚତା ବୃଦ୍ଧି ସହିତ ସୁଦୃଢ଼ୀକରଣ କାର୍ଯ୍ୟକୁ ହାତକୁ ନିଆଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଉତ୍ତର ରଖିଥିଲେ।

## ସୁବର୍ଣ୍ଣରେଖା ନଦୀରେ ଚୋରମରା ସେତୁ ନିର୍ମାଣ ଲାଗି ଜମି ଅଧିଗ୍ରହଣ

ଜଳେଶ୍ୱର,୨୧।୯(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ବସ୍ତା ଚୋରମରା ଠାରେ ପୋଲ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହେବା ସହ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ପୋଲ ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ବ୍ୟକ୍ତିଗତ ଜମିଅଧିଗ୍ରହଣକାର୍ଯ୍ୟ କେଉଁଠାରେ ଓ ଜମି ମାଲିକଙ୍କ ଜମି ବିବରଣୀ ଦସ୍ତାବିଜ୍ ବସ୍ତା ତହସିଲ ଅଧୀନରେ ଥିବା ହେତୁ ଖତିଆନ ମୁତାବକ ଜମି ମାଲିକଙ୍କୁ କ୍ଷତିପୂରଣ ଦେଇ ଜମିଅଧିଗ୍ରହଣକାର୍ଯ୍ୟ ସମାପ୍ତ କରିବାକୁ ଆଉ କେତେଦିନ ଲାଗିବ ଏଥିଲାଗି କଣ ନିର୍ଦ୍ଦେଶ ଦିଆଯିବ ବୋଲି ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଚଳିତ ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ପୂର୍ତ୍ତ ବିଭାଗ ଦ୍ୱାରା ଚୋରମରାଠାରେ ସୁବର୍ଣ୍ଣରେଖା ନଦୀରେ ପୋଲ ନିର୍ମାଣ କାର୍ଯ୍ୟ ନିମନ୍ତେ ସରକାରୀ ନିୟମ ଅନୁଯାୟୀ ଡାଇରେକ୍ଟ ପରଚେଜ୍ ଦ୍ୱାରା ୧୨ ଏକର ୫୯୫ ଡେସିମିଲ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ ବ୍ୟକ୍ତିଗତ ଜମି ଅଧିଗ୍ରହଣ ପାଇଁ ପୂର୍ତ୍ତ ବିଭାଗ ଲାର୍ମସ୍ ପ୍ରୋଟାଲ୍ ମାଧ୍ୟମରେ ୧୦ ଏକର ୬୬ ଡେସିମିଲ ଜମି ଅଗ୍ରହଣ ନିମନ୍ତେ ଆବେଦନ କରାଯାଇଛି। ଲାର୍ମସ୍ ପ୍ରୋଟାଲରେ ଆବେଦନ ପ୍ରାପ୍ତ ହେବା ପରେ ପ୍ରକଳ୍ପର ଦସ୍ତାବିଜ ଯାଞ୍ଚ କରାଯାଇ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପୂର୍ତ୍ତ ବିଭାଗକୁ ନିବେଦନ କରାଯାଇଛି। ଆବଶ୍ୟକ ରେକର୍ଡପତ୍ର ପ୍ରାପ୍ତ ହେବା ପରେ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ମନ୍ତ୍ରୀ ଉତ୍ତର ରଖିଥିଲେ।

## ନୀଳରକ୍ତ କଙ୍କଡ଼ା ସୁରକ୍ଷା ସଚେତନତା

ବାଲେଶ୍ୱର,୨୧।୯(ସମିସ): ଅନ୍ତର୍ଜାତୀୟ ତଟୀୟ ସ୍ୱଚ୍ଛତା ଦିବସ ଅବସରରେ ଏକ ସମୁଦ୍ରତଟ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର କଲେଜ ଏନ୍ ଏସ୍ ଏସ୍, ଓ୍ୱାଇଲଡ୍ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଆଣ୍ଡ ଫାଉଣ୍ଡେସନ ସେଗ୍ରେର ଭଲ୍ୟୁଣ୍ଟର ସହିତ ସମୁଦ୍ରତଟ ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବ ଓ ସକ୍ରିୟ ସେବକମାନେ ସମୁଦ୍ରତଟରୁ ଘୋଷ୍ଟ ନେଟ୍ ଓ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ସଫା କରିଥିଲେ। କାର୍ଯ୍ୟକ୍ରମରେ ବିଲୁପ୍ତ ପ୍ରାୟ ଭାରତୀୟ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରାଯାଇଥିଲା। ସମୁଦ୍ର ତଟୀୟ ପରିବେଶରେ ଏହି ପ୍ରଜାତିର ଗୁରୁତ୍ୱ, ପ୍ରକୃତି ସନ୍ତୁଳନରେ ଏହାର ଭୂମିକା ଓ ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଆଶ୍ରୟସ୍ଥଳୀ ଧ୍ୱଂସରୁ ବିପଦ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଗଲା। ସେଥିପାଇଁ ରେସ୍କ୍ୟୁ ମାନୁଆଲ୍ ସମ୍ବନ୍ଧୀୟ ପ୍ରାକ୍ଟିକାଲ୍ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା। ଯାହାଦ୍ୱାରା ସେବକମାନେ ସମୁଦ୍ରଜୀବ ସୁରକ୍ଷାରେ ସକ୍ଷମ ହୋଇପାରିବେ। ଏହି ଉଦ୍ୟମରେ ଶିକ୍ଷା ଓ କାର୍ଯ୍ୟର ସମ୍ମିଳନ ହୋଇଥିଲା, ଯୁବପିଢ଼ିଙ୍କ ମନେ ସମୁଦ୍ର ଓ ପ୍ରକୃତି ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି ହେଲା। କାର୍ଯ୍ୟକ୍ରମକୁ ଏନ୍ ଏସ୍ ଏସ୍ ପ୍ରୋଗ୍ରାମ୍ ଅଫିସର କଲ୍ୟାଣୀ ଦାଶ ଓ ସୁଶ୍ରୀ ହେମଙ୍ଗିନୀ ମୁର୍ମୁଙ୍କ ନେତୃତ୍ୱରେ, ବିକାଶ ସାଥୀର ଡ. ବିଶ୍ୱଜୀତ ପଣ୍ଡା, ଶିବବ୍ରତ ସାମଲ ଓ ସରୋଜ ସାହୁଙ୍କ ସକ୍ରିୟ ସହଭାଗୀତାରେ ସଫଳତାର ସହିତ ଆୟୋଜନ କରାଯାଇଥିଲା।

## ଗୁଣିଗାରେଡ଼ି ସନ୍ଦେହରେ ଗୋଡ଼ରେ ବେଡି ପକାଇ ମାଡ଼

ସୋର,୨୧।୯(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମଲିଚୁଆ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ଜଣଙ୍କୁ ନିସ୍ଥୁକ ପିଟିବା ସହିତ ଜଣଙ୍କ ଗୋଡ଼ରେ ବେଡି ପକାଇଥିବା ଜଣାପଡିଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ସୋର ବ୍ଲକ ମହୁମୁହାଣ ଫଚାୟତ ମଲ୍ଲିଚୁଆ ଗ୍ରାମର ଚଇତା ସିଂ(୪୨) ଗତ ଶନିବାର ଦିନ ଘରେ ପୂଜା କରୁଥିଲେ। କେତେକ ଗ୍ରାମବାସୀ ତାଙ୍କୁ ବିରୋଧ କରିବା ସହିତ ଚଇତା ଗୁଣିଗାରେଡି କରି ଗ୍ରାମର ଅନେକ ଲୋକଙ୍କୁ ଅସୁସ୍ଥ କରି ମାରୁଥିବାର ଅଭିଯୋଗ ଆଣି ତାଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂ ବିରୋଧ କରିବାରୁ ସମସ୍ତଙ୍କୁ ଗ୍ରାମବାସୀ ନିସ୍ଥୁକ ମାଡ଼ ମାରିବା ସହିତ ଚଇତାକୁ ବାନ୍ଧି ଦେଇଥିବା ବେଳେ କୌଶଳ କ୍ରମେ ଖସି ପଳେଇ ଆସିଥିଲା। ଆଜି ସକାଳେ ଚଇତା ବାଗୁଡ଼ି ବଜାରରେ ବୁଲୁଥିବା ଦେଖି ଗ୍ରାମବାସୀ ତାଙ୍କୁ ଧରି ନେଇ ଏକ ଚେନରେ ଗୋଡ଼ରେ ବେଡି ପକାଇ ନିସ୍ଥୁକ ମାଡ଼ ମାରିଥିଲେ। ଏ ବାବଦରେ ଚାଇତାଙ୍କ ଭଣଜା ସଜନାଗଡ଼ ଅଞ୍ଚଳର ଗୋବିନ୍ଦ ସିଂ ଜାଣିବା ପରେ ଆଜି ସକାଳେ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସୋର ପୁଲିସ ଘଟଣା ସ୍ଥଳକୁ ଯାଇଥିବା ବେଳେ ସେଠାରେ ପୁଲିସକୁ ରାସ୍ତାରେ ଗଡ଼ ପକାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିଲେ। ଘଟଣାସ୍ଥଳରେ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଚଇତା ସିଂ କୁ ଉଦ୍ଧାର କରି ସୋର ଡାକ୍ତର ଖାନାରେ ଭର୍ତି କରିଥିବା ଜଣାପଡ଼ିଛି।

## ବାଲି ଉତ୍ତୋଳନ ଓ ପରିବହନ ଯୋଗୁଁ ପରିବେଶ ବିପଦରେ

ଜଳେଶ୍ୱର ବ୍ଲକ, ୨୧।୯ (ସମିସ) : ଜଳେଶ୍ୱର ତହସିଲ ଅଧୀନ ଶିଖରପୁର ପଞ୍ଚାୟତର ବିଭିନ୍ନ ବାଲି ସୈରାତରେ ବେଧଡକ ବାଲି ଉତ୍ତୋଳନ ଓ ପରିବ୍ହନ ଯୋଗୁଁ ଶିଖରପୁର ସେତୁ ଓ ସଂଲଗ୍ନ ରାସ୍ତା ପ୍ରତି ବିପଦ ଦେଖା ଯିବା ସହ ସ୍ଥାନୀୟ ଅଞ୍ଚଳର ପରିବେଶ ଦିନକୁ ଦିନ ବିଗିଡି ଯାଉଛି ବୋଲି ମିଲିଟାରିବଜାର ଓ ରାଜପୁର ଗ୍ରାମବାସୀ ଜଳେଶ୍ୱର ଥାନାରେ ଲିଖିତ ଅଭି ଯୋଗ କରିଛନ୍ତି। ଅଭିଯୋଗପତ୍ରର ନକଲ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ ଶିଖରପୁର ପଞ୍ଚାୟତରେ ଥିବା ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସୈରାତ ରାତିଦିନ ବେଆଇନ ଭାବେ ବାଲି ଖନନ ସହ ସହ ପରିବହନ କରାଯାଉଛି। ପରିବେଶ ଆଇନ୍‌ର ଉଲଙ୍ଘନ କରାଯାଇ ବାଲି ମାଫିଆ ମାନଙ୍କ ଦ୍ୱାରା ଗ୍ରାମ୍ୟ ରାସ୍ତା ଓ ସେତୁ ଦେଇ ୧୦ ଟନ୍ କ୍ଷମତା ବିଶିଷ୍ଟ ହାଇୱା, ଡମ୍ପର ଚଳାଚଳ କରୁଛି। ବିଶେଷ କରି ବିଳମ୍ବିତ ରାତିରେ ବାଲି ପରିବହନ ହେଉଥିବାରୁ ରାସ୍ତାପାଶ୍ୱର୍ସ୍ଥ ଲୋକେ ଶାନ୍ତିରେ ଶୋଇ ପାରୁ ନାହାଁନ୍ତି। ଗାଡି ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଲୋକଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଏପରିକି ରାସ୍ତା ଓ ସେତୁ ପ୍ରତି ବିପଦରେ ନରେ ସୃଷ୍ଟି ହୋଇଥିବାରୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା




ବାଲେଶ୍ୱର,୨୧।୯(ସମିସ): ରାଣୀପାଟଣା ଦୃଷ୍ଟିହୀନ ଓ ମସ୍ତିଷ୍କ ପକ୍ଷାଘାତ ନିମନ୍ତେ ବିଦ୍ୟାଳୟ ପରିସରରେ ୱାଇଏମସିଏ ଅନୁଷ୍ଠାନ ତରଫରୁ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୱାଇଏମସିଏର ସଭାପତି ସଞ୍ଜୟ କୁମାର ମହାପାତ୍ର, ପ୍ରୋଗ୍ରାମ କମିଟିର ଚେୟାରମ୍ୟାନ ସାଲେମ ବିକ୍ରମ କୁମାର, ଜେନେରାଲ ସେକ୍ରେଟାରୀ ସବିନୟ ବେହେରା, ବୋର୍ଡ ସଭ୍ୟ ଜୟନ୍ତ ମହାପାତ୍ର, ଟ୍ରେଜରର ବି.ବି. ସିହ୍ନା ମଞ୍ଚରେ ଉପସ୍ଥିତ ଥିଲେ। ପ୍ରଥମେ ଶ୍ରୀ ବେହେରା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିବା ପରେ ୱାଇଏମସିଏର ମଞ୍ଚ ଅଳଙ୍କୃତ କରି ୱାଇଏମସିଏର ସୃଷ୍ଟି ଓ ଜନମଙ୍ଗଳ କାର୍ଯ୍ୟକ୍ରମରେ ସେମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପରେ ପରେ ନାଚ, ଗୀତ, ମ୍ୟୁଜିକ ଚେୟାର, କୁଇଜ୍ ଓ ତର୍କ ପ୍ରତିଯୋଗିତାମାନ କରାଯାଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର



ନୀଳଗିରି, ୨୧।୯ (ସମିସ): ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ସଚିନ୍ଦ୍ର ସ୍ୱାଇଁଙ୍କ ଝିଅ କନକ ସ୍ୱାଇଁ (୪୪) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ କେରାଟପଡ଼ିଆ ଗାଁରେ ଘର କରି ରହିଆସୁଥିଲେ। ରବିବାର ସକାଳେ ନିକଟ ଜଙ୍ଗଲ ପାଦଦେଶକୁ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡିଥିଲେ। ଭାଲୁଟି ଅତର୍କିତ ଭାବେ ଆକ୍ରମଣ କରିବାରୁ ମୁଣ୍ଡ, ବାମ କାନରେ ଗଭିର ଆଘାତ ହେବା ସହ ଆକ୍ରମଣରେ କାନ ଛିଣ୍ଡିବା ସହିତ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଚିତ୍କାର ଶୁଣି ଗ୍ରାମଲୋକ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଭାଲୁଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ପରିବାର ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲେନ୍ସ ଯୋଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରିରହିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ରକ୍ତଦାନ ଶିବିର; ୩୦ ୟୁନିଟ୍ ସଂଗ୍ରହ

ନୀଳଗିରି, ୨୧।୯ (ସମିସ): ନୀଳଗିରି ଏକ୍ସିଶ ବ୍ୟାଙ୍କ୍ ପରିସରରେ ଏକ୍ସିସ ବ୍ୟାଙ୍କ୍ ଓଲଡାଙ୍ଗ ଶାଖା ଓ ନୀଳଗିରି ରକ୍ତଦାତା ସଙ୍ଘର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ରକ୍ତଦାନ ଶିବିରକୁ ନୀଳଗିରି ତହସିଲଦାର ସୋନମ୍ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ନିଜେ ମଧ୍ୟ ରକ୍ତଦାନ କରି ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅପରେସନ ହେଡ ମଧୁଛନ୍ଦିତା ନାୟକ, ପ୍ରପିତ ପ୍ରଧାନ, ଅଭିଜିତ ଦାସ, ଗଜେନ୍ଦ୍ର ବେହେରା ମନିଶା ନାୟକ ,ଶୁଭଶ୍ରୀ ବେଜ, ଅଶୋକ ଦଳେଇ, ଶିବାନୀ ଜେନା, ଗୌରୀ ଶଙ୍କର ମହାନ୍ତି ଗାୟତ୍ରୀ ମଲ୍ଲିକ, ପ୍ରଶାନ୍ତ ସେଠୀ, ଡାକ୍ତର ରୋଜାଲିନ ଦାସ, ଟେକ୍ନିସିଆନ ରାଜେଶ୍ ବେହେରା, ମଞ୍ଜରୀ ବେହେରା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସର୍ବୋପରି ରକ୍ତଦାତା ସଙ୍ଘ ର ସମ୍ପାଦକ ବିଜୟ କୁମାର ପାତ୍ର, ବଶିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ରବି ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରୁ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇ ଥିବା ଜଣାଯାଇଛି।




## ଓଡ଼ିଶା ରେଲୱେ ହକର୍ସ ୟୁନିଅନ ବାଲେଶ୍ୱର ଶାଖାର ବିକ୍ଷୋଭ




ବାଲେଶ୍ୱର,୨୧।୯(ସମିସ): ଦୀର୍ଘଦିନ ଧରି ବାଲେଶ୍ୱରଠାରୁ ଖଡ଼ଗପୁର ଷ୍ଟେସନ ପର୍ଯ୍ୟନ୍ତ ହକର୍ସମାନେ ସ୍ୱଳ୍ପ ପୁଞ୍ଜିରେ ବ୍ୟବସାୟ କରିଥାନ୍ତି। ଏବେ ବି ଇଷ୍ଟକୋଷ୍ଟ ଡିଭିଜନ ସମେତ ଦକ୍ଷିଣ ପୂର୍ବ ରେଳ ଡିଭିଜନର ଖଡ଼ଗପୁର ଠାରୁ ହାୱାଡା ପର୍ଯ୍ୟନ୍ତ ଏହି ହର୍କିଂ ବ୍ୟବସ୍ଥା ଲାଗୁ ଅଛି। ବାଲେଶ୍ୱର ଷ୍ଟେସନରୁ ହକର୍ସ ମାନେ ଟ୍ରେନ ଚଢି ପାରିବେ ନାହିଁ କି ଷ୍ଟେସନରେ ରହି ରେଳଯାତ୍ରୀଙ୍କୁ ବିକ୍ରି କରିପାରିବେନି ବୋଲି ଉପରୁ ରେଳ ବୋର୍ଡରୁ ଆଦେଶ ଆସିଛି କହି ଆଜକୁ ସପ୍ତାହେ ଧରି ହର୍କିଂ ବନ୍ଦ କରିଦିଆଯାଇଛି। ବାଲେଶ୍ୱର ପ୍ରତି ରେଳ ବିଭାଗ ଏ ଭଳି ବୈମାତୃକ ମନୋଭାବ ବିରୋଧରେ ଆଜି ଓଡିଶା ରେଲୱେ ହକର୍ସ ୟୁନିଅନ, ବାଲେଶ୍ୱର ଶାଖା ତରଫରୁ ଏକ ଗଣ ବିକ୍ଷୋଭ ବାଲେଶ୍ୱର ଷ୍ଟେସନ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମୟରେ ସିଆଇଟିୟୁ ଅନୁବନ୍ଧିତ ଏହି ୟୁନିଅନ ଷ୍ଟେସନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଆରପିଏଫ ଏବଂ ଜିଆରପି ସହିତ ସମନ୍ୱୟ ରକ୍ଷା କରି କାମ କରୁଥିଲେ ମଧ୍ୟ ହଠାତ ଏଭଳି ପଦକ୍ଷେପ ଗରିବ ପରିବାର ମାନଙ୍କ ପେଟରେ ରେଳ ବିଭାଗ ପକ୍ଷାଘାତ କରିଛି ବୋଲି ଆଜିର ବିକ୍ଷୋଭରେ ଏହି ୟୁନିଅନର ସଭାପତି ଶିଶିର ହୁଇ ଉଲ୍ଲେଖ କରିଥିଲେ। ଖଡ଼ଗପୁର ଡିଭିଜନ କୌଣସି ପଦକ୍ଷେପ ତୁରନ୍ତ ନ ନେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦେଇଥିଲେ। ଶତାଧିକ ହକର୍ସ ବିକ୍ଷୋଭକୁ ୟୁନିଅନର ସାଧାରଣ ସମ୍ପାଦକ ମୋହନ ବାରିକ, ଉପ ସଭାପତି ପ୍ରେମ ରଞ୍ଜନ ପାତ୍ର, ସିଆଇଟିୟୁ ଜିଲ୍ଲା ନେତା ରାଜକିଶୋର ଲେଙ୍କା, ବିଜୟ କୁମାର ପାତ୍ର, ଶ୍ୟାମ ସୁନ୍ଦର ଜେନା, ହକର୍ସ ୟୁନିଅନ ନେତା ମଧୁସୂଦନ ରାଉଳ, ସେକ କିସ୍ମତ, ସେକ ଜୁଲୁ, ସୁଶାନ୍ତ ନାୟକ ସମେତ ଅନେକ ନେତୃତ୍ୱ ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର ଷ୍ଟେସନ ମ୍ୟାନେଜର ବିକ୍ଷୋଭ ସ୍ଥାନରେ ଉପସ୍ଥିତି ରହି ଡିଆରଏମଙ୍କ ନିକଟକୁ ଦିଆଯାଇଥିବା ଦାବି ପତ୍ର ଗ୍ରହଣ କରି ତୁରନ୍ତ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ।

## ବାଲି ବୋଝେଇ ଡମ୍ପର ଜବତ

ସୋର, ୨୧।୯(ସମିସ): ଆଜି ସକାଳେ ଖଣି ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ସୋର ଥାନ ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ବାଲି ଗାଡି ଗୁଡିକର କାଗଜପତ୍ର ଯାଞ୍ଚ କରୁଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ବୋଝେଇ ଡମ୍ପରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ପରେ ବାଲି ଚୋରାରେ ଚାଲାଣ ହେଉଥିବାରୁ ଗାଡିକୁ ଜବତ କରି ସୋର ଥାନାରେ ଜିମା ଦିଆଯାଇଥିବା ଜଣାପଡିଛି। ଜାତୀୟ ରାଜପଥରେ ଶତାଧିକ ବାଲି ଗାଡି ଚୋରାରେ ଚାଲାଣ ହେଉଥିବା ବେଳେ ଖଣି ବିଭାଗ ପକ୍ଷରୁ ମାତ୍ର ଗୋଟିଏ ଦୁଇଟି ଗାଡିକୁ ଧରି ବାହା ବାହା ନେଉଥିବାରୁ ଖଣି ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶରତପାଳ କଲେଜ ଅଧକ୍ଷଙ୍କ ଡକ୍ଟରେଟ ଲାଭ



ଶରତପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ପାଳବିହାର , ମହୁଲବରାଇ , ସାରସକଣା ଅଧକ୍ଷ ଭାବେ କାର୍ଯ୍ୟରତ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ ରୁ ଶିକ୍ଷା ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ.ସୁଦର୍ଶନ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ସାହୁଙ୍କ ସନ୍ଦର୍ଭଟି "KNOWLEDGE BELIEF AND ATTITUDE OF STAKEHOLDERS TOWARDS MOTHER TONGUE BASED MULTILINGUAL EDUCATION : A REGIONAL STUDY FROM ODISHA". ହରିୟାଣା ସ୍ଥିତ ଚୌଧୁରୀ ରଣବୀର ସିଂ ବିଶ୍ୱ ବିଦ୍ୟାଳୟ ର ଶିକ୍ଷା ବିଭାଗର Profesor Sandeep Berwal ଏବଂ ମଣିପୁର ବିଶ୍ୱ ବିଦ୍ୟାଳୟର Profesor Keisham Shitaljit Singh (Head Dept . Education)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ. ପୂର୍ଣ୍ଣଚନ୍ଦ୍ର ସାହୁ ମୟୂରଭଞ୍ଜ ଜିଲ୍ଲା ଖେର୍ଣ୍ଣା ଗ୍ରାମର ସ୍ୱର୍ଗତ ବଳରାମ ସାହୁ ଏବଂ ରୁକମଣି ସାହୁଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ ବାରିପଦାର ଆରାଧ୍ୟ ଦେବୀ ମା' ଅମ୍ବିକା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ଅର୍ପଣ କରିବା ସହିତ ପ୍ରଫେସର ଡ.ଚଣ୍ଡିପ୍ରସାଦ ନନ୍ଦ (Director Odisha Research Centre, BBSR) ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ.ଶରତ କୁମାର ରାଉତ ନିଜ ପିତାମାତା , ଧର୍ମପତ୍ନୀ ମିନାରାଣୀ ସାହୁ , କନ୍ୟା ଶ୍ମୃତିରେଖା ସାହୁ, ପୁତ୍ର ପ୍ରିତମ କୁମାର ସାହୁ , ସମସ୍ତ ପରିବାର ବର୍ଗ , ସମସ୍ତ ସହକର୍ମୀ ଏବଂ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

## ଖାଦ୍ୟ ନିରାପତ୍ତା ଗୋଷ୍ଠୀ ତାଲିମ ଶିବିର

ସୋର, ୨୧।୯(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ବଡ଼ଖୁରିସ୍ଥିତ କୃଷି କାର୍ଯ୍ୟାଳୟରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଆନୁକୂଲ୍ୟରେ ଦୁଇ ଦିନିଆ ଖାଦ୍ୟ ନିରାପତ୍ତା ଗୋଷ୍ଠୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ଗୋଷ୍ଠୀ କୃଷି ଅଧିକାରିଣୀ ରଞ୍ଜିତା ଟୁଡୁ, ଆତ୍ମା ଅଧକ୍ଷ ଗିରିଧାରୀ ବେହେରା, ସିମୁଳିଆ ଉଦ୍ୟାନ କୃଷି ଅଧିକାରୀ ସୂର୍ଯ୍ୟ ପ୍ରସାଦ ମିଶ୍ର, ସୋର ଉଦ୍ୟାନ କୃଷି ଅଧିକାରିଣୀ ଶୁଭଶ୍ରୀ ଶୁଭସ୍ମିତା, ମତ୍ସ୍ୟ ଅଧିକାରିଣୀ ସନ୍ଧ୍ୟାରାଣୀ ମୁର୍ମୁ, ଭି ଏସ କାରୁ ମାରାଣ୍ଡି ପ୍ରମୁଖ ଯୋଗଦେଇ ପାକଶାଳା ବଗିଚା, ଶଙ୍କର ଜାତୀୟ ପନିପରିବା ଚାଷ, ଘର ଅଗଣାରେ ଅଣ୍ଡାଦିଆ କୁକୁଡ଼ା ଚାଷ ଏବଂ ଛେଳି ଚାଷ ବାବଦରେ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ତାଲିମ ପ୍ରଦାନ କରିବା ସହିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବାବଦରେ ଅବଗତ କରାଇଥିଲେ। ଏଥିରେ ଶହେରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭିଟିଏମ ଆଦ୍ୟାଶକ୍ତି ସାମଲ, ଏଟିଏମ ସୁବାସ ଚନ୍ଦ୍ର ଦିକ୍ଷୀତ, ପ୍ରଣତି ମହାନ୍ତି ଏବଂ ସାଇପ୍ରଭା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଦୁଇ ଗୁରୁତର

ନୀଳଗିରି, ୨୧।୯ (ସମିସ): ରବିବାର ଏକ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଥିବାର ଜଣା ପଡ଼ିଛି। ନୀଳଗିରି ଏନ୍.ଏ.ସି ର ୯ ନମ୍ବର ୱାର୍ଡର ସିମୁଳିଆ ଗ୍ରାମର ନରସିଂହ ବାରିକର ପୁଅ ରବିନ୍ଦ୍ର ବାରିକ (୩୬) ଘରୁ ସାଇକେଲରେ ନୀଳଗିରି ଆସୁଥିବା ବେଳେ ଶେରଗଡ଼ ପଟୁ ନୀଳଗିରି ଆସୁଥିବା ଏକ ବାଇକ୍ ଆରୋହୀ ଦ୍ରୁତ ଗତିରେ ଆସି ରବିନ୍ଦ୍ରକୁ ଓଲଡଙ୍ଗ ଛକ ନିକଟରେ ବାଡେଇ ଥିଲା। ଘଟଣା ସ୍ଥଳରେ ରବୀନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଛାତିରେ ମଧ୍ୟ ଗୁରୁତର ଭାବେ ମାଡ଼ ହୋଇଅଛି। ସାଇକେଲଟି ସଂପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି। ସେହିପରି ବାଲେଶ୍ୱର ଅଞ୍ଚଳର ଶକ୍ତି ସ୍ୱାଇଁ ଓ ସରୋଜ ବେହେରା ମଧ୍ୟ ଗୁରୁତର ହୋଇଛନ୍ତି। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ପହଞ୍ଚି ସମସ୍ତଙ୍କୁ ନୀଳଗିରି ମେଡ଼ିକାଲକୁ ଅଣାଇଥିଲେ। ବାଇକ୍‌କୁ ପୁଲିସ ଜବତ କରିଛି। ଅବସ୍ଥା ସଙ୍କଟାପନ୍ନ ହେବାରୁ ରବୀନ୍ଦ୍ର ବାରିକ ଓ ସରୋଜକୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ରାଜକୀୟ ପରମ୍ପରା ଓ ବଙ୍ଗୀୟ ଢାଞ୍ଚାରେ ଲକ୍ଷ୍ମଣନାଥ ଗଡ଼ର ଦୁର୍ଗାପୂଜା

ଜଳେଶ୍ୱର, ୨୧।୯ (ସମିସ)



ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଡ଼ିଶା ଓ ପଶ୍ଚିମବଙ୍ଗର ସୀମାନ୍ତରେ ଥିବା ଲକ୍ଷ୍ମଣନାଥ ଗାଁରେ ଅବସ୍ଥିତ ରାୟ ମହାଶୟ ଗଡ। ଏହି ଗାଁରେ ହେଉଥିବା ଦୁର୍ଗାପୂଜା ଅତି ପ୍ରାଚୀନ, ରାଜକୀୟ ଓ ବଂଗୀୟ ଢାଞ୍ଚାରେ ମହାଆଡମ୍ବରରେ ପାଳିତ ହୋଇଥାଏ ବୋଲି ଏହାକୁ ପାର୍ବଣ ବୋଲି କହନ୍ତି। ଏହି ପୂଜାକୁ ଜମିଦାର ରାୟ ମହାଶୟ୧୫୦୮ ଖ୍ରୀଷ୍ଟାବ୍ଦରେ ଆରମ୍ଭ କରିଥିଲେ। ତାଙ୍କର ପରବର୍ତ୍ତୀ ବଂଶଧରମାନେ ୧୭୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜଳେଶ୍ୱର ସହରରେ ଏହିପୂଜା ଅନୁଷ୍ଠିତ କରିଥିଲା। ମହମ୍ମଦ ତୋଗଲକର ଶାସନ କାଳରେ ମହାଶୟଙ୍କ ଦ୍ୱାରା ନିର୍ମିତ ବିଶାଳ ଦୁର୍ଗାମଣ୍ଡପ ମଧ୍ୟ ଧ୍ୱଂସ ପାଇଥିଲା। ଫଳରେ ମହାଶୟ ବଂଶର ଜମିଦାର କାନନଗୋ ଲକ୍ଷ୍ମୀନାରାୟଣ ରାୟ ମହାଶୟ ୧୭୨୦ ଖ୍ରୀଷ୍ଟାବ୍ଦରେ ତାଙ୍କର ବାସସ୍ଥାନ ଜଳେଶ୍ୱରରୁ ଲକ୍ଷ୍ମଣନାଥକୁ ସ୍ଥାନାନ୍ତର କରିବା ସହ ଦୁର୍ଗାପୂଜାକୁ ରାଜକୀୟ ଆଡମ୍ବରରେ ପାଳନ କରିଥିଲେ। ଜମିଦାରୀ ପ୍ରଥା ସମୟରେ ସମଗ୍ର ଜମିଦାରୀ ଇଲାକାରେ ଥିବା ବିଭିନ୍ନ ମାହଲରୁ ପୂଜା ସାମଗ୍ରୀ ଆସୁଥିଲା। ୧୯୫୨ ଖ୍ରୀଷ୍ଟାବ୍ଦରେ ଦେଶରୁ ଜମିଦାର ପ୍ରଥା ଉଚ୍ଛେଦ ପରେ ରାୟ ମହାଶୟଙ୍କ ଦୁର୍ଗାପୂଜା ବନ୍ଦ ହୋଇଥିଲା। ଗଡର କୂଳ ଦେବୀ ମା ଶ୍ୟାମା ସୁନ୍ଦରୀଙ୍କ ଠାରେ ପ୍ରତୀକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀ ଅନ୍ୟତ୍ର ପୂଜା ମଧ୍ୟ ଆରମ୍ଭ କରିଥିଲେ। ୧୯୫୨ ଓ ୧୯୫୩ ଦୁଇବର୍ଷ ରାୟ ମହାଶୟଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପୀଠସ୍ଥଳୀ ଦୁର୍ଗାମଣ୍ଡପରେ ପୂଜା ବନ୍ଦ ରହିଲା। ଫଳରେ ମଣ୍ଡପ ଓ ତାର ଆଖପାଖରେ ବିଭିନ୍ନ ପ୍ରକାର ଅଲୌକିକ ଘଟଣା ଘଟିବାକୁ ଲାଗିଲା। ୧୯୫୩ ଖ୍ରୀଷ୍ଟାବ୍ଦରେ ଅନାବୃଷ୍ଟି ଯୋଗୁଁ ଏ ଅଂଚଳ ବିଶେଷ ପ୍ରଭାବିତ ହୋଇଥିଲା। କେବଳ ରାୟ ମହାଶୟ ନୁହନ୍ତି ଅଂଚଳବାସୀ ମା ଦୁର୍ଗାଙ୍କର କୋପ ଦୃଷ୍ଟି ପଡିଛି ବୋଲି ହୃଦବୋଧ କରିଥିଲେ। ନିକଟବର୍ତ୍ତୀ ତିନି ଚାରି ଗାଁର ମୁଖିଆମାନେ ରାୟ ମହାଶୟଙ୍କ ସହ ଆଲୋଚନା ପରେ ପୁଣି ମା' ଦୁର୍ଗାଙ୍କ ପୂଜା ପୁଣି ପୂର୍ବ ରିତୀନିତୀରେ ପୀଠସ୍ଥଳି ଦୁର୍ଗାମଣ୍ଡପରେ କରାଯିବାର ସିଦ୍ଧାନ୍ତ ହୋଇଥିଲା। ଗ୍ରାମବାସୀ ଓ ରାୟ ମହାଶୟଙ୍କ ସାହାଯ୍ୟ ଓ ସହଯୋଗରେ ପୁଣି ୧୯୫୪ ଖ୍ରୀଷ୍ଟାବ୍ଦରୁ ଦେବୀଙ୍କ ଆଦ୍ୟପୀଠରେ ଅଦ୍ୟାବଧି ଦୁର୍ଗାପୂଜା ଅନୁଷ୍ଠିତ ହୋଇ ଆସୁଛି। ଏହା ସାର୍ବଜନୀନ ଲକ୍ଷ୍ମରନାଥ ଗଡ ଦୁର୍ଗାପୂଜା ବୋଲି ନାମିତ ହେଲା। ଅବଶ୍ୟ ଭୋଗ ରାଗ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀରେ କିଛିଟା କମ୍ ହେଲେ ମଧ୍ୟ ପୂଜାକାର୍ଯ୍ୟ ରାଜକୀୟ ଆଡମ୍ବରରେ ଚାଲି ଆସୁଛି। ସୁଉଚ୍ଚ ମେଢରେ ଥିବା ଦେବୀଙ୍କର ବିଶାଳକାୟ ପ୍ରତୀମା ଲୋକଙ୍କୁ ବିଶେଷ ଭାବେ ଆକର୍ଷିତ କରେ ବୋଲି ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥାଏ। ଏଠାକାର ମୂର୍ତ୍ତିକାରକୁ କ୍ରିଷ୍ଣ ନଗର ଅଞ୍ଚଳର ରାଖାଲ ପ୍ରମାଣିକଙ୍କ ବଂଶଧରମାନେ ପ୍ରତିବର୍ଷ ନିର୍ମାଣ କରି ଆସୁଛନ୍ତି। ଏହା ଗୋଟିଏ ମେଢରେ ନିର୍ମାଣ ହେବାର ପରମ୍ପରା ରହିଛି। ଏହି ଗଡକୁ ଆସିବାପାଇଁ ତିନିପଟେ ଭଲ ରାସ୍ତା ନିର୍ମାଣ ହୋଇଛି। ଚାଫଲାଛକଠାରୁ ଗୁରୁଦାସପୁର ସେତୁ ଦେଇ ଲକ୍ଷ୍ମଣନାଥ, ଅଗ୍ରୱାଲା ଛକରୁ ଲକ୍ଷ୍ମଣନାଥ କିମ୍ବା ଜଳେଶ୍ୱର ସହରର ବାସନ୍ତୀପଡିଆଠାରୁ ଏଠାକୁ ରାସ୍ତାର ସଂଯୋଗୀକରଣ ହୋଇଛି। ଭକ୍ତ ଏଠାକୁ ଆସିବାପରେ ପୌରାଣିକ ଦୁର୍ଗାପୂଜା ବିଶେଷତ୍ୱ ଏବଂ ଏହାର ପାଳନ ପଦ୍ଧତି ସଂପର୍କରେ ହୃଦ୍‌ବୋଧ ହୋଇଥାନ୍ତି। ଏଠାକୁ ପଶ୍ଚିମବଂଗରୁ ବହୁ ଭକ୍ତ ଆସୁଥିବାରୁ ସ୍ଥାନଟି ଭାଇଚାରାରେ ପରିପୂର୍ଣ୍ଣ ହୋଇଥାଏ। ଏକ ସପ୍ତାହ ଧରି ଚାଲିଥିବା ମେଳାରେ ପ୍ରାୟ ୬ଶହରୁ ଅଧିକ ଅସ୍ଥାୟୀ ଦୋକାନଙ୍କ ଦ୍ୱାରା ୭କୋଟି ଟଙ୍କାରୁ ଅଧିକ ଟଙ୍କାର କାରବାର ହୋଇଥାଏ। ଶ୍ରଦ୍ଧାଳୁମାନେ ଦୁର୍ଗାପୂଜା ସହିତ ଶ୍ୟାମା ଦେବୀଙ୍କ ଦର୍ଶନ ଓ ରାଜବାଟୀ ଦର୍ଶନ କରିବାରେ ସୁଯୋଗ ପାଇଥାନ୍ତି। ପୂଜା କମିଟି ଦ୍ୱାରା ସମସ୍ତ ପ୍ରକାର ଆୟୋଜନ କରାଯାଇଥିବା ବେଳେ ନିର୍ଘ ସମୟରେ ଦେବୀଙ୍କ ବିସର୍ଜନ କରାଯାଇଥାଏ। ବଂଗୀୟ ପରମ୍ପରା ଅନୁଯାୟୀ ଦଶହରା ଦିନ ସିନ୍ଦୁର ଖେଳର ବ୍ୟବସ୍ଥା ହୋଇଥାଏ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବା ସହିତ ପୁଲିସ୍, ଦମକଳ ବିଭାଗ ସତର୍କ ରହିଥାନ୍ତି। ତେବେ କମିଟି ପକ୍ଷରୁ ଏଠାରେ ସିସି କ୍ୟାମେରା ଓ ଭିଡ ନିୟନ୍ତ୍ରଣ ଲାଗି ପୁଲିସ୍ ବ୍ୟବସ୍ଥାକୁ ଅଧିକ ଦୃଢ କରାଗଲେ ଭଲ ହେବ ବୋଲି କେତେକ ଗ୍ରାମବାସୀ କହିଛନ୍ତି। ଏହାକୁ ପର୍ଯ୍ୟଟନର ମାନ୍ୟତା ଦେବାକୁ ପୂଜା କମିଟି ସଭାପତି ସୁରେନ୍ଦ୍ର ନାରାୟଣ ରାୟ, ସଂପାଦକ ପାର୍ଥ ଘୋଷାଲ ଓ କୋଷାଧ୍ୟକ୍ଷ ଦେବାଶିଷ ଚାଟାର୍ଜୀ ଦାବି କରିଛନ୍ତି।

## ରକ୍ତଦାନ ଶିବିର, ୧୧୧ ୟୁନିଟ୍ ରକ୍ତ ସଂଗ୍ରହ



ବାଲେଶ୍ୱର,୨୧।୯ (ସମିସ): ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଲାୟନସ କ୍ଲବ ବାଲେଶ୍ୱର ଏମ୍ ପାୱାର ଓ ସରକାର ବୟଜ ୱେଲ ଫେୟାର ସୋସାଇଟିର ମିଳିତ ଆନୁକୂଲ୍ୟରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଅତିଥି ଭାବେ ନାରୀ ନେତ୍ରୀ ତଥା କାଉନସିଲର ମିତା ପଟ୍ଟନାୟକ, କାଉନସିଲର ମୀନା ମହାନ୍ତି ଯୋଗ ଦେଇଥିଲେ। ସଭାପତି ରୀତିକ ଜୀ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ମିତା ମାନ୍ନା, ଉପସଭାପତି ଆସଲାମ ଖାନ, ସମ୍ପାଦକ ମଧୁମିତା ପଲ, କୋଷାଧ୍ୟକ୍ଷ ସିଦ୍ଧାନ୍ତି ପଣ୍ଡା, ପୂର୍ବତନ ସମ୍ପାଦକ ବିଶ୍ୱରୂପ ପରିଡ଼ା, ନିର୍ଦ୍ଦେଶକ ସେଖ ଆୟୁବ, ସେଖ ତାରିକ, ଧୀରେନ ନାୟକ, ସରକାର ବଏଜ ୱେଲ ଫେୟାର ସୋସାଇଟିର ସଭାପତି ଆଦର୍ଶ ମୁଖୀ, ସମ୍ପାଦକ ଦେବୀଦତ୍ତ ପରିଡ଼ା“ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ମାଝୀ, ବାଦଲ ବାରିକ, ସୁଧାଂଶୁ ଶେଖର ମଲ୍ଲିକ, ଜୟନ୍ତ ବାରିକ, ସତ୍ୟବ୍ରତ ଲେଙ୍କା, ନୀତିଶ ଦାସ, କ୍ଷୀରୋଦ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

# ରାସ୍ତା ଶୋଚନୀୟ; ଶୁଣୁନି ପ୍ରଶାସନ

ବାଲେଶ୍ୱର,୨୧।୯ (ସମିସ)

ଲୋକପ୍ରତିନିଧି, ପ୍ରଶାସନର ଅବହେଳାର ଶୀକାର ହୋଇଥିବା ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତର ଜମ୍ବେଶ୍ୱରପୁର ଗ୍ରାମର ଜନଜାତି, ଉପଜାତି, ଆର୍ଥିକ ଅନଗ୍ରସର ବର୍ଗଙ୍କ ଦ୍ୱାରା ବ୍ୟବହାର କରୁଥିବା ପୂର୍ବପଟ ବସ୍ତିଗୁଡ଼ିକୁ ସଂଯୋଗ କରୁଥିବା ଗ୍ରାମର ଅନ୍ୟ ଏକ ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏ ବବାଦରେ ଦୀର୍ଘ ଦିନରୁ ସ୍ଥାନୀୟ ଅଧିବାସୀ ଦାବି ରଖୁଥିଲେ ହେଁ ଆଜିଯାଏଁ କୌଣସି ସୁଫଳ ମିଳିନାହିଁ। ଡାକ୍ତର ପରମାନନ୍ଦ ସେଠୀ ଘରଠାରୁ ଲାଇବ୍ରେରୀ ଖାଲ ଯାଏ ରାସ୍ତାଟି ତିନୋଟି ବସ୍ତିକୁ ସଂଯୋଗ କରୁଛି, ପାଖାପାଖି ଅଧା କିଲୋମିଟରରୁ ଅଧିକ ରାସ୍ତା ବସ୍ତି ମାନଙ୍କର ଜୀବନ ରେଖା। ପିଲାମାନେ ସ୍କୁଲ ଯିବାଠାରୁ, ଜରୁରୀ କାଳୀନ ସେବା ପାଇଁ ଏକମାତ୍ର ରାସ୍ତା ଭାବରେ ବ୍ୟବହାର ହୁଏ। ସେହି ବସ୍ତିରେ ଭିନ୍ନକ୍ଷମ ବର୍ଗରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା ପ୍ରଦର୍ଶନ କରି ରାଜ୍ୟ ପ୍ରତି ଗୌରବ ଆଣିଥିବା ୯୦ ଶତକଡା ଅସ୍ଥିଶଲ୍ୟ ଭିନ୍ନକ୍ଷମ ସୁଧାକର ସେଠୀଙ୍କ ଘର, ବର୍ଷା ଦିନେ ସମ୍ପୂର୍ଣ୍ଣ ଯାତାୟାତ ସମ୍ଭବ ହେଉନାହିଁ। ରୋଗ ହେଲେ ଖଟିଆରେ ବୁହାହେବା ପରିସ୍ଥିତି, ଆଞ୍ଚଳିକ ସୁରକ୍ଷା ମଞ୍ଚର ଆଖିରୁ ଲୁହ ପୋଛିବା ଅଭିଯାନରେ ସମସ୍ୟାଟି ଦୃଷ୍ଟିଗୋଚର ହେବା ଫଳରେ ସ୍ଥାନୀୟ ଅଧିବାସୀଙ୍କ ସହ ଜିଲ୍ଲାପାଳଙ୍କୁ ଆଶୁ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲା। ଦୁଃଖର ପରିତାପର ବିଷୟ, ଦାବିପତ୍ର ପ୍ରଦାନର ଏକ ପକ୍ଷ (୧୫ଦିନ)



ଅତିକ୍ରାନ୍ତ ହୋଇଯାଇଥିଲେ ବି ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ନୀରବତା ଅବହେଳିତ ବର୍ଗ ବ୍ୟବହାର କରୁଥିବା ରାସ୍ତାର ଭବିଷ୍ୟତକୁ ନେଇ ସନ୍ଦେହ ଦେଖାଯାଇଛି। ବିଷୟର ଗୁରୁତ୍ୱକୁ ଉପଲବ୍ଧି କରି ଆସନ୍ତା ଅକ୍ଟୋବର ୩ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜାତିର ପିତାଙ୍କ ପ୍ରତିମୂର୍ତ୍ତି ପାଦଦେଶରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ମଞ୍ଚର କର୍ମକର୍ତ୍ତା ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଏ ବାବଦରେ ସହଦେବଖୁଣ୍ଟା ଥାନାକୁ ବିଧିବଦ୍ଧ ଭାବରେ ଆବେଦନ କରାଯାଇଛି ବୋଲି ଆଞ୍ଚଳିକ ସୁରକ୍ଷା ମଞ୍ଚର ସଭାପତି କମଳଲୋଚନ ରାଉତ ଜଣାଇଛନ୍ତି। ଏଥିସହିତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ସଦର ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଶ୍ରୀ ରାଉତ ଜଣାଇଛନ୍ତି। ବସ୍ତି ବାସିନ୍ଦାଙ୍କ ସମସ୍ୟା ନା ସୁଧୁରିଲା ପର୍ଯ୍ୟନ୍ତ ଧାରଣା ଜାରିରହିବ ବୋଲି ସଂଗଠନର ନିରଞ୍ଜନ ସେଠୀ, ରଞ୍ଜନ କୁମାର ଦାସ, ମୃତ୍ୟୁଞ୍ଜୟ ମହାପାତ୍ର, ସୁଧାକର ରାଉତ, ସଂଜୀବ ଜେନା, ଅଶ୍ୱିନୀ କୁମାର ଦାଶ, ସନ୍ଦୀପ ପ୍ରଧାନ, ସଂଜୀବ ନାୟକ, ସନ୍ୟାସୀ ମୁଖି, ରାକେଶ ଭୂୟାଁ, ମହେଶ କୁମାର ପାଣି ଓ ସ୍ଥାନୀୟ ଗ୍ରାମବାସୀ ଜଣାଇଛନ୍ତି।

**ଅକ୍ଟୋବର ୩ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ ଚେତାବନୀ**

## ସାନ୍ତାଳୀ ଲିପି 'ଅଲଚିକି'ର ଶତବାର୍ଷିକୀ ଉତ୍ସବ



**ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

ବାଲେଶ୍ୱର,୨୧।୯ (ସମିସ): ଫ କୀ ର ମୋ ହ ନ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଲିପି 'ଅଲଚିକି'ର ଶତବାର୍ଷିକୀ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଏକ ପ୍ରତିମୂର୍ତ୍ତି ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ମୁଖ୍ୟ ଅତିଥି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଛି। ଆୟୋଜିତ ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା (ପୂର୍ବତନ ଅଧ୍ୟକ୍ଷ, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା) ମୁଖ୍ୟବକ୍ତା ଭାବେ ମଦନ ମୋହନ ସୋରେନ (ପୂର୍ବତନ ସଂଯୋଜକ, ସାନ୍ତାଳୀ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ) ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ନିଜ ଉଦବୋଧନରେ ବିଭିନ୍ନ ଭାଷାର ସଂରକ୍ଷଣ, ଗବେଷଣା ତଥା ଏହାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବାର ଏକ କୌଶଳମୂଳକ ପଦ୍ଧତିମାଳା ଓ ସହଜ ଅନୁବାଦ ଶିକ୍ଷା ପ୍ରକ୍ରିୟାକୁ ଆରମ୍ଭ କରିବାର ପ୍ରୟାସକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏଥିସହ ମୁଖ୍ୟବକ୍ତା ଓ ମୁଖ୍ୟଅତିଥି, ସାନ୍ତାଳୀ ଭାଷା ଓ ଏହାର ସ୍ରଷ୍ଟାଙ୍କୁ ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଦିଆଯାଇଥିବା ସମ୍ମାନ ଓ ସାନ୍ତାଳୀ ଭାଷାର ପାଠ୍ୟକ୍ରମକୁ ଦିଆଯାଇଥିବା ସହଯୋଗକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୋଲ୍ହ ଜନଜାତିଙ୍କ ଜୀବନ ଓ ସଂସ୍କୃତି ଉପରେ ଲିଖିତ ଏକ ପୁସ୍ତକ "ପାହାଡୀ ନଈର ଗୀତ' ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଦ୍ରିତ ଓ ପ୍ରକାଶିତ କରାଯାଇଥିଲା। ଆଲୋଚନାଚକ୍ରର ତିନୋଟି ବୈଷୟିକ ଅଧିବେଶନରେ ସାନ୍ତାଳୀ ଭାଷା ଓ ଲିପିର କ୍ରମବିକାଶ, ସାନ୍ତାଳୀ ସାହିତ୍ୟ ଓ ସଂସ୍କୃତି, ସାନ୍ତାଳୀ ସମାଜ ବ୍ୟବସ୍ଥା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଆଲୋକପାତ କରାଯାଇଥିଲା। ଆଲୋଚକ ଭାବେ ଡ଼କ୍ଟର ଦାଖିନ ମୁର୍ମୁ, ଡ. ଯତୀନ୍ଦ୍ର ନାଥ ବେଶ୍ରା, ଡ଼କ୍ଟର ସୁନାରାମ ସୋରେନ, ସରୋଜ କୁମାର ସୋରେନ, ଚୈତନ୍ୟ ପ୍ରସାଦ ମାଝୀ, ଯଦୁନାଥ ହାଁସଦା, ନାକୁ ହାଁସଦା, ମହେଶ୍ୱର ସୋରେନ, ଗଙ୍ଗାଧର ହାଁସଦା, ମାଙ୍ଗାତ ମୁର୍ମୁ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଯୋଜନା କରିଥିଲେ। ସାନ୍ତାଳୀ ଭାଷା ପାଠ୍ୟକ୍ରମର ଅଧାପିକା ସୁମିତ୍ରା ଟୁଡୁ ଓ ଜୟନ୍ତ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବାଲେଶ୍ୱର ରେଳଷ୍ଟେସନରେ ବୃକ୍ଷରୋପଣ

ବାଲେଶ୍ୱର,୨୧।୯ (ସମିସ): ଖଡ଼ଗପୁର ମଣ୍ଡଳର ବିଭିନ୍ନ ଷ୍ଟେସନ୍, ଡିପୋ, ୟାର୍ଡ ଓ ରେଳ କଲୋନୀରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉକ୍ତ ଅଭିଯାନରେ ବାଲେଶ୍ୱର ରେଳ ଷ୍ଟେସନର ରେଲୱେ କଲୋନୀରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଳ ଅଧିକାରୀ, ରେଳ କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଏକତ୍ରିତ ଭାବେ ଏହି ସ୍ୱଚ୍ଛ, ସବୁଜ ଓ ସୁସ୍ଥ ପରିବେଶ ଗଠନରେ ଯୋଗଦାନ କରିଥିଲେ। ଖଡ଼ଗପୁରରେ ଏହି ପ୍ରୟାସର ନେତୃତ୍ୱ ନେଇଥିଲେ ଡିଆରଏମ ଲଳିତ ମୋହନ ପାଣ୍ଡେୟ। ଏଡିଆରଏମ୍ (ଅପରେଶନ୍ସ) ମନୀଷା ଗୋୟେଲ ସହିତ ସମସ୍ତ ଶାଖା ଅଧିକାରୀମାନେ ଏହି ବୃକ୍ଷରୋପଣରେ ଯୋଗ ଦେଇଥିଲେ ଓ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରାଇଥିଲେ। ବିଭିନ୍ନ ଷ୍ଟେସନରେ ଷ୍ଟେସନ୍ ମ୍ୟାନେଜର, ସିସିଆଇ/ସିଆଇ, ସିଏଚଆଇ/ଏଚଆଇ, ଏସଏସଇ ୱାର୍କ୍ସ ଓ କ୍ଲିନିଂ ଇନଚାର୍ଜମାନେ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଅଭିଯାନକୁ ସଫଳ କରିଥିଲେ।

## କାଲାମ ଟ୍ରଷ୍ଟ ତରଫରୁ ବିଭିନ୍ନ ପ୍ରତିଯୋଗିତା




ବାଲେଶ୍ୱର,୨୧।୯ (ସମିସ): ବାଲେଶ୍ୱର ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜରେ କାଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ତରଫରୁ ଅକ୍ଟୋବର ୧୫ ରୋମିରେ ପାଳିତ ହେବାକୁ ଥିବା କାଲାମ ଜୟନ୍ତୀ ଉପଲକ୍ଷେ ଆଜି ଏକ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମର ଉଦଘାଟକ ଭାବେ ମୁନସିପାଲିଟିର ଚେୟାରମେନ ସବିତା ସାହୁ ଓ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ଜଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଟ୍ରଷ୍ଟର ସଭାପତି ଡ଼ଃ ନୀଳାଦ୍ରି ରାୟ ବାଲେଶ୍ୱର ପ୍ରତି ଡ. କାଲାମଙ୍କ ଅବଦାନ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଚେୟାରମ୍ୟାନ ତଥା ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ, ବିଶ୍ୱ ରେକର୍ଡ ଅଧିକାରୀ ଡ. ପଙ୍କଜ କୁମାର ଜେନା ପ୍ରତିଯୋଗିତାର ଆଭିମୁଖ୍ୟ ବିଷୟରେ କହିଥିଲେ। ଏଥିରେ ଭାଗ ନେଇ ଥିବା ଚାରି ଶହ ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅକ୍ଟୋବର ୧୫ ତାରିଖରେ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମକୁ ଗୋପାଳ ଚନ୍ଦ୍ର ଜେନା, ସଂଜୀବ କୁମାର ନାୟକ, ନିକୁଞ୍ଜ ବିହାରୀ ଦାସ, ଡ. ସଂଗ୍ରାମ କୁମାର ରାଉତ, ହରିପଦ ଭୂୟାଁ, ସତ୍ୟନାରାୟଣ ସାହୁ, ବଳରାମ ସ, ଜ୍ୟୋତିର୍ମୟୀ ଶତପଥୀ, ବିଚିତ୍ରା ପ୍ରଧାନ, ସୁଚିତ୍ରା ଜେନା, ଶୁଭଶ୍ରୀ ମିଶ୍ର, ଅବନୀ କୁମାର ଜେନା, ଉପେନ୍ଦ୍ର ବେହେରା, ବିଜୟ କୁମାର ସ ପରିଚାଳନା କରିଥିଲେ।

## ଗଳ୍ପ ସଂକଳନ 'ସଂପର୍କ ମଧୁପର୍କ' ଉନ୍ମୋଚିତ



ବାଲେଶ୍ୱର,୨୧।୯ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଆନୁକୂଲ୍ୟରେ ବରିଷ୍ଠ ଗାଳ୍ପିକ ପ୍ରଦୀପ ଚାଟାର୍ଜୀ (ଶ୍ରୀପ୍ରଦୀପ)ଙ୍କ ଗଳ୍ପ ସଂକଳନ 'ସଂପର୍କ ମଧୁପର୍କ' ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବ ଗାଳ୍ପିକ ସଂଜୟ କୁମାର ପଣ୍ଡା, ଅଧାପିକା ଡ. ଦୀପିକା ସେନାପତି ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ ବାବୁଲ ପ୍ରଧାନ ସମୀକ୍ଷକ ଭାବେ ଯୋଗ ଦେଇ ପୁସ୍ତକଟି ସଂପର୍କରେ ଆଲୋଚନା କରିଥିଲେ। ଉକ୍ତ ଗଳ୍ପ ସଂକଳନଟିରେ ଓଡ଼ିଆ ସଂସ୍କୃତି, ପରମ୍ପରା, ଦର୍ଶନ ଇତ୍ୟାଦି ପରିଲକ୍ଷିତ ହେବା ସହ ସାମ୍ୟବାଦ, ବିଶ୍ୱ ଭ୍ରାତୃତ୍ୱ ଓ ମୈତ୍ରୀକୁ ନେଇ ଗଳ୍ପଗୁଡ଼ିକ ଗତିଶୀଳ ସହ ସୁଖପାଠ୍ୟ ହୋଇଛି ବୋଲି ମତପ୍ରକାଶ କରିଥିଲେ। ଗାଳ୍ପିକ ପ୍ରଦୀପ ଚାଟାର୍ଜୀ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିବା ବେଳେ ଅନୁଷ୍ଠାନର ସାଧାରଣ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାକ୍ ବକ୍ତବ୍ୟ ରଖିଥିଲେ। ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ ଓ ଅନ୍ୟତମ ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, ନିବାରଣ ଜେନା, ତପନ ରାୟ, ଦୀପକ ବୋଷ, ଡ. ଶିରୀଶ ଚନ୍ଦ୍ର ଜେନା, କି. ରାଧାରଂଜନ ପଟ୍ଟନାୟକ, ଡ. ରମାକାନ୍ତ ନାୟକ, ହେମେନ୍ଦ୍ର ମହାପାତ୍ର, ଶରତ ମହାପାତ୍ର, ବିଜୟ ମହାନ୍ତି, ରଂଜନ ବାଗ, କରୁଣାକର ସ, ଉର୍ମିଳା ନାୟକ, ଜ୍ୟୋସ୍ନା ରାୟ, କବିତା ଜେନା, କଲ୍ୟାଣୀ ନନ୍ଦ, ପ୍ରଫୁଲ୍ଲ ଦାସ, ରାଜେନ୍ଦ୍ରନାଥ ରାଉତ, ଡ. ଲକ୍ଷ୍ମଣ ବିଶ୍ୱାଳ, ଡ. ସୁକାନ୍ତ ଗିରି, ରାଜେଶ ଗିରି, ବିଦ୍ୟାଧର ସାହୁ, ବେଣୁଧର ସାହୁ, ଡ. ସମରବଲ୍ଲଭ ଭୋଇ, ପୁଷ୍ପଲତା ଚକ୍ରବର୍ତ୍ତୀ, ଶାନ୍ତି ବିଶି, ଦିଲ୍ଲୀପ ଚକ୍ରବର୍ତ୍ତୀ, ତୃପ୍ତିରାଣୀ ପତ୍ର, କୃଷ୍ଣା ପ୍ରଧାନ, ପୀତାମ୍ବର ଦାସ, ଗୌରୀଶଙ୍କର ସାହାଣୀ, ମାମିନା ମହାପାତ୍ର, ଦେବାଶିଷ ସିଂହ, ଲକ୍ଷ୍ମୀକାନ୍ତ ବେହେରା, ମମତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୨୧।୯ (ସମିସ): ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟରେ ଭିୟୁଜ୍ ଓଡ଼ିଶା ତରଫରୁ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କର ଅଧିକାର ଓ ୨୦୧୬ ଅଧିନିୟମ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭିୟୁଜ୍ ଓଡ଼ିଶାର ସ୍ମୃତି ସାଗରିକା ଦାଶ ଓ ଶିବାନୀ ବେହେରା ଉପସ୍ଥିତ ରହି ଜୀବନ କୌଶଳ ଶିକ୍ଷା, ଅଧିକାର ଓ ଅଧିକରଣ-୨୦୧୬ ଛାତ୍ରଛାତ୍ରୀଙ୍କ ଅଧିକାର ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଭିୟୁଜ୍ ଓଡ଼ିଶା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

**ଆସୁଛନ୍ତି ମା' ଦୁର୍ଗା**

# ବଣିଆ ମନ୍ଦିର ଦୁର୍ଗାପୂଜା କମିଟିର ବିଶେଷ ଆକର୍ଷଣ 'କୁମାରୀ ପୂଜା'

ବାଲେଶ୍ୱର,୨୧।୯ (ସମିସ)



କୁମାରୀ କନ୍ୟା ମା' ଦୁର୍ଗାଙ୍କ ପରି ପବିତ୍ର ଓ ପୂଜନୀୟା ବୋଲି ଶାସ୍ତ୍ରରେ ଅଭିହିତ ହୋଇଛି। ସେଥିପାଇଁ କନ୍ୟାମାନଙ୍କୁ ଦେବୀଙ୍କ ପ୍ରତିନିଧି ସ୍ୱରୁପ ପୂଜାର୍ଚ୍ଚନା କରାଯାଏ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କୁମାରୀ ମାନଙ୍କୁ ପୂଜା କରାଯାଇଥାଏ। ସେହିପରି ଏହି କୁମାରୀ କନ୍ୟାଙ୍କୁ ପୂଜା ପରମ୍ପରା ବାଲେଶ୍ୱରରେ ମଧ୍ୟ ରହିଛି। ନବମୀ ପୂଜାରେ ନଅ ଜଣଙ୍କ କୁମାରୀ କନ୍ୟାଙ୍କୁ ଘରୁ ଆମନ୍ତ୍ରଣ ସ୍ୱତନ୍ତ୍ର ଆସନ ଦିଆଯାଏ। ତାପରେ ସଜବାଜ ତଥା ଅଳତା ଏବଂ ନାଲି ରଙ୍ଗର ଓଢଣା, ଫୁଲ ଚନ୍ଦନ ଲଗାଯାଏ। ଏହାପରେ ପୂଜାର୍ଚ୍ଚନା କରାଯାଇ ପାଦ ଛୁଇଁ ଆଶୀର୍ବାଦ ନିଆଯାଏ। ବାଲେଶ୍ୱର ସହରର ବଣିଆ ମନ୍ଦିର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଏହିପରି ସ୍ୱତନ୍ତ୍ର ଭାବେ ପୂଜା କରାଯାଏ। ଯାହା ଏହି ମଣ୍ଡପର ବିଶେଷତ୍ୱ ବହନ କରେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ୬୪ତମ ଦୁର୍ଗାପୂଜା ପାଳନ କରିବ କମିଟି। ଏନେଇ କମିଟି ପକ୍ଷରୁ ପ୍ରସ୍ତୁତି ବି ଆରମ୍ଭ ହୋଇଯାଇଛି। ବାଲେଶ୍ୱର ସହରରେ ଦୁର୍ଗାପୂଜା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସହରରେ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ଚଳିତବର୍ଷ ଦୁର୍ଗା ପୂଜା ପାଇଁ ସହରରେ ଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଓ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେଥିମଧ୍ୟରୁ ସହରର ମୋତିଗଞ୍ଜ ସ୍ଥିତ କସବା ଷ୍ଟ୍ରିଟ୍ ବଣିଆ ମନ୍ଦିର ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ। ଚଳିତବର୍ଷ ୬୩ ତମ ବର୍ଷ ପୂରଣ କରି ୬୪ ତମ ପୂଜା ପାଳନ କରିବ କମିଟି। ବଣିଆ ମନ୍ଦିର ନିକଟରେ ଏହି କମିଟି ପକ୍ଷରୁ ୧୯୬୨ ମସିହାରେ ପ୍ରଥମ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ସ୍ୱର୍ଗତ ନିରଞ୍ଜନ ଦତ୍ତ, ସ୍ୱର୍ଗତ ପ୍ରବୋଧ କୁମାର ବଡାଳ, ସ୍ୱର୍ଗତ ସୂର୍ଯ୍ୟ କୁମାର ଦତ୍ତ ପ୍ରମୁଖଙ୍କ ସମେତ ନଅ ଜଣ ମିଶି ସେତେବେଳେ ପୂଜା ଆରମ୍ଭ କରିଥିଲେ। ତେବେ ଦୀର୍ଘ ୬୩ ବର୍ଷ ଧରି ଏଠାରେ ପାଳିତ ହୋଇଆସୁଛି। ଚଳିତବର୍ଷ ପୂଜା ପାଇଁ ୩ ଲକ୍ଷ ଟଙ୍କା ବଜେଟ ରହିଛି। ଗତବର୍ଷ ମଧ୍ୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ମାଆଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ୍ ରହିଛି। ତେବେ ଏହି ମଣ୍ଡପରେ ତୋରଣ ସାଧାରଣ ଭାବେ ନିର୍ମାଣ ହେଉଥିଲେ ହେଁ ପୂଜାର୍ଚ୍ଚନା ଧୁମଧାମରେ ହୋଇଥାଏ। ମେଢ ଭିତରେ ସବୁଠୁ ବଡ଼ ମେଢ ହେଉଛି ବଣିଆ ମନ୍ଦିର ମଣ୍ଡପର। ଏହାବ୍ୟତୀତ ମାଆଙ୍କ ସହିତ ସମସ୍ତ ଦେବଦେବୀ ଚାନ୍ଦିର ଗହଣା ଓ ମୁକୁଟ ପରିଧାନ କରନ୍ତି। ଏହି ପୂଜା ମଣ୍ଡପରେ ଏକ ହଜାରରୁ ଅଧିକ ଡାଲା ପୂଜାରେ ଲାଗିଥାଏ। ପାରମ୍ପରିକ ବାଦ୍ୟ ମଧ୍ୟରେ ଭସାଣି ଶୋଭାଯାତ୍ରା ସମ୍ପନ୍ନ ହୋଇଥାଏ। କମିଟି ସଭାପତି ମୁକେଶ ଦତ୍ତ, ସମ୍ପାଦକ ଚନ୍ଦ୍ର ପ୍ରକାଶ ବେହେରା, କୋଷାଧ୍ୟକ୍ଷ ଦୀପ୍ତି ରଞ୍ଜନ ଦତ୍ତ, ଉପଦେଷ୍ଟା କଳିଭୂଷଣ ଦତ୍ତ, ଚିତ୍ତରଞ୍ଜନ ଦତ୍ତ, ସମରେନ୍ଦ୍ର ଆଢ୍ୟ, ପଦ୍ମଲୋଚନ ବେହେରା, ସ୍ମୃତି ରଞ୍ଜନ ଦତ୍ତ, ଧୀରେନ୍ ଆଢ୍ୟ, ଯଶୋଦା ମହାରଣା, ଲୋକନାଥ ପିରି, ଶ୍ରବଣ କୁମାର ବେହେରା, ଉଜ୍ଜଳ ମହାରଣା, ଅରୁଣ ଶେଖର ମହାରଣା, ମଦନମୋହନ ଦତ୍ତ, ରମେଶ କୁମାର ବେହେରା, ଶଙ୍କର ପିରି, ରୋହିତ କୁମାର ଦତ୍ତ, ଜସ୍ମିନ୍ କୁମାର ବେହେରା, ଦୀପକ କୁମାର ବେହେରା ପ୍ରମୁଖ ପୂଜା ପରିଚାଳନା କରନ୍ତି। ସମସ୍ତ ଗ୍ରାମବାସୀଙ୍କ ଅନୁଦାନରେ ମା'ଙ୍କ ପୂଜା ଉତ୍ସବ ପାଳିତ ହୋଇଥାଏ। ପ୍ରତିବର୍ଷ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ପୂଜା ସମ୍ପନ୍ନ ହୋଇଥାଏ।

ଏଠାରେ ୯ ଜଣ କୁମାରୀଙ୍କୁ ପୂଜା କରାଯାଏ। କୁମାରୀ ପୂଜା ହେଉଛି ବିଶେଷ ଆକର୍ଷଣ ହୋଇଥାଏ। ଏହାବ୍ୟତୀତ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଭଜନ ଓ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ରହିଛି।



ମୁକେଶ ଦତ୍ତ, ସଭାପତି

ମଣ୍ଡପରେ ତୋରଣ ସାଧାରଣ ଭାବେ ନିର୍ମାଣ ହେଉଥିଲେ ହେଁ ମେଢ ସବୁଠୁ ବଡ ହୋଇଥାଏ। ବାଲେଶ୍ୱରର ସବୁଠୁ ବଡ଼ ମେଢ ହେଉଛି ଆମ ବଣିଆ ମନ୍ଦିରର ମେଢ।



ଚନ୍ଦ୍ର ପ୍ରକାଶ ବେହେରା, ସମ୍ପାଦକ

## ଧୀରେନ୍ଦ୍ର ନାରାୟଣଙ୍କ ଉଦ୍ଦେଶ୍ୟରେ ଶୋକସଭା




ବାଲେଶ୍ୱର,୨୧।୯ (ସମିସ): "ସହାୟକ'ର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରାକ୍ତନ ସଭାପତି ସ୍ୱର୍ଗତ ଧୀରେନ୍ଦ୍ର ନାରାୟଣ ଦାସଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଡ. କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ "ସହାୟକ'ର ସଂପାଦକ ଇଞ୍ଜିନିୟର ଡ. ହୃଷିକେଶ ସାହୁ, ଇଂ. ବନମାଳୀ ନାୟକ, ଦିବାକର ମହାପାତ୍ର, ନିରଞ୍ଜନ ପରିଡ଼ା, ଅକ୍ଷୟ କୁମାର ତ୍ରିପାଠୀ, ରାଜେନ୍ଦ୍ର ରାଉତ, ଶିଶିର କୁମାର ରଥ, ପ୍ରଫୁଲ୍ଲ କୁମାର ଦାସ, ଦୀନବନ୍ଧୁ ବନ୍ଧୁ ଲେଙ୍କା, ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ, ଇଂ. ଗୌରାଙ୍ଗ ସାହୁ, ରବିନାରାୟଣ ଭୋଳ, ସାବିତ୍ରୀ ଦାସ, ରବୀନ୍ଦ୍ର କୁମାର ମହାନ୍ତି, ବେଣୁଧର ସାହୁ, ଭାଗବତ ଦଳେଇ, ଗୋପାଳ ଜେନା, ସୀତାରାମ ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ଦାସ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦୀର୍ଘଦିନ ଧରି ସଭାପତି ରହିବା ସହିତ ବାଲେଶ୍ୱରର ବହୁ ଅନୁଷ୍ଠାନର ସଭାପତି, କର୍ମକର୍ତ୍ତା, ପୃଷ୍ଠପୋଷକ ତଥା ଆଜୀବନ ସଭ୍ୟ ଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ନାୟକ, ପ୍ରଣିତା ମିଶ୍ର, କାମିନୀକାନ୍ତ ପାଢ଼ୀ, ଭବେଶ ଚନ୍ଦ୍ର ପଣ୍ଡା, କେଶବ ଚନ୍ଦ୍ର ମହାନ୍ତି, ଶଚୀନ୍ଦ୍ରନାଥ ଦାସ, ଲମ୍ବୋଧର ଗିରି, ସେକ୍ ଆଲ୍ଲାଉଦ୍ଦିନ୍ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ କୃତଜ୍ଞତା ଜ୍ଞାପନ କରିଥିଲେ।

## ସ୍ୱାସ୍ଥ୍ୟସେବା ଶିବିର

ଜଳେଶ୍ୱର ବ୍ଲକ, ୨୧।୯ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ମନୋଜ ଜାହାଙ୍ଗୀର ଏବଂ କମାରଶାଳିଆ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରରେ ଡାକ୍ତର ପ୍ରତୀକ୍ଷା ରାଜ ଉପସ୍ଥିତ ରହି ମାତୃତ୍ୱ ସେବା ପ୍ରଦାନ ଦିବସ ଉପଲକ୍ଷେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପାଖା ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ସହିତ ବୃଦ୍ଧା ଯୁବକ ଯୁବତୀ ମାନେ ଉପସ୍ଥିତ ରହି ଉତ୍ତମ ସ୍ୱାସ୍ଥ୍ୟ ସେବା ଚିକିତ୍ସିତ ହେବା ସହିତ ମାଗଣା ଔଷଦ ପ୍ରଦାନ କରାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ମାନବାଧିକାର ସୁରକ୍ଷା ସଭ୍ୟତାର ସବୁଠାରୁ ବଡ଼ ଆହ୍ୱାନ।
-ନେଲ୍‌ସନ୍ ମାଣ୍ଡେଲା।

## ଖେଳାଳିଙ୍କ ଦେଶପ୍ରେମ !

ଭାରତ ଓ ପାକିସ୍ତାନ କ୍ରିକେଟ୍ ଦଳର କପ୍ତାନଙ୍କ ମଧ୍ୟରେ କରମର୍ଦ୍ଦନ ପ୍ରସଙ୍ଗକୁ ନେଇ ବିବାଦୀୟ ହୋଇପଡ଼ିଥିବା ଚଳିତ ଏସିଆ କପ୍ କ୍ରିକେଟ୍ ପୁଣି ଏକ ବିତର୍କ ସହିତ ଯୋଡ଼ି ହୋଇଯାଇଛି। ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟକୁ ପହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ପରିବାର ପ୍ରତି ଉତ୍ସର୍ଗ କରିଥିବା ଭାରତୀୟ ଦଳ ଘୋଷଣା କରିବା ପରେ ଆମ୍ ଆଦ୍‌ମି ପାର୍ଟି ନେତା ସୌରଭ ଭରଦ୍ୱାଜ୍ ଏହାକୁ ଛଳନା ବୋଲି ପରୋକ୍ଷରେ ଆକ୍ଷେପ କରିଛନ୍ତି। ତାଙ୍କ ମତରେ ଯଦି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ବାସ୍ତବରେ ଦେଶପ୍ରୀତି ଓ ପହଲ୍‌ଗାମ୍ ପୀଡ଼ିତଙ୍କ ପ୍ରତି ସମବେଦନା ଅଛି ତେବେ ମ୍ୟାଚ୍‌ଲବ୍ଧ ସମ୍ପୂର୍ଣ୍ଣ ଆର୍ଥିକ ରୋଜଗାରକୁ ପୀଡ଼ିତଙ୍କ ପରିବାରକୁ ଉତ୍ସର୍ଗ କରନ୍ତୁ। ଶ୍ରୀଭରଦ୍ୱାଜ୍‌ଙ୍କ ଯୁକ୍ତି କିଛି ମନ୍ଦ ନୁହେଁ। କାରଣ ବିଶ୍ୱରେ ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ଭାବେ ମାନ୍ୟତାପ୍ରାପ୍ତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଓ ତାହାର ଧନାଢ଼୍ୟ ସଦସ୍ୟମାନେ ଯଦି ଏସିଆ କପ୍ ବାବଦ ସେମାନଙ୍କ ମ୍ୟାଚ୍ ଫି ଦାନ କରିଦିଅନ୍ତେ ତେବେ ସମୁଦ୍ରରୁ ମାତ୍ର ଆଞ୍ଜୁଳାଏ ପାଣି କାଢ଼ି ନେବା ପରି ହୁଅନ୍ତା। ଆପ୍ ନେତାଙ୍କ ମତକୁ ଭାରତୀୟ କ୍ରିକେଟ୍ ଖେଳାଳିମାନେ କେତେ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି ଓ କରିବେ ତାହା ଭିନ୍ନ କଥା; କିନ୍ତୁ ସ୍ୱାଭାବିକ ଭାବେ କ୍ରିକେଟ୍‌ର ଅନ୍ଧଭକ୍ତମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି ଏବଂ ଶ୍ରୀଭରଦ୍ୱାଜ୍‌ଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି।

ଆମ ଭାରତୀୟ କ୍ରିକେଟ୍‌ରମାନଙ୍କ ଦେଶଭକ୍ତି ଓ ରାଷ୍ଟ୍ରୀୟ ଭାବନା କେତେ ତାହା ୨୦୦୨ ଆଇସିସି ଚମ୍ପିଆନ୍ ଟ୍ରଫି ବେଳେ ଜଣାପଡ଼ିଯାଇଥିଲା; ଅଥଚ କ୍ରିକେଟ ରଙ୍କୁଣା ଭାରତୀୟମାନେ ଖେଳାଳିମାନଙ୍କର ସେହି ସ୍ୱାର୍ଥପର ମାନସିକତାକୁ ହଜମ୍ କରିଦେଇଥିଲେ। ପ୍ରାୟ ସମସ୍ତ ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଫଳ ହେଉଥିବାର ବିରଳ ରେକର୍ଡଧାରୀ ତଥାକଥିତ କ୍ରିକେଟ୍‌ର ଭଗବାନ୍‌ଙ୍କୁ ଭାରତ ଓ ଭାରତବାସୀ ବିଭିନ୍ନ ରତ୍ନ-ଅଳଙ୍କାରରେ ସମ୍ମାନିତ କରିବାରେ କୌଣସି ହେଳା କରିନାହାନ୍ତି। ତାଙ୍କର ଅସୁମାରୀ ସମ୍ପଦ ପଛରେ ଈଶ୍ୱରଦତ୍ତ ପ୍ରତିଭା ତୁଳନାରେ ଭାରତୀୟଙ୍କ କ୍ରିକେଟ୍‌ପ୍ରେମ ଯେ ଅଧିକ ରହିଛି ତାହା ଅନସ୍ୱୀକାର୍ଯ୍ୟ। ଅଥଚ ତାଙ୍କୁ ପୁରସ୍କାରରେ ମିଳିଥିବା ଫେରାରି କାରକୁ ଭାରତ ଆଣିବା ପାଇଁ ସୀମାଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ପାଇଁ ସେ ଭାରତ ସରକାରଙ୍କ ଉପରେ ଏକପ୍ରକାର ଚାପ ପକାଇ ସଫଳ ହୋଇଥିଲେ। ତେଣୁ ଭାରତୀୟ କ୍ରିକେଟ୍ ଖେଳାଳିଙ୍କ ଠାରୁ ଦେଶସ୍ୱାର୍ଥ ଓ ରାଷ୍ଟ୍ରୀୟ ଭାବନାରେ ଆନ୍ତରିକତା ଓ ବାସ୍ତବତା ଆଶା କରିବା ବୃଥା, ଏହା ଏକ ଅପ୍ରିୟ ସତ୍ୟ। କ୍ରିକେଟ୍ ସହିତ ଦେଶପ୍ରେମ ଓ ରାଷ୍ଟ୍ରୀୟ ଭାବନା କେବଳ ବଞ୍ଚି ରହିଛି ଦେଶର ଅଗଣିତ କ୍ରିକେଟ୍‌ପ୍ରେମୀଙ୍କ ପାଖରେ ଏବଂ ସେମାନେ ଭାବି ନେଇଛନ୍ତି ସେମାନଙ୍କର ପୂଜ୍ୟ କ୍ରିକେଟ୍-ଦେବତାମାନେ ମଧ୍ୟ ସମଭାବାପନ୍ନ ହୋଇଥିବେ। କିନ୍ତୁ ସେମାନେ ଯେ କୁହେଳିପୂର୍ଣ୍ଣ ଏକ ଭ୍ରାନ୍ତ ଓ ଅନ୍ଧବିଶ୍ୱାସର କ୍ରିକେଟ୍-ଆକର୍ଷଣର ମୋହାଚ୍ଛନ୍ନ ଦୁନିଆରେ ବୁଡ଼ି ରହିଛନ୍ତି ତାହା ହୃଦୟଙ୍ଗମ କରିବାକୁ ଆହୁରି ବହୁବର୍ଷ ଲାଗିଯିବ।

ବିଡ଼ମ୍ବନା ଏହା ଯେ ଯେଉଁ ହକି ଖେଳାଳି ଜଣକ ଭାରତୀୟତାର ଗୌରବ ବଜାୟ ରଖିବା ପାଇଁ ତାଙ୍କ କ୍ରୀଡ଼ାଜୀବନ କାଳରେ ଜାଣତରେ କିମ୍ବା ଅଜାଣତରେ ସାମାନ୍ୟତମ ସାଲିସ୍ କରି ନଥିଲେ ଆମେ ତାଙ୍କୁ ଏ ପର୍ଯ୍ୟନ୍ତ ଭାରତ ରତ୍ନ ଭଳି ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରିବାକୁ ଆନ୍ତରିକତା ପ୍ରଦର୍ଶନ କରିନାହୁଁ। ପ୍ରବଳ ଜ୍ୱରାକ୍ରାନ୍ତ ହୋଇ ମଧ୍ୟ ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତକୁ ଜିତାଇବା ପାଇଁ ପଡ଼ିଆକୁ ଓହ୍ଲାଇଥିବା ଏହି ମହାନ୍ କ୍ରୀଡ଼ା ବ୍ୟକ୍ତିତ୍ୱ ଜର୍ମାନୀ ତରଫରୁ ଖେଳିବା ଲାଗି ହିଟ୍‌ଲର ଯାଚି ଦେଇଥିବା ବିପୁଳ ଅର୍ଥ, ପଦବୀ ଓ ପ୍ରତିପତ୍ତିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଅଥଚ ଆମେ ତାଙ୍କ ଜନ୍ମଦିନକୁ କେବଳ ଜାତୀୟ କ୍ରୀଡ଼ା ଦିବସ ଭାବେ ଘୋଷଣା କରି ଆମ କର୍ତ୍ତବ୍ୟ ସାରି ଦେଇଛୁ। ବୋଧହୁଏ କ୍ରିକେଟ୍‌କୁ ଛାଡ଼ି ଆଉ କୌଣସି ଖେଳ କିମ୍ବା ଖେଳାଳିଙ୍କ ସହିତ ଦେଶପ୍ରେମ ଓ ରାଷ୍ଟ୍ରଭକ୍ତି ଜଡ଼ିତ ନାହିଁ; ଯଦିବା କିଏ କେଉଁଠି କେତେବେଳେ ଦେଶଭକ୍ତିର ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ମଧ୍ୟ ବୋଧହୁଏ କ୍ରିକେଟ୍ ବିନା ନିରର୍ଥକ!

## ଟ୍ରମ୍ପ ଦାଉ

ଭାରତ ଓ ଭାରତୀୟଙ୍କୁ ସବୁମତେ ହଇରାଣ ହରକତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସତେଯେମିତି ଖୋଜି ଖୋଜି ଉପାୟମାନ ବାହାର କରୁଛନ୍ତି। ଭାରତୀୟ ଉତ୍ପାଦ ଉପରେ ବର୍ଦ୍ଧିତ ହାରରେ ଶୁଳ୍କ ଲାଗୁ କରି ଭାରତ ସରକାରଙ୍କ ଉପରେ ତାଙ୍କର ରାଗ ବୋଧହୁଏ ଶାନ୍ତ ହୋଇ ନାହିଁ। ଇତିମଧ୍ୟରେ ୟୁରୋପୀୟ ସଂଘ ସହିତ ଭାରତର ବାଣିଜ୍ୟ ରାଜିନାମାକୁ ଭଣ୍ଡୁର କରିବାକୁ ସବୁମତେ ଉଦ୍ୟମ କରୁଛନ୍ତି ଏବଂ ୟୁକ୍ରେନ୍‌କୁ ମତାଇ ଭାରତୀୟ ଉତ୍ପାଦ ଆମଦାନୀ ନ କରିବାକୁ ମସୁଧା କରିଛନ୍ତି। ପୁଣି ଏବେ ସେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଉପରେ ଦାଉ ସାଧିବାର ଉପାୟଟିଏ ପାଇଯାଇଛନ୍ତି।

ଟ୍ରମ୍ପଙ୍କ ସଦ୍ୟତମ ଘୋଷଣା ଅନୁଯାୟୀ, ଏଣିକି ବିଦେଶୀ ପେସାଦାରମାନଙ୍କୁ ନିଯୁକ୍ତି ଦେଉଥିବା ଆମେରିକୀୟ ସଂସ୍ଥାମାନେ ପ୍ରତି ବିଦେଶୀ କର୍ମଚାରୀ ପିଛା ଏଚ୍୧-ବି ଭିସା ବାବଦକୁ ବାର୍ଷିକ ୧ ଲକ୍ଷ ଡଲାର(ଭାରତୀୟ ମୁଦ୍ରାରେ ପ୍ରାୟ ୯୦ ଲକ୍ଷ ଟଙ୍କା) ପୈଠ କରିବାକୁ ପଡ଼ିବ(ଏବେ ତାହା ମାତ୍ର ୧୫୦୦ ଡଲାର ଅଛି)। ସେପ୍ଟେମ୍ବର ୨୧ରୁ ତତ୍କାଳ ଲାଗୁ ହେବାକୁ ଥିବା ଟ୍ରମ୍ପଙ୍କ ଏହି ନିର୍ଦ୍ଦେଶ ପରେ ହୁଏତ ଆମେରିକୀୟ ସଂସ୍ଥାମାନେ ବିଦେଶୀ କର୍ମଚାରୀ ନିଯୁକ୍ତିକୁ କାଣ୍ଟଛାଣ୍ଟ କରିବେ କିମ୍ବା ଭିସା ବାବଦ ଅର୍ଥ ପ୍ରବାସୀ କର୍ମଚାରୀଙ୍କ ଦରମାରୁ କାଟି ରଖିବେ। ଆମେରିକାର ବିଭିନ୍ନ ସଂସ୍ଥାମାନଙ୍କରେ ସର୍ବାଧିକ ପ୍ରବାସୀ ଭାରତୀୟ କାମ କରୁଥିବାରୁ ଉଭୟ ପଦକ୍ଷେପରେ ସେମାନେ ହିଁ ସର୍ବାଧିକ ପ୍ରଭାବିତ ହେବେ। ଆମେରିକୀୟ କମ୍ପାନୀମାନେ ବିଦେଶରୁ ଶସ୍ତାରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦେଉଥିବାରୁ ଆମେରିକୀୟ ପେସାଦାରମାନେ କର୍ମସଂସ୍ଥାନ ହରାଉଛନ୍ତି ବୋଲି ଆଭ୍ୟନ୍ତରୀଣ ଅଭିଯୋଗ ହୋଇଆସୁଥିଲା। ତେଣୁ 'ମାଗା' ଯୋଜନାରେ ଆମେରିକୀୟଙ୍କୁ ସନ୍ତୁଷ୍ଟ କରିବାକୁ ଟ୍ରମ୍ପ ଉପରୋକ୍ତ ଘୋଷଣା କରିଥିବା କୁହାଯାଉଥିଲେ ହେଁ ବାସ୍ତବରେ ତାଙ୍କର ଭାରତ ବିରୋଧୀ ଅସୂୟା ହିଁ ସ୍ପଷ୍ଟ ହେଉଛି। କାରଣ ଏଚ୍୧-ବି ଭିସାଧାରୀଙ୍କ ମଧ୍ୟରୁ ୭୦% ବା ପ୍ରାୟ ୪ ଲକ୍ଷ ଭାରତୀୟ। ଏଥିରେ କିନ୍ତୁ ଆମେରିକୀୟ ସଂସ୍ଥା ଓ ଅର୍ଥନୀତି ହିଁ ଅଧିକ ପ୍ରଭାବିତ ହେବ। କ୍ରୋଧାନ୍ଧ ଓ ପଦମତ୍ତ ଟ୍ରମ୍ପ ଏହି ହିତାହିତ ଜ୍ଞାନଶୂନ୍ୟ ହୋଇଥିବା ସ୍ୱାଭାବିକ।

# ଜିଏସ୍‌ଟି ସଂସ୍କାର କେତେ ସଂପୂର୍ଣ୍ଣ

**ନଳିନୀ କାନ୍ତ ଧର**

ଜୁଲାଇ, ୧ ୨୦୧୭ରୁ ପ୍ରଣୟନ କରାଯାଇଥିବା ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ସ୍ୱାଧୀନତା ପରେ କର ବ୍ୟବସ୍ଥାରେ ସବୁଠାରୁ ବଡ଼ ସଂସ୍କାର ଥିଲା। ନିକଟରେ ଏଥିରେ କେତେକ ସଂଶୋଧନ କରାଯାଇଛି, ଯାହାକୁ ଜିଏସ୍‌ଟି-୨ ଆଖ୍ୟା ଦିଆଯାଇଛି। ପୂର୍ବରୁ କେନ୍ଦ୍ର ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରକାର ଅଲଗା ଅଲଗା ହାରରେ ସାମଗ୍ରୀ ଓ ସେବା ଉପରେ ପ୍ରାୟ ୧୭ ପ୍ରକାର କର ଲାଗୁଥିଲା। ଜିଏସ୍‌ଟି ଲାଗୁ ହେବା ପରେ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ସେବା ଉପରେ ଗୋଟିଏ କର ଲାଗୁ ହେଲା। ଭାରତଭଳି ଏକ ବିଶାଳ ଦେଶରେ, ଯେଉଁଠି ଜନସାଧାରଣଙ୍କର ଅର୍ଥନୈତିକ ତାରତମ୍ୟ ଖୁବ୍ ଅଧିକ, ସେଠାରେ 'ଗୋଟିଏ ଦେଶ ଗୋଟିଏ କର' ବ୍ୟବସ୍ଥା ଆଶାନୁରୂପ ସଫଳ ହୋଇପାରି ନ ଥିଲା। ଜିଏସ୍‌ଟି-୧ରେ ୦, ୫, ୧୨, ୧୮ ଓ ୨୮ ପ୍ରତିଶତ ହାରରେ ୫ଟି ସ୍ଲାବ୍ ନିର୍ଦ୍ଧାରିତ ହୋଇଥିବା ବେଳେ ସୁନା ଉପରେ ସ୍ୱତନ୍ତ୍ର ଭାବରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିଲା। ଏତେଗୁଡ଼ିକଏ ସ୍ଲାବ୍ ରହିଥିବାରୁ ଅନେକ ସମୟରେ ନିର୍ଦ୍ଦିଷ୍ଟ ସାମଗ୍ରୀର ଟିକସ ହାର ନେଇ ବିଭ୍ରାଟ, ଟିକସ ଫାଙ୍କି ଏବଂ କିଛି ସାମଗ୍ରୀ ଉପରେ ମାତ୍ରାଧିକ ଟିକସ ଆଦି ପାଇଁ ସରକାର ସମାଲୋଚନାର ଶରବ୍ୟ ହେଉଥିଲେ। ତେଣୁ ପରିବର୍ତ୍ତିତ ସ୍ଥିତିକୁ ଅନୁଧ୍ୟାନ କରି ସରକାର ୨୮ ପ୍ରତିଶତ ଓ ୧୨ ପ୍ରତିଶତ ସ୍ଲାବ୍‌କୁ ଉଚ୍ଛେଦ କରି ବର୍ତ୍ତମାନ ମେରିଟ୍ ଗୁଡ୍ସ ଉପରେ ୫ ପ୍ରତିଶତ ଓ ଷ୍ଟାଣ୍ଡାର୍ଡ ଗୁଡ୍ସ ଉପରେ ୧୮ ପ୍ରତିଶତ - ଏହିଭଳି ମାତ୍ର ଦୁଇଟି ସ୍ଲାବ୍ ସ୍ଥିର କରିଛନ୍ତି। ଏହାବ୍ୟତୀତ ସିଗାରେଟ୍, ଗୁଟ୍‌ଖା, ମଦ, ବିଳାସ ସାମଗ୍ରୀ, ବଡ଼ କାର ଇତ୍ୟାଦି ଉପରେ ସିନ୍ ଗୁଡ୍ସ ଟିକସ ଭାବରେ ୪୦ ପ୍ରତିଶତ ଟିକସ ନିର୍ଦ୍ଧାରିତ କରିଛନ୍ତି। ପ୍ରଚଳିତ ସମସ୍ତ ସେସ୍‌କୁ ବି ସମାପ୍ତ କରାଯାଇଛି। ଜିଏସ୍‌ଟି ଟିକସ କମ୍ ହେବା ଫଳରେ ଦରଦାମ ହ୍ରାସ ପାଇବା ସହ ମୁଦ୍ରାସ୍ଫୀତି ମଧ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ସରକାର ଚଳିତ ବର୍ଷ ଏଥିଯୋଗୁଁ ୪୮, ୦୦୦କୋଟି ଟଙ୍କା ଏବଂ ଆସନ୍ତା ବର୍ଷ ୧, ୫୦, ୦୦୦ କୋଟି ଟଙ୍କାର ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇଛି।

ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ପ୍ରାଥମିକ ପର୍ଯ୍ୟାୟରେ ୬୬.୫ ଲକ୍ଷ ବ୍ୟବସାୟିକ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ହୋଇଥିଲେ, ଯାହା ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧.୫୧ କୋଟିରେ ପହଞ୍ଚିଛି। ରାଜସ୍ୱ ମଧ୍ୟ ଆଶାନୁରୂପକ ବୃଦ୍ଧି ପାଇ ୨୨.୦୪ ଲକ୍ଷ କୋଟି ଟଙ୍କା ହୋଇଛି। କ୍ଷୁଦ୍ର ବ୍ୟବସାୟୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଇତ୍ୟାଦିଙ୍କ ପାଇଁ ଜିଏସ୍‌ଟିର ଜଟିଳ ପ୍ରକ୍ରିୟା ସବୁକୁ ପାଳନ କରିବା ବ୍ୟୟସାପେକ୍ଷ ଓ କଷ୍ଟସାଧ୍ୟ ହେଉଥିଲା। ତେଣୁ ଏହାକୁ ସରଳ କରାଯାଇଛି। ଯେଉଁମାନଙ୍କର ମାସିକ କାରବାର ୨.୫ଲକ୍ଷ ଟଙ୍କାରୁ କମ୍ ହେବ ସେମାନଙ୍କୁ ସ୍ୱୟଂଚାଳିତ ପ୍ରକ୍ରିୟାରେ ମାତ୍ର ୩ ଦିନ ଭିତରେ ପଞ୍ଜିକରଣ କରାଯିବ। ଆବଶ୍ୟକତା ଅନୁଯାୟୀ, ଏଥିରୁ କୌଣସି ସମୟରେ ସେମାନେ ଓହରି ପାରିବେ ଓ ପ୍ରତ୍ୟାବର୍ତ୍ତନ ମଧ୍ୟ କରି ପାରିବେ। ଏହାଦ୍ୱାରା ହାରାହାରି ୯୬ ପ୍ରତିଶତ ପ୍ରତିଷ୍ଠାନ ଉପକୃତ ହେବେ। ବିଦେଶକୁ ରପ୍ତାନୀ କରୁଥିବା ସାମଗ୍ରୀ ଓ ଏସ୍‌ଇଜେଡ୍‌ରୁ ବିକ୍ରି ହେଉଥିବା ସାମଗ୍ରୀ ଉପରେ ୯୦ ପ୍ରତିଶତ କର ସ୍ୱୟଂଚାଳିତ ଯାନ୍ତ୍ରିକ ପ୍ରକ୍ରିୟାରେ ଏହାର ମୂଲ୍ୟାୟନ କରି ତୁରନ୍ତ କର ପ୍ରାପ୍ୟ ଫେରସ୍ତ ହୋଇଯିବ, ଯାହାକି ରପ୍ତାନି କ୍ଷେତ୍ରରେ ୩୮ ପ୍ରତିଶତ ଯୋଗଦାନ କରୁଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ଗୋଷ୍ଠୀ ବିଶେଷ ଲାଭବାନ ହେବେ।

ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଟିକସ ହାରରେ ସଂଶୋଧନ ହୋଇଚାଲିଛି ଏବଂ ପୂର୍ବର ହାରାହାରି ୧୫.୫ ପ୍ରତିଶତ ସାମଗ୍ରିକ ଟିକସରୁ ନୂତନ ହାର ଭିତ୍ତିରେ ମାତ୍ର ୧୦.୫ ପ୍ରତିଶତ ହୋଇଯିବ। ସେହିପରି ଭାବରେ ପୂର୍ବରୁ ମୋଟ ଘରୋଇ ଉତ୍ପାଦନର ୬.୫ ପ୍ରତିଶତ ରାଜସ୍ୱ ଆୟ ବର୍ତ୍ତମାନ ୫.୪ ପ୍ରତିଶତକୁ ଖସିଯିବ। ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ୧.୫ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ରାଜସ୍ୱ ସଂକୁଚିତ ହେବ। ତେଣୁ ରାଜସ୍ୱ ବୃଦ୍ଧି ପାଇଁ କେତେକ ସୁନା, ରୁପା ପରି ମୂଲ୍ୟବାନ ଧାତୁ ଉପରେ ୩ ପ୍ରତିଶତରୁ ୫ ପ୍ରତିଶତ ଏବଂ ଆୟର କେତେକ ଆବଶ୍ୟକୀୟ ସାମଗ୍ରୀ ଉପରେ ଲାଗୁଥିବା ୫ ପ୍ରତିଶତ ଟିକସକୁ ୮ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ମଧ୍ୟ ମତ ପ୍ରକାଶ ପାଇଛି। ଅନେକ ରାଜ୍ୟରେ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ରାଜସ୍ୱ ହ୍ରାସ ଫଳରେ ସେମାନଙ୍କର ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇବ ଏବଂ ଦେଶରେ ଏକକ କର ବ୍ୟବସ୍ଥା ଲାଗୁ ହେଲା ପରେ ତାଙ୍କର କୌଣସି ନୂତନ ଟିକସ ଆଦାୟ କରିବା ସାର୍ବଭୌମିକ କ୍ଷମତା ନାହିଁ। ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କୁ ନେଇ ଜିଏସ୍‌ଟି ପରିଷଦ ଗଠିତ। ସମସ୍ତ ନିଷ୍ପତ୍ତି ଏହି ପରିଷଦ ନିର୍ଦ୍ଧାରଣ କରିଥାଏ। କିନ୍ତୁ ଚଳିତ ଟିକସ ହ୍ରାସର ଘୋଷଣା ବା ପ୍ରତିଶ୍ରୁତି ପ୍ରଧାନମନ୍ତ୍ରୀ ଲାଲ୍ କିଲ୍ଲାରୁ ସ୍ୱାଧୀନତା ଦିବସ ଉଦ୍‌ବୋଧନୀ ଭାଷଣରେ ଦେଲେ, ଯାହାକି ଏକ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମାନ୍ୟ ବ୍ୟତିକ୍ରମ ହୋଲି ଅନୁଭୂତ ହୁଏ।

ଟିକସ ହାରରେ ହ୍ରାସ ଫଳରେ ଜନସାଧାରଣ ଅଧିକ କ୍ରୟ କଲେ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କର ଲାଭ ବୃଦ୍ଧି ପାଇବ ଏବଂ ସରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଭାବରେ କିଛିମାତ୍ରାରେ ଭରଣା କରିବେ। ଟିକସ ହାର ହ୍ରାସ ପାଇବା ପରେ ପୂର୍ଣ୍ଣମାତ୍ରାରେ ଜନସାଧାରଣ ଯେପରି ଏହାର ଲାଭ ପାଇବାରିବେ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। କାରଣ ବିଗତ ଦିନରେ ଏହାର ବ୍ୟତିକ୍ରମ ଅନେକ ଦୃଷ୍ଟାନ୍ତ ଅଛି। ଯଦିଓ ଭାରତର ସମସ୍ତ ଉତ୍ପାଦିତ ସାମଗ୍ରୀ ଓ ସେବା ଜିଏସ୍‌ଟି ଅନ୍ତର୍ଭୁକ୍ତ ହୋଇଛି; କିନ୍ତୁ ପେଟ୍ରୋଲିୟମ୍ ସାମଗ୍ରୀ, ବିଦ୍ୟୁତ ଓ ଜମିକିଣା ବିକା ଇତ୍ୟାଦି ଏହି ବ୍ୟବସ୍ଥା ଅଧୀନକୁ ଆସିପାରିନାହିଁ। ଆଗାମୀ ଦିନରେ ଅନ୍ତତଃ ପେଟ୍ରୋଲିୟମ୍ ସାମଗ୍ରୀକୁ ଜିଏସ୍‌ଟି ଅଧୀନକୁ ଆଣିବା ପାଇଁ ଦାବି ହେଉଛି। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଉପରେ ବର୍ତ୍ତମାନ ହାରାହାରି ୫୮ ପ୍ରତିଶତ ଟିକସ ଆଦାୟ ହେଉଥିବାରୁ ଏବଂ ରାଜ୍ୟମାନେ ମଧ୍ୟ ଅଧିକ ରାଜସ୍ୱ ପାଉଥିବାରୁ ଏହାକୁ ଅନ୍ତତଃ ୪୦ ପ୍ରତିଶତ ସ୍ଲାବ୍‌ରେ ସାମିଲ କରି ଅତିରିକ୍ତ ସେସ୍ ମାଧ୍ୟମରେ ଭରଣା କଲେ କେସକେଡିଂ ପ୍ରଭାବ ଦୂର ହେବା ସହ ବ୍ୟବସାୟିକ ଗୋଷ୍ଠୀ ଇନ୍‌ପୁଟ୍ କ୍ରେଡିଟ୍ ପାଇପାରନ୍ତେ। ସମସ୍ତ ବ୍ୟବସାୟିକ ପ୍ରକ୍ରିୟା ସରଳ ହୋଇପାରନ୍ତା।

ଅନୁରୂପ ଭାବରେ ଜିଏସ୍‌ଟିକୁ ମଧ୍ୟ ଫେସ୍‌ଲେସ୍ କରାଯାଉ। ଅବଶ୍ୟ ସରକାର ସବୁ ରାଜ୍ୟରେ ଏକ ଟ୍ରିବ୍ୟୁନାଲ ସ୍ଥାପନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି, ଯାହା ବିବାଦ ସମାଧାନରେ ସମସ୍ତଙ୍କ ପାଇଁ ସହାୟକ ହେବ। ଜିଏସ୍‌ଟି ପ୍ରଣୟନ ହେବା ସମୟରୁ ମ୍ୟାନୁଫେକ୍‌ଚରିଂ ପାଇଁ ୪୦ ଲକ୍ଷ ଏବଂ ସେବା ପ୍ରଦାନକାରୀଙ୍କ ପାଇଁ ୨୦ ଲକ୍ଷ ବାର୍ଷିକ କାରବାର ଉପରେ ଜିଏସ୍‌ଟି ବହିର୍ଭୂତ ଥିଲା, ଯାହାକି ମୁଦ୍ରାସ୍ଫୀତି ହିସାବକୁ ନେଲେ ଅନ୍ତତଃ ଏହାକୁ ଦୁଇଗୁଣ କରିବାର ଆବଶ୍ୟକତା ଅଛି। ଯାହା ଫଳରେ ଛୋଟ ଛୋଟ ବ୍ୟବସାୟୀ ବିଶେଷଭାବେ ଉପକୃତ ହେବେ। କାରଣ ଜିଏସ୍‌ଟି ଲାଗୁ ପରଠାରୁ ଅତିକ୍ଷୁଦ୍ର ବ୍ୟବସାୟୀ ନିୟମକାନୁନ ପାଳନର ଅସମର୍ଥତା ଯୋଗୁଁ ବହୁମାତ୍ରାରେ ସେମାନଙ୍କ କାରବାର ବନ୍ଦ କରିଦେବା ଅନେକ ଦୃଷ୍ଟାନ୍ତ ଅଛି।


ଗରିବ ଜନସାଧାରଣ ସେମାନଙ୍କର ଆୟର ସିଂହଭାଗ ସାମଗ୍ରୀ କିଣାକିଣିରେ ଖର୍ଚ୍ଚ ହେଉଥିବାରୁ ପରୋକ୍ଷ କର ବାବଦରେ ସେମାନେ ଅଧିକ ଖର୍ଚ୍ଚାନ୍ତ ହୋଇଥା'ନ୍ତି। ଅପରପକ୍ଷେ ଧନିକ ଗୋଷ୍ଠୀ ସେମାନଙ୍କର ଆୟର ଅପେକ୍ଷାକୃତ ଖୁବ୍ କମ୍ ସାମଗ୍ରୀ କିଣାରେ ଖର୍ଚ୍ଚ କରନ୍ତି ଏବଂ ବଳକା ରାଶି ପୁଞ୍ଜିବଜାରରେ ଇତ୍ୟାଦି ବିନିଯୋଗ କରି ଅଧିକ ଲାଭବାନ ହୋଇଥା'ନ୍ତି। ତେଣୁ ପରୋକ୍ଷ କର ଗରିବ ବର୍ଗର ଜନସାଧାରଣଙ୍କୁ ବେଶି ମାତ୍ରାରେ ପ୍ରଭାବିତ କରିଥାଏ। ବିକ୍ରି ହେଉଥିବା ସାମଗ୍ରୀ ବା ସେବାର ମୂଲ୍ୟବୃଦ୍ଧି ମୁଦ୍ରାସ୍ଫୀତି ବୃଦ୍ଧି ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସାମଗ୍ରିକ ଭାବରେ ଦୀର୍ଘ ୮ ବର୍ଷର ଜିଏସ୍‌ଟିର ଯାତ୍ରା ସଂପୂର୍ଣ୍ଣ ତ୍ରୁଟିମୁକ୍ତ ନ ହେଲେ ମଧ୍ୟ ଭାରତରେ ପରୋକ୍ଷ କର ବ୍ୟବସ୍ଥାରେ ସ୍ଥିରତା ଓ ରାଜସ୍ୱ ବୃଦ୍ଧିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିଛି। ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଫଳରେ ଜିଏସ୍‌ଟି ଆଗାମୀ ଦିନରେ ଆହୁରି ସହଜ ଓ ସରଳ ହେବ ବୋଲି ଆଶା କରାଯାଏ। ଆଗାମୀ ଦିନରେ ବିକଶିତ ଦେଶମାନଙ୍କର ଅଭିଜ୍ଞତାକୁ ନେଇ ସଂସ୍କାର ପ୍ରକ୍ରିୟାକୁ ନିରବିଚ୍ଛିନ୍ନ ଭାବେ ଚାଲୁରଖିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା, ମୋ: ୯୪୩୭୩୪୬୫୫୪।

# ମହାଜାଗତିକ ବିକିରଣ ଓ ଦୃଷ୍ଟିଶକ୍ତିର ସମ୍ଭାବନା

**ଭୁବନାନନ୍ଦ ସାହୁ**

ଆମେରିକାର ଏରୋନେଟିକ୍ ସ୍ପେସ୍ ଏଜେନ୍ସି (ନାସା) ପ୍ରଥମ ଥର ପାଇଁ ବ୍ରହ୍ମାଣ୍ଡର ଉତ୍ପତ୍ତିକୁ ଜାଣିବା ପାଇଁ ମହାକାଶକୁ କୋବେ ନାମକ ଏକ ସାଟେଲାଇଟ ପଠାଇଥିଲା। ଏହି ସାଟେଲାଇଟ ଅବଲୋହିତ ଓ ମାଇକ୍ରୋୱେଭ୍ ବିକିରଣକୁ ମାପି ୧୩.୭ ବିଲିୟନ(୧ବିଲିୟନ=୧୦୦କୋଟି) ବର୍ଷ ପୂର୍ବେ ବ୍ରହ୍ମାଣ୍ଡର ଉତ୍ପତ୍ତି ହୋଇଛି ବୋଲି ଦର୍ଶାଇଥିଲା। ଏହି ବିକିରଣର ତାପମାତ୍ରା ବ୍ରହ୍ମାଣ୍ଡର ଉତ୍ପତ୍ତି ସମୟରେ ୧.୦ ଗୁଣନ ୧୦କୁ ୨୭ଥର ଗୁଣନ କରିବା ପରେ ଯେଉଁ ସଂଖ୍ୟା ଆସିବ ସେତିକି ଡିଗ୍ରୀ ସେଣ୍ଟିଗ୍ରେଡ୍ ଥିଲା। ଏହି ବିକିରଣ ବ୍ରହ୍ମାଣ୍ଡର ପ୍ରସାରଣ ସହିତ କମି କମି ଆସି ଏବେ ୩ ଡିଗ୍ରୀ କେଲଭିନରେ ଅଛି ବୋଲି କୋବେ ନିଷ୍କର୍ଷରେ ପହଞ୍ଚିଛି। ଏହି ସାଟେଲାଇଟ ଦୂର ବ୍ରହ୍ମାଣ୍ଡରୁ ଆସୁଥିବା ଅବଲୋହିତ ଓ ମାଇକ୍ରୋୱେଭ୍ ଆଲୋକର ଉଷ୍ମତାକୁ କ୍ୟାମେରାରେ ଦେଖି ତା'ର ସଠିକ ମାନଚିତ୍ରକୁ ତିଆରି କଲା।



ଆଜିର ଆମ ବ୍ରହ୍ମାଣ୍ଡଟି ୧୩.୭ ବିଲିୟନ ବର୍ଷ ପୂର୍ବରୁ ଏକ ବହୁତ ଛୋଟ ଓ ଘନ ପଦାର୍ଥରୁ ବିସ୍ଫୋରଣ ପରେ ସୃଷ୍ଟି ହୋଇଛି। ଏହା ହେଉଛି ବଡ଼ ଧରଣର ପ୍ରଥମ ପ୍ରମାଣ ଏବଂ ୨୦୦୬ରେ ଏହି ଆବିଷ୍କାର ପାଇଁ ଦୁଇ ଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଲା। ଆମେ ସମୁଦାୟ ଆଲୋକର କେବଳ ୦.୦୦୩୫% କୁ ଦେଖିପାରୁ। ଏହି ଦୃଶ୍ୟମାନ ଆଲୋକଟି ଇନ୍ଦ୍ରଧନୁର ସାତଟି ରଙ୍ଗ। ସେହି ସାତଟି ରଙ୍ଗ ହେଲା ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦିଆ, ନାରଙ୍ଗୀ ଓ ଲୋହିତ। ଆମ ଆଖିରେ ନୀଳ, ସବୁଜ ଓ ଲୋହିତ ରଙ୍ଗର କୋଷ ଅଛି। ଏହି କୋଷ ଆମକୁ ଇନ୍ଦ୍ରଧନୁର ସାତଟି ରଙ୍ଗ ଦେଖେଇପାରୁଛି। ଆମର ଆଖି ଅତିବାଇଗଣୀ ଓ ଅବଲୋହିତ ଆଲୋକକୁ ଦେଖି ପାରେନାହିଁ। ସୂର୍ଯ୍ୟାଲୋକରୁ ଆସୁଥିବା କିରଣର ୯୯.୯୯%କୁ ଆମେ ଦେଖିପାରି ନ ଥାଉ। ସେହି ଦେଖିପାରୁ ନଥିବା କିରଣଗୁଡ଼ିକ ହେଲା ଗାମାରେ, ଏକ୍ସରେ, ଅତିବାଇଗଣୀ, ଅବଲୋହିତ, ମାଇକ୍ରୋୱେଭ୍ ଓ ରେଡିଓ ୱେଭ୍। ଆମେ ଯଦି ସୂର୍ଯ୍ୟାଲୋକର ସବୁକିରଣ ଦେଖିପାରନ୍ତେ ପୃଥିବୀଟି ଆମକୁ ପରିରାଇଜ ପରି ଆହୁରି ସୁନ୍ଦର ଦେଖାଯା'ନ୍ତା। ବିଜ୍ଞାନର ଅଭିବୃଦ୍ଧି ବ୍ରହ୍ମାଣ୍ଡରେ ଆମ ପୃଥିବୀ ପରି ଆଉ ଅନେକ ଗ୍ରହର ଆବିଷ୍କାର କରିଛି, ଯେଉଁଠି ଜୀବ ସମାଜ ଥାଇପାରନ୍ତି। ବୋଧେ ସେହି ଜୀବ ସମାଜ ଆମଠୁ ଅଧିକ ସୂର୍ଯ୍ୟାଲୋକ କିରଣ ଦେଖିପାରୁଥିବେ।

କେତେକ ପ୍ରାଣୀ ଅବଲୋହିତ ଓ ଅତିବାଇଗଣୀ ଆଲୋକକୁ ଦେଖିବାର ଅସାଧାରଣ କ୍ଷମତା ରଖନ୍ତି। ଅନ୍ଧାରରେ ଶିକାର ଓ ଶିକାରୀକୁ ସଠିକ୍ ଭାବରେ ଦେଖିବା ପାଇଁ ସାପର ଅବଲୋହିତ ଦର୍ଶନ କ୍ଷମତା ଅଛି। ଏକ ଉଦାହରଣରେ ନିଆଁ ହେଉଛି ଦୃଶ୍ୟମାନ୍ ଆଲୋକ ଏବଂ ଏହାର ଉଷ୍ମତା ହେଉଛି ଅବଲୋହିତ ଆଲୋକ। ଆଖି ଓ ନାକ ମଧ୍ୟରେ ସାପର ଏକ ବିଶେଷ ଅଙ୍ଗ ଅଛି, ଯାହାକୁ ପିଟ୍ କିମ୍ବା ଗର୍ତ୍ତ କୁହାଯାଏ। ଏହି ଗର୍ତ୍ତ ସାହାଯ୍ୟରେ ସାପ ପ୍ରାଣୀର ଉଷ୍ମତାକୁ ମାପି ତା'ର ଚିତ୍ରପଟ ତିଆରି କରେ। ଏହି ଗର୍ତ୍ତ ଅଙ୍ଗରେ ଥିବା ସ୍ନାୟୁରେ ଟିଆରପିଏ ୧ନାମକ ଏକ ଶ୍ୱେତସାର ଥାଏ। ଏହି ଟିଆରପିଏ ୧ ହେଉଛି ଏକ ଉତ୍ତାପ ସକ୍ରିୟ ଶ୍ୱେତସାର। ଉଷ୍ମ ରକ୍ତ ପ୍ରାଣୀର ଶରୀରରୁ ଆସୁଥିବା ଅବଲୋହିତ ଉତ୍ତାପ ଦ୍ୱାରା ଟିଆରପିଏ୧ ସକ୍ରିୟ ହୋଇଯାଏ। ଉତ୍ତାପ ଗ୍ରହଣ ପରେ ମସ୍ତିଷ୍କରେ ଟିଆରପିଏ ୧ ଦ୍ୱାରା ଏକ ତାପଜ ଚିତ୍ର ତିଆରି ହୁଏ।

ଅନ୍ୟ ପ୍ରାଣୀମାନଙ୍କରେ ଅବଲୋହିତ କିରଣକୁ ଦେଖିପାରିବା ଏପର୍ଯ୍ୟନ୍ତ ଅସମ୍ଭବ ଥିଲା। ନାନୋଟେକ୍ନୋଲୋଜି ଜରିଆରେ ଏବେ ଏହି ଅସମ୍ଭବକୁ ସମ୍ଭବ କରା ହୋଇପାରିଛି। ଅନ୍ଧ ମୂଷାମାନଙ୍କ ଉପରେ ଦୀର୍ଘ ଗବେଷଣା ପରେ ତାଙ୍କୁ ପୁନର୍ବାର ଦେଖିବାର କ୍ଷମତା ଦିଆଯାଇ ପାରିଛି। ସାପର ଟିଆରପିଏ ୧ କୁ ଅନ୍ଧ ମୂଷାଙ୍କ ଆଖିରେ ପ୍ରତିରୋପଣ କରି ଉଷ୍ମତାକୁ ଦେଖିବାର ଶକ୍ତିକୁ ଅଣାଯାଇ ପାରିଛି। ଏହି ଆବିଷ୍କାର ଦିନେ ଅନ୍ଧ ଲୋକଙ୍କର ପୁନର୍ବାର ଦୃଷ୍ଟି ଶକ୍ତି ଫେରାଇ ଆଣିପାରିବ - ଏହା ବୈଜ୍ଞାନିକମାନଙ୍କର ବିଶ୍ୱାସ।

(ବୈଜ୍ଞାନିକ-ମାସାଚୁସେଟ, ଆମେରିକା)
ଜାମସେଠ(ପାଇକମାଳ, ବରଗଡ଼)

# ଆମ ବୃକ୍ଷଲତା ଆମ ଜୀବନ

## ପଦ୍ମ

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ପଦ୍ମ ବା କମଳ ହେଉଛି ଏକ ଦେଶୀୟ ଜଳଜ ଉଦ୍ଭିଦ, ଯାହା ଦକ୍ଷିଣ ଭାରତରୁ ଆରମ୍ଭ କରି ଉତ୍ତର ଭାରତ, ହିମାଳୟର ୧, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସର୍ବତ୍ର ବିଦ୍ୟମାନ। ବର୍ତ୍ତମାନ ଶ୍ରୀଲଙ୍କା, ଦକ୍ଷିଣପୂର୍ବ ଏସିଆ, ନ୍ୟୁ ଗିନି ଏବଂ ଉତ୍ତର ଓ ପୂର୍ବ ଅଷ୍ଟ୍ରେଲିଆରେ ଏହାର ଉପସ୍ଥିତି ରହିଛି। ହିନ୍ଦୁ, ବୌଦ୍ଧ, ଜୈନ, ଇସମାଇଲିବାଦ ଓ ଚୀନ୍ ସଂସ୍କୃତିରେ ଏହା ଗଭୀର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଧାର୍ମିକ ଗୁରୁତ୍ୱ ବହନ କରେ। ପବିତ୍ରତା, ପ୍ରଜ୍ଞା, ଆଧ୍ୟାତ୍ମିକ ଜାଗରଣ ଏବଂ ଦିବ୍ୟସୌନ୍ଦର୍ଯ୍ୟର ପ୍ରତୀକ, ଯାହା କଳା, ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ବ୍ୟାପକ ଭାବରେ ଚିତ୍ରିତ ଓ ପ୍ରସ୍ଫୁଟିତ ହୋଇଛି। ପଦ୍ମ ଖାଦ୍ୟ ଉପଯୋଗୀ ବିହନ ଭାବେ ଚାଷ ହେବାର ପ୍ରାୟ ୩, ୦୦୦ ବର୍ଷର ଏକ ଦୀର୍ଘ ଇତିହାସ ରହିଛି। ଏହାର ପ୍ରାୟ ୧୦୦ ପ୍ରକାର ଉପଜାତି ରହିଥିବା କୁହାଯାଏ। ପବିତ୍ର ପଦ୍ମ ଭାରତର ଜାତୀୟ ଫୁଲ ଏବଂ ଅନୌପଚାରିକ ଭାବରେ ଭିଏତନାମର ମଧ୍ୟ ଜାତୀୟ ଫୁଲ। ଚୀନ୍ ଦେଶର ଲୋକମାନେ ଏହି ତୃଣକୁ ଦୀର୍ଘାୟୁର ପ୍ରତୀକ ଭାବରେ ବିଶ୍ୱାସ କରନ୍ତି।

ପଦ୍ମର ଲମ୍ବା କାଣ୍ଡକୁ ରାଇଜୋମ ବା କନ୍ଦ କୁହାଯାଏ, ଯେଉଁଥିରେ ଅନେକ ବାୟୁ ରନ୍ଧ୍ର ଥାଏ। ରାଇଜୋମର ଗଣ୍ଠିରୁ ସୂକ୍ଷ୍ମ ତନ୍ତୁ ପରି ମୂଳ ବାହାରିଥାଏ। ପଦ୍ମ ଗଛର ରାଇଜୋମ ପୋଖରୀ କିମ୍ବା ନଦୀ ତଳ ମାଟିରେ ପାଣି ତଳେ ଅନୁଭୂମିକ ଭାବରେ ସ୍ଥାୟୀ ଭାବରେ ସ୍ଥାନିତ ଥିବା ବେଳେ ପତ୍ର ଓ ଫୁଲଗୁଡ଼ିକ ଜଳପୃଷ୍ଠରେ ଭାସମାନ ଅବସ୍ଥାରେ ଥା'ନ୍ତି। ଏହାର ପତ୍ରଟି ଆକାରରେ ବଡ଼, ଗୋଲାକାର। ପତ୍ର ନାଡ଼ ପ୍ରାୟ ୨୦୦ ସେମି ପର୍ଯ୍ୟନ୍ତ ଲମ୍ବା ହୋଇପାରେ, ଫୁଲଗୁଡ଼ିକ ୩୫ ସେମି ବ୍ୟାସ ପର୍ଯ୍ୟନ୍ତ ବଢ଼ିଥାଏ। ଫୁଲର କ୍ୟାଲିକ୍ସ ବା ବୃତି ମଣ୍ଡଳରେ ୫ ବୃତି, କରୋଲା ବା ଦଳ ମଣ୍ଡଳରେ ୧୦ ରୁ ୩୦ଟି କିମ୍ବା ତା'ଠାରୁ ଅଧିକ ପାଖୁଡ଼ା ଥାଏ, ଯାହା ହଳଦିଆ ଫୁକେଶର ଚକ୍ରକୁ ଘେରି ରହିଥାଏ। ଫୁକେଶର ଚକ୍ର ମଧ୍ୟରେ ଗାଇନୋସିୟମ୍ ବା ଫଳିକା ଚକ୍ର ଅବସ୍ଥିତ। କାର୍ପେଲ ବା ଫଳିକା ଚକ୍ରରେ ଏକ ଡିମ୍ବାଶୟ ଥାଏ, ଯାହା ଡିମ୍ବାଣୁକୁ ଧାରଣ କରେ। ସଫଳ ପରାଗ ସଙ୍ଗମ ପରେ, କାରପେଲ୍ ଏକ ବୀଜପଡ୍ କିମ୍ବା ଫଳକୁ ବିକଶିତ କରେ। ବୀଜପଡ୍ ସାଧାରଣତଃ ସବୁଜ ରଙ୍ଗର ଅନନ୍ୟ ତ୍ରିକୋଣୀୟ ଥାଳି ଆକୃତିର ହୋଇ ଥାଏ। ପରିପକ୍ୱ ହେବା ସହିତ ଏହା ରଙ୍ଗ ପରିବର୍ତ୍ତନ କରେ ଏବଂ କଠିନ ହୁଏ। ଭିତରେ ବିକାଶଶୀଳ ବିହନକୁ ସୁରକ୍ଷା ଦିଏ। ବୀଜପଡ୍ ପ୍ରାୟ ୧୦ ରୁ ୩୦ ବୀଜ ଧାରଣ କରିପାରେ। ବୀଜଗୁଡ଼ିକ ଗୋଲାକାର, ଛୋଟ ଓ ଗାଢ଼ ରଙ୍ଗର। ୧୯୯୪ ମସିହାରେ, ପ୍ରାୟ ୧, ୩୦୦ ବର୍ଷ ପୁରୁଣା ଏକ ପବିତ୍ର ପଦ୍ମରୁ ଏକ ବୀଜ, ଉତ୍ତର-ପୂର୍ବ ଚୀନ୍‌ର ଏକ ଶୁଷ୍କ ହ୍ରଦପଡ଼ିଆରୁ ସଫଳତାର ସହ ଅଙ୍କୁରିତ ହୋଇଥିଲା।

ପଦ୍ମ ଡାଳ, ବିହନ, ପତ୍ର ଓ ଫୁଲ ଦୀର୍ଘବର୍ଷ ଧରି ପାରମ୍ପରିକ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହୋଇଆସୁଛି। ପତଳା ଝାଡ଼ା, ସଂକ୍ରମଣ, କାଶ, ଉଚ୍ଚ ରକ୍ତଚାପ, ଜ୍ୱର, କର୍କଟ, ସ୍ମରଣ ଶକ୍ତି ହ୍ରାସ, ମାଢ଼ି ରୋଗ, ....ଚିକିତ୍ସା ପାଇଁ ପଦ୍ମର ବିଭିନ୍ନ ଅଂଶ ବ୍ୟବହାର କରାଯାଏ। ଏହାର ଆଣ୍ଟିଅକ୍ସିଡାଣ୍ଟ କାର୍ଯ୍ୟକଳାପ ବିହନ ଓ ପତ୍ରରେ ସବୁଠାରୁ ଅଧିକ କେନ୍ଦ୍ରିତ ଦେଖାଯାଏ, ଯେଉଁଥିରେ କ୍ୟାମ୍ପଫେରୋଲ୍, କ୍ୟାଟେଚିନ୍, କ୍ଲୋରୋଜେନିକ୍ ଏସିଡ୍ ଓ କ୍ୱେର୍ସେଟିନ୍ ସମେତ ଆଣ୍ଟିଅକ୍ସିଡାଣ୍ଟ ଯୌଗିକ ଜୈବ ରସାୟନ ଥାଏ। ଟୁଥପେଷ୍ଟ ଓ ଅନ୍ୟାନ୍ୟ ମୁଖ ପରିଷ୍କାର ଉତ୍ପାଦରେ ଏକ ଉପାଦାନ ଭାବରେ ଏହାର ଉପଯୋଗ ହୁଏ। ପଦ୍ମ ଶୁଖିଲା ମୂଳ, ଚା, ପାଉଡର, କ୍ୟାପସୁଲ୍ ଓ ନିଶ୍ୱାସେନ ସମେତ ଅନେକ ପ୍ରସ୍ତୁତିରେ ଉପଲବ୍ଧ। ପତ୍ରଗୁଡ଼ିକରେ ଫ୍ଲାଭୋନୋଲ୍ ମିକ୍ୱେଲିଆନିନ୍ ଏବଂ ଆଲକାଲଏଡ୍ ଯେପରିକି କୋକ୍ଲାଓରିନ୍ ଓ ନରକୋକ୍ଲାଓରିନ୍ ଥାଏ। ସମଗ୍ର ଉଦ୍ଭିଦରେ ନ୍ୟୁସିଫେରିନ୍ ଓ ନେଫେରିନ୍ ସମେତ ଜୈବିକ ସକ୍ରିୟ ଯୌଗିକ ଉପାଦାନ ଥାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶୋଇଥିବା ବେଳେ ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

ଆନନ୍ଦପୁର,୨୧।୯ (ସମିସ): ସ୍ୱାମୀ-ସ୍ତ୍ରୀ ଘରେ ଶୋଇଥିବାବେଳେ ଶନିବାର ବିଳମ୍ବିତ ରାତିରେ ହଠାତ୍ କେହି ଦୁର୍ବୃତ୍ତ ଘରେ ପଶି ସ୍ୱାମୀଙ୍କୁ ହାଣି ଦେଇଛି। ରବିବାର ସକାଳେ ଏଭଳି ଅଭାବନୀୟ ଘଟଣା ଆନନ୍ଦପୁର ଥାନା ସିନ୍ଧୁରିଆ ଗାଁରେ ଚହଳ ପକାଇଛି। ମୃତକ ଜଣକ ହେଲେ ଜଗବନ୍ଧୁ ଦେଓଗାମ। ଖବରପାଇ ପୁଲିସ୍ ଘଟଣାର ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପରେ ଅଭିଯୁକ୍ତକୁ ଧରିବା ପାଇଁ ତନାଘନା ଚଳାଇଛି। ପ୍ରକାଶ ଯେ, ଶନିବାର ରାତିରେ ଜଗବନ୍ଧୁ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲେ। ରାତି ସାଢ଼େ ୧୨ଟା ସମୟରେ କେହି ଦୁର୍ବୃତ୍ତ ଘରେ ପଶି ଜଗବନ୍ଧୁଙ୍କୁ ଜଙ୍ଘକୁ ଏକ ଧାରୁଆ ଅସ୍ତ୍ରରେ ହାଣି ଫେରାର୍ ହୋଇଯାଇଥିଲା। ଅନ୍ଧାରର ସୁଯୋଗ ନେଇ ଆକ୍ରମଣକାରୀ ଜଣକ ସେଠାରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। ସଙ୍ଗେ ସଙ୍ଗେ ଜଗବନ୍ଧୁଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ ପରିବାର ଲୋକେ। ଜଙ୍ଘରେ ଶକ୍ତ ଆଘାତ ଏବଂ ପ୍ରବଳ ରକ୍ତସ୍ରାବ ଯୋଗୁଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ ପୂର୍ବରୁ କୌଣସି କାରଣକୁ ନେଇ ଜଗବନ୍ଧୁଙ୍କ ସହ ତାଙ୍କର ଜଣେ ପୁତୁରାର ଝଗଡ଼ା ହୋଇଥିବାରୁ ହତ୍ୟାକାଣ୍ଡରେ ତା'ର ହାତ ଥାଇପାରେ ବୋଲି ସନ୍ଦେହ କରିଛନ୍ତି ଝିଅ ପୂଜାରାଣୀ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

## ଟ୍ରେଲର-ଟ୍ରକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

ଝାରସୁଗୁଡ଼ା,୨୧।୯ (ସମିସ): ରବିବାର ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ କନକତୋରା ଛକ ନିକଟରେ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅପରାହ୍ଣରେ ଝାରସୁଗୁଡ଼ାରୁ ଛତିଶଗଡ଼ ପଟକୁ ଯାଉଥିବା ଏକ ଟ୍ରେଲର ଏବଂ ଛତିଶଗଡ଼ ପଟୁ ଝାରସୁଗୁଡ଼ାକୁ ଆସୁଥିବା ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରେଲର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଖବର ଲେଖାହେବା ସୁଦ୍ଧା ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ପରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଜନସାଧାରଣ ରାସ୍ତାରୋକ କରିଥିବାବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରିଛି। ଅନ୍ୟପଟେ ଏହି ଦୁର୍ଘଟଣାରେ ଦୁଇଟି କାର୍ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

### ଯୁବକଙ୍କୁ ଅବହେଳା ପ୍ରସଙ୍ଗରେ ବର୍ଷିଲା ଯୁବ ବିଜେଡି

## ସରକାର ବାଣ୍ଟୁଛନ୍ତି ନବୀନ ସରକାରଙ୍କ ନିଯୁକ୍ତିର ନିଯୁକ୍ତିପତ୍ର

- ନିଶାମୁକ୍ତ ନାରା ଦେଇ ସରକାର ଖୋଲୁଛନ୍ତି ନୂଆ ମଦ ଦୋକାନ
- ରାଜଧାନୀରେ ବେକାର ଯୁବକଙ୍କ ସମ୍ମିଳନୀ କରିବ ଯୁବ ବିଜେଡି

ଭୁବନେଶ୍ୱର,୨୧।୯ (ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବାର ୧୫ ମାସ ବିତି ଯାଇଥିଲେ ମଧ୍ୟ ଯୁବ ବର୍ଗର ବିକାଶ ପାଇଁ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ୍ ନାହିଁ। ଏଥିପାଇଁ ଯୁବବର୍ଗ ସଂପୂର୍ଣ୍ଣ ଅବହେଳିତ ଓ ହତାଶ ହୋଇପଡିଛନ୍ତି ବୋଲି କହିଛନ୍ତି ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ। ରାଜ୍ୟ ସରକାର ଯୁବକଙ୍କ ପ୍ରତି କରୁଥିବା ଛଳନା ସମ୍ପର୍କରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ କହିଛନ୍ତି ଯେ ରାଜ୍ୟରେ ବେକାରୀ ଆଜି ଚରମ ସୀମାରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ କୌଣସି ଯୁବ ନୀତି ନାହିଁ କି ଯୁବବର୍ଗର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପାଖରେ କୌଣସି ରୋଡ୍‌ମ୍ୟାପ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ନିଶାମୁକ୍ତ ଭାରତ ନାରା ଦେଇ ଗଣଦୌଡ ଆୟୋଜନ କରୁଛନ୍ତି; ଅପରପକ୍ଷରେ ସରକାର ଗତକାଲି ରାଜ୍ୟରେ ବନ୍ଦ ହୋଇଥିବା ପ୍ରାୟ ୭୦ଟି ମଦ ଦୋକାନ ଖୋଲିବ ବୋଲି ସୂଚନା ଦେଇଛନ୍ତି। ଏ ଗୁଡିକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ନିକଟରେ ଥିବାରୁ ବିଜେଡି ସରକାର ଏଗୁଡିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହାକୁ ପୁଣିଥରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସରକାରଙ୍କ ଦୋମୁହାଁ ଚରିତ୍ରକୁ ପଦାରେ ପକାଇବା ସହିତ ନିଶାମୁକ୍ତ ଭାରତ ଗଠନର ନାରା କେବଳ ଏକ ପ୍ରହସନ ବୋଲି ଶ୍ରୀ ସାହୁ କହିଛନ୍ତି।




ସେ ଆହୁରି କହିଛନ୍ତି ଯେ ରାଜ୍ୟ ବିଜେପି ସରକାରଙ୍କ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି। ବିଜେପି ତାର ନିର୍ବାଚନୀ ଇସ୍ତାହାରରେ ଦେଢ଼ ଲକ୍ଷ ଖାଲିଥିବା ସରକାରୀ ଚାକିରୀକୁ ଦୁଇ ବର୍ଷରେ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗତ ପନ୍ଦର ମାସରେ ରାଜ୍ୟ ସରକାର ୫୭,୦୦୦ ପଦବୀ ପୂରଣ କଲେଣି ବୋଲି ବାହାସ୍ଫୋଟ ମାରୁଛନ୍ତି। ବାସ୍ତବରେ ଏହି ନିଯୁକ୍ତି ଗୁଡିକର ନିଯୁକ୍ତି ପ୍ରକ୍ରିୟା ନବୀନ ସରକାରଙ୍କ ସମୟରେ ହୋଇଥିଲା। କେବଳ ନିଯୁକ୍ତି ପତ୍ର ବିତରଣ କରି ଏଥିରୁ ବାହାବା ନେବାକୁ ସରକାର ଅପଚେଷ୍ଟା କରୁଛନ୍ତି। ଗତ ପନ୍ଦର ମାସରେ ପନ୍ଦରଟି ପରୀକ୍ଷାରେ ମହାବିଭ୍ରାଟ ଦେଖିବାକୁ ମିଳିଛି। ରାଜ୍ୟ ସରକାର ୧୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ବୋଲି ଦାବି କରିଥିଲେ। କିନ୍ତୁ ଗୋଟିଏ ବି ପ୍ରକଳ୍ପର ଗ୍ରାଉଣ୍ଡିଙ୍ଗ ହୋଇ ପାରି ନାହିଁ। ଓଲଟି ପୂର୍ବରୁ ଚୁକ୍ତିବଦ୍ଧ ଥିବା ଅନେକ କମ୍ପାନୀ ଓଡିଶା ଛାଡୁଛନ୍ତି। ନବୀନ ପଟ୍ଟନାୟକଙ୍କ ସମୟରେ ଓଡିଶା କ୍ରୀଡା କ୍ଷେତ୍ରରେ ଭିତିଭୂମିର ବିକାଶ ସହିତ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତି ହାସଲ କରିଥିଲା। ଏବେ କ୍ରୀଡା କ୍ଷେତ୍ରରେ ଓଡିଶା ପଛକୁ ଚାଲି ଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ନବୀନଙ୍କ ନେତୃତ୍ୱରେ ଓଡିଶା ଆଗକୁ ଯାଇଥିଲା, କିନ୍ତୁ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାକୁ ନେଇ ଆମେରିକା ତାଙ୍କ ଦେଶର ଲୋକଙ୍କୁ ଓଡିଶା ଆସିବାକୁ ବାରଣ କରିଛି। ରାଜ୍ୟ ସରକାର ନିଶାମୁକ୍ତ ନାରା ଦେଇ ମାରାଥନ ଆୟୋଜନ କରୁଛନ୍ତି କିନ୍ତୁ ଆଜି ରାଜ୍ୟରେ ନାରୀ ନିର୍ଯାତନା, ଗଣଦୁଷ୍କର୍ମ, ଆଇନ ଶୃଙ୍ଖଳା ସ୍ଥିତିରେ ଅବନତି ମାରାଥନ ଗତିରେ ହୋଇ ଚାଲିଛି। ଯୁବବର୍ଗର ସ୍ୱାର୍ଥକୁ ଏଭଳି ଅଣଦେଖା କଲେ ରାଜ୍ୟର ଯୁବବର୍ଗ ରାଜରାସ୍ତାକୁ ଓହ୍ଲାଇବେ। ଏହାଛଡ଼ା ବିଜୁ ଯୁବ ଜନତା ଦଳ ତରଫରୁ ଏକ ବେକାର ଯୁବକ ମାନଙ୍କ ସମ୍ମିଳନୀ ଅତିଶୀଘ୍ର ଆୟୋଜନ କରି ସେମାନଙ୍କ ସ୍ୱାର୍ଥ ହାସଲ ପାଇଁ ସ୍ୱର ଉତ୍ତୋଳନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ବିଜୁ ଯୁବ ଜନତା ଦଳ ଚେତାବନୀ ଦେଇଛି।

## ବଜ୍ରପାତରେ ମହିଳାଙ୍କ ସମେତ ୨ ମୃତ

ଖଲ୍ଲିକୋଟ,୨୧।୯ (ସମିସ): ଖଲ୍ଲିକୋଟ ଓ ବେଗୁନିଆପଡ଼ା ଥାନା ଅଞ୍ଚଳରେ ବଜ୍ରପାତ ଘଟି ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଲ୍ଲିକୋଟ ଥାନା ଭରସା ନୂଆପଲ୍ଲୀ ଗ୍ରାମର ଚନ୍ଦ୍ରମା ଗୌଡ଼ ଓ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ଶଙ୍ଖଭୂମି ଗ୍ରାମର ସୁବାସ ଦାସ। ପ୍ରକାଶ ଯେ, ଭରସା ନୂଆପଲ୍ଲୀର ଚନ୍ଦ୍ରମା ଗୌଡ଼ ଓ ଉର୍ମିଳା ଗୌଡ଼ ରବିବାର ବ୍ରଜରାଜପୁର ଗ୍ରାମ ନିକଟରେ ଥିବା ବିଲକୁ କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ କାମ କରୁଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଚନ୍ଦ୍ରମା ଓ ଉର୍ମିଳା ଗୁରୁତର ଆହତ ହୋଇଥିଲେ। ଦୁହିଁଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ଚନ୍ଦ୍ରମାଙ୍କୁ ମୃତ ଘୋଷଣା କରିଥିଲେ। ଉର୍ମିଳାଙ୍କ ଗୁରୁତର ଅବସ୍ଥାରେ ଚିକିତ୍ସା ଚାଲିଛି। ଅପରପକ୍ଷେ ଶନିବାର ଅପରାହ୍ନରେ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ଗାଇଗୋଠ ନେଇ ନିକଟସ୍ଥ ବିଲରେ ଚରାଉଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲା। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ଜେଲ୍‌ରୁ ବିଚାରାଧୀନ କଏଦୀ ଫେରାର ଘଟଣା

## ଦୁର୍ଗାପୁର ପାହାଡ଼ରୁ ୪ ଦିନ ପରେ ମିଳିଲା ମୃତଦେହ

ରାଉରକେଲା,୨୧।୯ (ସମିସ): ରାଉରକେଲା ସ୍ୱତନ୍ତ୍ର ଜେଲରୁ ଗତ ୪ ଦିନ ତଳେ ପାଚେରି ଡେଇଁ ଫେରାର ହୋଇଥିବା ବିଚାରାଧୀନ କଏଦୀ ସୁରେଶ ବାର୍ଲା (୩୨)ଙ୍କ କ୍ଷତବିକ୍ଷତ ଗଳିତ ମୃତଦେହକୁ ପୁଲିସ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରୁ ଜବତ କରିଛି। ରଘୁନାଥପାଲୀ ଥାନା ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆଜି ଏ ବିଷୟରେ ସୂଚନା ମିଳିବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସ୍‌ଡିପିଓ ରଶ୍ମୀରଞ୍ଜନ ମହାପାତ୍ର,

### ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ପରିବାର

ରଘୁନାଥପାଲୀ ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ଏବଂ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତକଙ୍କ ପରିବାର ଏବଂ ଜେଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ତାହା ଜେଲରୁ ଫେରାର ହୋଇଥିବା ସୁରେଶ ବାର୍ଲାଙ୍କର ବୋଲି ସ୍ପଷ୍ଟ ହୋଇଥିଲା।

ମୃତ ସୁରେଶଙ୍କ ଶବ ପଚି ଯାଇଥିଲେ ହେଁ ଶରୀରରେ ଏକାଧିକ କ୍ଷତଚିହ୍ନ ରହିଥିବା ପରିଲକ୍ଷିତ ହୋଇଥିଲା। ସେପଟେ ମୃତ ସୁରେଶଙ୍କ ପରିବାରବର୍ଗ ଏହି ମୃତ୍ୟୁ ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସମେତ ଡ୍ୟୁଟିରେ ଥିବା ଅନ୍ୟ କର୍ମଚାରୀଙ୍କୁ ଦାୟୀ କରି ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି। ମୃତ ସୁରେଶଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ବେଳେ ଅନେକ ପ୍ରଶ୍ନ ଉଠିଛି। ଜେଲ ପାଚେରିର ଉଚ୍ଚତା ପ୍ରାୟ ୩୫ରୁ ୪୦ ଫୁଟ ହୋଇଥିବା ବେଳେ ଏତେ ଉଚ୍ଚରୁ ସୁରେଶ ଡେଇଁ ଥିବାରୁ ଗୁରୁତର ଭାବେ ଆହତ ଅବସ୍ଥାରେ ନିକଟସ୍ଥ ଦୁର୍ଗାପୁର ପାହାଡ଼ ଉପରକୁ ଚାଲିଯିବା ଏବଂ ଚିକିତ୍ସା ଓ ଖାଦ୍ୟ ନ ପାଇ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ସୁରେଶଙ୍କ ମୃତ୍ୟୁ ପଛରେ କେବଳ ଏହି ଘଟଣା ନା ଅନ୍ୟ କିଛି ରହସ୍ୟ ଲୁଚି ରହିଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସେପଟେ ପାନପୋଷ ଏସ୍‌ଡିପିଓ



ଶ୍ରୀ ମହାପାତ୍ର କହିଛନ୍ତି ଯେ ପୁଲିସ ଏବେ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗାସ୍ଥିତ ମାରିଙ୍ଗିପିଢ଼ି ଗ୍ରାମରେ ସୋନିଆ ବାର୍ଲା(୬୦)ଙ୍କ ସହ ତାଙ୍କ ବଡ଼ ପୁଅ କିଶୋର ବାର୍ଲା ଏବଂ ସାନ ପୁଅ ସୁରେଶ ବାର୍ଲା ରହୁଥିଲେ। ସୁରେଶ ବିବାହ ହୋଇ ନଥିବା ବେଳେ ସେ ସବୁବେଳେ ମଦ୍ୟପାନ କରୁଥିଲା। ଗତ ଜୁନ ୨୪ ତାରିଖ ସକାଳେ ସୁରେଶ ମଦ ପିଇବାକୁ ମା' ସୋନିଆଙ୍କୁ ଟଙ୍କା ମାଗିଥିଲା। ସୋନିଆ ମଦ ପାଇଁ ଆଉ ଟଙ୍କା ଦେବାକୁ ମନା କରି ଦେବାରୁ ସେ ତାଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିବା ପାଇଁ ଉଦ୍ୟତ ହେଉଥିବା ବେଳେ ବଡ଼ ପୁଅ କିଶୋର ମା'ଙ୍କୁ ଘର ଭିତରକୁ ଟାଣି ନେଇଥିଲା। ଫଳରେ ସୋନିଆ ଅଳ୍ପକେ ବର୍ତ୍ତି ଯାଇଥିଲେ। ହେଲେ ସୁରେଶ ପୂର୍ବରୁ ମାଡ଼ ମାରିଥିବାରୁ ସୋନିଆ ଆହତ ହୋଇଥିଲେ। ତାଙ୍କୁ ବଡ଼ ପୁଅ କିଶୋର ଡାକ୍ତରଖାନା ନେଇ ଚିକିତ୍ସା କରାଇବା ପରେ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଏହାର ତଦନ୍ତ କରିବା ସହ ଜୁନ୍ ୨୫ ତାରିଖରେ ଅଭିଯୁକ୍ତ ସାନ ପୁଅ ସୁରେଶ ବାର୍ଲାକୁ ଗିରଫ କରିବା ସହ ଟାଙ୍ଗିଆକୁ ଜବତ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାରାଧୀନ କଏଦୀ ଭାବେ ରହିଥିଲା। ତେବେ ସୁଯୋଗ ଦେଖି ସେପ୍ଟେମ୍ବର ୧୭ ସକାଳ ପ୍ରାୟ ସାଢେ ୧୦ଟାରୁ ୧୧ଟା ମଧ୍ୟରେ ଜେଲ ପରିସରରେ ଚାଲିଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମସ୍ତେ ବ୍ୟସ୍ତ ଥିବା ବେଳେ ସୁରେଶ ଜେଲ ଭିତରେ ଥିବା ୱାଚ୍ ଟାୱାର ଉପରେ ଚଢ଼ି ପାଚେରିରୁ ଡେଇଁ ଫେରାର ହୋଇ ଯାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ତାକୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିଲା। ଗତକାଲି ରାତିରେ ଜେଲ ରୋଡ ତଥା ସରକାରୀ ଆଇଟିଆଇ ପଛ ପାଶ୍ୱର୍ରେ ଥିବା ପାହାଡ ଉପରେ ଯୁବକଙ୍କ ଶବ ପଡ଼ିଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଆଜି ପରିବାର ଲୋକେ ପହଞ୍ଚି ଶବ ଚିହ୍ନଟ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠାରୁ ନୂଆ...

ବିଚ୍ୟୁତି ଘଟିଲେ ବ୍ୟବସାୟୀଙ୍କୁ ଜେଲ ଓ ଜୋରିମାନାରେ ଦଣ୍ଡିତ ହେବାକୁ ପଡ଼ିବ। ଜିଏସ୍‌ଟି ହ୍ରାସ ପରେ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଲାଗୁ ହେବନାହିଁ। ସେପ୍ଟେମ୍ବର ୨୨ ପରେ ପୈଠ କରାଯାଇଥିବା ନବୀକରଣ ପ୍ରିମିୟମ ମଧ୍ୟ ଜିଏସ୍‌ଟି ମୁକ୍ତ ହେବ।

### ଜିଏସ୍‌ଟି ବଚତ୍...

ସଂସ୍କାର ସହିତ ସ୍ୱଦେଶୀ ସାମଗ୍ରୀ କାରବାର ଅଭିବୃଦ୍ଧିକୁ ଗତିଶୀଳ କରିବା ସହିତ ଅଧିକରୁ ଅଧିକ ପୁଞ୍ଜି ଆଣିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତ ଏବଂ ସ୍ୱଦେଶୀ ଅଭିଯାନରେ ସାମିଲ ହେବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟଙ୍କୁ ଆହ୍ୱାନ ଜଣାଇଛନ୍ତି।

### ଭାରତରୁ ଚିଙ୍ଗୁଡି...

ଓଡ଼ିଶା ୪,୭୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନି କରିଥିଲା। ଏହି ରପ୍ତାନିର ପ୍ରାୟ ଏକ ତୃତୀୟାଂଶ କେବଳ ଆମେରିକାକୁ ହୋଇଥିଲା। ଏହି ସମୟରେ ଆମେରିକା ପ୍ରଶାସନର ଚିଙ୍ଗୁଡ଼ି ଆମଦାନୀ କଟକଣା ରପ୍ତାନିକାରୀ, ମତ୍ସ୍ୟଜୀବୀ ଏବଂ ସରକାରଙ୍କୁ ଚିନ୍ତାରେ ପକାଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାର ଚିଙ୍ଗୁଡ଼ି ରପ୍ତାନି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୪-୦୫ ରେ ରାଜ୍ୟର ଚିଙ୍ଗୁଡ଼ି ରପ୍ତାନି ୩୦୦-୪୦୦ କୋଟି ମଧ୍ୟରେ ରହିଥିଲା। ୨୦୨୪-୨୫ରେ ଏହା ୪,୭୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରୁ ଚିଙ୍ଗୁଡ଼ି ଆମେରିକା, ୟୁରୋପ, ରୁଷ, ଜାପାନ ଏବଂ ଅନ୍ୟାନ୍ୟ ବିକଶିତ ଦେଶଗୁଡ଼ିକୁ କରାଯାଉଛି ଏବଂ ଏହାର ସିଂହଭାଗ କେବଳ ଆମେରିକାକୁ ପଠାଯାଉଛି। ଭାରତରୁ ବାର୍ଷିକ ୯ ଲକ୍ଷ ଟନ୍ ଚିଙ୍ଗୁଡ଼ି ଉତ୍ପାଦିତ ହୋଇଥାଏ, ଯାହା ସାରା ବିଶ୍ୱରୁ ଉତ୍ପାଦିତ ଚିଙ୍ଗୁଡ଼ିର ୪୦%।

ସମ୍ପ୍ରତି ଆମେରିକୀୟ ସେନେଟରମାନେ ଭାରତୀୟ ଚିଙ୍ଗୁଡ଼ି ରପ୍ତାନି ଉପରେ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ରିପବ୍ଲିକାନ୍ ସେନେଟର ବିଲ୍ କାସିଡି ଏବଂ ସିଣ୍ଡି ହାଇଡ୍-ସ୍ମିଥ୍ ଆମେରିକୀୟ କଂଗ୍ରେସରେ 'ଇଣ୍ଡିଆ ଚିଙ୍ଗୁଡ଼ି ଟାରିଫ୍ ବିଲ୍' ଆଗତ କରିଛନ୍ତି। ଭାରତ ଅନୁଚିତ ବାଣିଜ୍ୟ ଅଭ୍ୟାସ ମାଧ୍ୟମରେ ଆମେରିକା ବଜାରରେ ଚିଙ୍ଗୁଡ଼ି ବିକ୍ରି କରୁଛି, ଯାହା ଦ୍ୱାରା ଲୁଇସିଆନାର ଚିଙ୍ଗୁଡ଼ି ଏବଂ କ୍ୟାଟ୍‌ଫିସ୍ ଶିଳ୍ପକୁ ଯଥେଷ୍ଟ କ୍ଷତି ପହଞ୍ଚୁଥିବା ଏଥିରେ ଉଲ୍ଲେଖ ରହିଛି। ଆମେରିକୀୟ ସେନେଟରମାନେ ଏହି ବିଲ୍ ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ହଜାର ହଜାର ନିଯୁକ୍ତିକୁ ସୁରକ୍ଷା ଦେବ ବୋଲି ଦାବି କରିଛନ୍ତି।

### ୨୪ ଘଣ୍ଟାରେ...

ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ସୋମବାର କେନ୍ଦୁଝରେ ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ରାଜ୍ୟର ବାକି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ଅନ୍ୟପଟେ ଏହି ଲଘୁଚାପ ପ୍ରଭାବ ଯାଉ ଯାଉ ଆସନ୍ତା ୨୫ ସେପ୍ଟେମ୍ବର ପାଖାପାଖି ମିଆଁମାର-ବାଂଲାଦେଶ ଉପକୂଳରେ ଥିବା ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପଟି ଅଧିକ ଘନୀଭୂତ ହେବା ନେଇ ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ତେଣୁ ଏହି ଲଘୁଚାପ ଯୋଗୁଁ ପାର୍ବଣ ସମୟରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ପ୍ରଭାବରେ ୨୫ ତାରିଖରୁ ବର୍ଷା ବଢ଼ିବା ସହ ୨୮ ତାରିଖ ଯାଏଁ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଆଲର୍ଟ ଜାରି କରାଯାଇଛି। ଲଘୁଚାପ ଯୋଗୁଁ ବିଶେଷ କରି ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଜିଲ୍ଲାଗୁଡ଼ିକରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି।

### ବନ୍ଦ ହେବ...

ଆଶଙ୍କା ସୃଷ୍ଟି ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଇଡି କଲେଜରେ ଆବଶ୍ୟକ ଅଧ୍ୟାପକ ନ ଥିବାରୁ ବହୁ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହୋଇଥିଲା। ଏହାପରେ ବିଇଡି କଲେଜ ପରିଚାଳନା ଭାର ଉଚ୍ଚଶିକ୍ଷା ବିଭାଗ ନେଇଥିଲା। ଏହାପରେ ୩୮୫ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପ୍ରକ୍ରିୟା ଆରମ୍ଭ କରିଥିଲା। ତହିଁରେ ଗୋଟିଏ ବିଷୟରେ ସ୍ନାତକୋତ୍ତର କରିବା ସହ ବିଇଡି କରିଥିବା ଆବଶ୍ୟକ ବୋଲି ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଗଲା। ହେଲେ ଏହା ଏନ୍‌ସିଟିଇ ଧାର୍ଯ୍ୟ କରିଥିବା ମାନଦଣ୍ଡକୁ ଉଲଙ୍ଘନ କରିଥିଲା। ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି ବାଧ୍ୟତାମୂଳକ ନିୟମକୁ ପାଳନ କରି ନ ଥିଲା। ଫଳରେ ମୋଟ୍ ୩୮୫ ଜଣଙ୍କ ମଧ୍ୟରୁ ଯୋଗ୍ୟତା ନ ଥାଇ ମଧ୍ୟ ପ୍ରାୟ ୨୧୪ ଜଣ ଅଧ୍ୟାପକ ଭାବେ ନିଯୁକ୍ତି ପାଇଛନ୍ତି। ଆବଶ୍ୟକ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଇ ସ୍ୱୀକୃତି ପ୍ରତ୍ୟାହାର ହୋଇଥିବା କଲେଜଗୁଡ଼ିକୁ ପୁନଃ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗ ଏନ୍‌ସିଟିଇକୁ ଅନୁରୋଧ କରାଯାଇଥିଲା। ହେଲେ ଏକାଧିକ ଅଭିଯୋଗ ସହ ଉଚ୍ଚ ନ୍ୟାୟାଳୟରେ ମାମଲା ପହଞ୍ଚିବା ପରେ ଏନ୍‌ସିଟିଇ ଖୋଳତାଡ଼ ଜାରି ରଖିଛି।

ଗତ ଅଗଷ୍ଟ ୨୫ ଓ ୨୬ ତାରିଖରେ ଏନ୍‌ସିଟିଇର ୩୭୪ତମ ବୈଠକରେ ଏନେଇ ବିସ୍ତୃତ ଭାବେ ଆଲୋଚନା ହୋଇଛି। ପୂର୍ବରୁ ଗୋଟିଏ ଥର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା କଲେଜଗୁଡ଼ିକୁ ଦ୍ୱିତୀୟ ବା ଚୂଡ଼ାନ୍ତ ନୋଟିସ୍ କରିବାକୁ ନିଷ୍ପତି ହୋଇଛି। ଭୁବନେଶ୍ୱରସ୍ଥିତ ନଳିନୀ ଦେବୀ ବିଇଡି କଲେଜ, କଟକସ୍ଥିତ ରାଧାନାଥ କଲେଜ, ଅନଗୁଳସ୍ଥିତ ନବକୃଷ୍ଣ ଚୌଧୁରୀ ବିଇଡି କଲେଜ, ସମ୍ବଲପୁରସ୍ଥିତ ପର୍ଶୁରାମ ମିଶ୍ର ଅଗ୍ରଗାମୀ ବିଇଡି କଲେଜ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବିଇଡି କଲେଜ, ବଲାଙ୍ଗିର ବିଇଡି କଲେଜ, ବାରିପଦାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଇଡି କଲେଜ ଏବଂ ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ବିଇଡି କଲେଜକୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଫଳରେ ଆସନ୍ତା ଶିକ୍ଷାବର୍ଷରୁ ଏହି କଲେଜରେ ନାମଲେଖା ବନ୍ଦ ହୋଇଯିବ।

ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ପାଇଁ ସ୍ୱୀକୃତି ପ୍ରତ୍ୟାହାର ପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ପୂର୍ବରୁ ଗୋଟିଏ ଲେଖାଏଁ ନୋଟିସ୍ ପାଇଥିବା ଏହି ୮ଟି ବିଇଡି କଲେଜ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲି ରହିଛି। ଆଗାମୀ ଦିନରେ ଏଗୁଡ଼ିକର ସ୍ୱୀକୃତି ମଧ୍ୟ ପ୍ରତ୍ୟାହାର କରିବା ସୁନିଶ୍ଚିତ ବୋଲି ଶିକ୍ଷାବିତ୍‌ମାନେ ଆଶଙ୍କା କରୁଛନ୍ତି।

### ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ...

ମଧ୍ୟ କେହି ନିଯୁକ୍ତି ପାଇ ନାହାନ୍ତି । ଅନୁରୂପ ଭାବରେ ମୁଖିଆ ଅଭାବରୁ ବିଭିନ୍ନ ନିଗମଗୁଡ଼ିକ ଦିଶାହୀନ ଭାବରେ ଗତି କରୁଛି ।

୧୫ ମାସ ହେଲାଣି ବୋର୍ଡ, ନିଗମ ଏବଂ ଅକାଦେମୀ ସହ ବିଭିନ୍ନ କମିଶନରେ ନିଯୁକ୍ତି ଦିଆଯାଉ ନ ଥିବାରୁ ବିକାଶମୂଳକ କାମ ଅଟକି ରହିଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପରି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ପଡ଼ିଛି। ଏପଟେ ନୂଆ ମନ୍ତ୍ରୀ ହୋଇଥିବା ଏବଂ ଏନେଇ ଆଗରୁ ଆଦୌ ଅଭିଜ୍ଞତା ନ ଥିବା ମନ୍ତ୍ରୀଙ୍କ ଉପରେ ଏକାଧିକ ବିଭାଗ ନ୍ୟସ୍ତ କରାଯାଇଥିବାରୁ ସେମାନେ ଏକପ୍ରକାର ଅଣନିଶ୍ୱାସୀ । ଏହି ପରିପ୍ରେକ୍ଷୀରେ ପ୍ରତି ମାସେ ଦୁଇମାସ ବ୍ୟବଧାନରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ହେଉଛି । ବିଶେଷ ଭାବରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ଏହି ଚର୍ଚ୍ଚା ବେଶି ଦାନା ବାନ୍ଧୁଥିଲେ ହେଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ସହମତି ହୋଇ ପାରୁ ନ ଥିବା କୁହାଯାଉଛି । ଦଳ ମଧ୍ୟରେ ଗୋଷ୍ଠୀ ବିବାଦ ଓ ପ୍ରବଳ ଲବି ଯୋଗୁଁ ମନ୍ତ୍ରୀ ପଦଗୁଡ଼ିକ ପୂରଣ ହୋଇ ପାରୁ ନ ଥିବା କୁହାଯାଉଛି। ଯାହାକୁ ନେଇ ଦଳୀୟ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି । ଏପରିକି ଖୋଦ ଦଳର କର୍ମୀ ଓ କର୍ମକର୍ତ୍ତା ସରକାର ଓ ସଙ୍ଗଠନର ନିଷ୍ପତ୍ତି ନେବାର କ୍ଷମତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ।

ଗତ ସପ୍ତାହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଏପରିକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସଂକ୍ରାନ୍ତରେ ଦିଲ୍ଲୀରେ କୌଣସି ଆଲୋଚନା ହୋଇନାହିଁ ଓ ନିଗମ ନିଯୁକ୍ତି ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ସୂଚନା ଦେଇଥିଲେ। ମନମୋହନଙ୍କ ଏହି ସଂକ୍ଷିପ୍ତ ମନ୍ତବ୍ୟ ମନ୍ତ୍ରୀ ଆଶାୟୀଙ୍କୁ ନିରାଶ କରିଥିବାବେଳେ ନିଗମ ଓ ବୋଡର୍‌ରେ ଥଇଥାନ ହେବାକୁ ଆଶା ବାନ୍ଧିଥିବା ଅନେକଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏହା ସତ୍ତ୍ୱେ ଚଳିତ ମାସ ଶେଷ ସପ୍ତାହରେ ଦୁର୍ଗାପୂଜା ଅବକାଶ ପୂର୍ବରୁ ରାଜ୍ୟରେ ନିଗମ ଓ ବୋଡର୍ ନିଯୁକ୍ତି ସହ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ଅନେକ ଆଶା କରୁଛନ୍ତି।

### ବିଷ ବି...

ବିଷ ବି ଭେଜାଲ୍ ହୋଇଥିବା ଜଣାପଡ଼ିଛି।

ଚାଷ ଜମିକୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ଚାଷୀ ଦିନରାତି ପରିଶ୍ରମ କରୁଛି। କୃଷି ବିଭାଗ ବ୍ଲକ୍‌ୱାରୀ ହ୍ୱାଟସ୍‌ଆପ୍ ଗ୍ରୁପ୍ କରିଛି। ଏଥିରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ସଚେତନତାଠାରୁ ଆରମ୍ଭ କରି ରୋଗ ପୋକ ବିଷୟରେ ବି ସଚେତନ କରାଯାଉଛି। ମାତ୍ର ସବୁ ଚାଷୀଙ୍କ ପାଖରେ ଏହି ସୂଚନା ପହଞ୍ଚିପାରୁନି। ତେଣୁ ରୋଗ ଦାଉରୁ କେମିତି ରକ୍ଷା ପାଇବେ ଚାଷୀମାନେ ଜାଣିପାରୁନାହାନ୍ତି। କେଉଁ କୀଟନାଶକ ବ୍ୟବହାର କଲେ, ଏହାକୁ ପ୍ରତିହତ କରିହେବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ମାତ୍ର କୃଷି ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ମିଳିନଥିବା ଅଭିଯୋଗ ହେଉଛି। ଏହି ରୋଗ ଏବେ ଉପକୂଳ ଓଡ଼ିଶା ସମେତ ନୟାଗଡ଼, ବୌଦ୍ଧ, କନ୍ଧମାଳ ଆଦି ଜିଲ୍ଲାରେ ଏହି ରୋଗ ଦେଖାଦେଇଥିବା ଅଭିଯୋଗ ହେଉଛି। ଚାଷ ଜମିରେ ଅଧିକ ପାଣି ଜମି ରହିବା ଓ ମାତ୍ରାଧିକ ସାରର ପ୍ରୟୋଗ ଯୋଗୁଁ ଏହି ରୋଗ ହେଉଛି। ଏହି ରୋଗର ଲକ୍ଷଣ ୩ ପ୍ରକାରର। ଧାନପତ୍ର ହଳଦିଆ ପଡ଼ିବ, ଧାନପତ୍ରରେ ଚିହ୍ନ ସୃଷ୍ଟି ହେବ ଓ ଧାନ ଉପରୁ ମୂଳ ପର୍ଯ୍ୟନ୍ତ ପୋଡ଼ି ପୋଡ଼ି ଆସିବା ହେଉଛି ଏହାର ମୂଳ ଲକ୍ଷଣ। ସେହିପରି ପତ୍ରମୋଡ଼ା ରୋଗ ମଧ୍ୟ ଧାନକୁ ସର୍ବନାଶ କରିଦେଉଛି। ଉପରୁ ଧାନ ଗଛକୁ ଗୋଟେ କରି ପୋକ ଖାଇଦେବ ଓ ଧାନ ବଢିବାକୁ ଦେଉନି।

କୃଷି ବିଶେଷଜ୍ଞ ସୁବ୍ରତ ପାଣିଗ୍ରାହୀଙ୍କ କହିବାନୁସାରେ, ଏହି ରୋଗ ପ୍ରତିହତ କରିବାକୁ ହେଲେ ଏବେ କୀଟନାଶକ ବ୍ୟବହାର କରିବା ପରିବର୍ତ୍ତେ ଜୈବକ ଉପାୟ ଅବଲମ୍ବନ କରିବା ଜରୁରୀ। ରୋଗ ଲାଗିବା ପରେ ଚାଷୀ ୨ ଶହ ଲିଟର ପାଣିରେ ୨୦କେଜି କଞ୍ଚା ଗୋବର ମିଶାଇ ସିଞ୍ଚନ କଲେ ପୋକ ଦାଉରୁ ରକ୍ଷା ପାଇପାରିବ। ପ୍ରଥମେ ଚାଷୀ ଏହି ଉପାୟକୁ ଅବଲମ୍ବନ କରି ପୋକ ନାଶ କରିବାକୁ ଚେଷ୍ଟା କରିବା ଦରକାର ବୋଲି ସେ କହିଛନ୍ତି। ଜିଲ୍ଲା ଓ ବ୍ଲକ୍‌ସ୍ତରରେ ଥିବା କୃଷି ଅଧିକାରୀମାନେ ତୃଣମୂଳସ୍ତରକୁ ଯାଇ ଚାଷୀଙ୍କୁ ସଚେତନ କରାନ୍ତୁ। କୀଟନାଶକ ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହନ କରନ୍ତୁ ବୋଲି ସେ କହିଛନ୍ତି। ଏନେଇ କୃଷି ବିଭାଗର ଜଣେ ଅଧିକାରୀ କହିଛନ୍ତି, କିଛି ବ୍ଲକ୍‌ରେ ପତ୍ରପୋଡ଼ା ରୋଗ ନେଇ ଅଭିଯୋଗ ଆସିଛି। ଆମେ ଏହା ଉପରେ ଯାଞ୍ଚ କରି ରୋଗ ଦାଉରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବୁ ବୋଲି ସେ କହିଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Banpur, vide no-3550, dated 17/09/2025 I, Saikh Firdosh, S/o- Saikh Taher, of At-Badahantuad, Po.- Badahantuad, Ps.-.Banpur, Dist.-Khordha, declare that in my Adhar card my name is wrongly mentioned as Sek Firdos instead of Saikh Firdosh. Henceforth, I shall be known as **Saikh Firdosh** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 20.09.2025, I BABLU BISSOI, S/o- Late Jagat Bissoi, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063 declare that, I have changed my name from **BABULA BISUI to BABLU BISSOI**. Henceforth I shall be known as **BABLU BISSOI** for all purposes.
Sd/- **BABLU BISSOI**

**AFFIDAVIT**

By virtue of an affidavit No, 2459, dtd 20/9/2024 before the Executive Magistrate, Phulbani, I, Sanjiba Mallick, resident At-Dangarapada, Po-Ratanga, Ps-Phiringia, Dist-Kandhamal have changed my minor daughter's name from Sili Mallick to Snehalata Mallick. Henceforth, she shall be known as **Snehalata Mallick** for all purposes.
**Sd/-Sanjiba Mallick**

**AFFIDAVIT**

By virtue of an affidavit sworn before Excutive Magistrate, Soro on 16.09.2025, I Sarojini Mohanty, formerly called Sarojini Jena, W/o Debashish Jena, At- Brahmansahi, Po-Sarasankha, Ps-Soro Balasore, PIN-756045, declare that I have changed my name from Sarojini Jena to Sarojini Mohanty. Henceforth, I shall be known as **Sarojini Mohanty** for all further purposes.

**AFFIDAVIT**

By virtue of an affidavit no.285, dtd. 17.09.2025 before the Executive Magistrate, Dharakote, Dist.: Ganjam, I, Tambar Goud, Spouse of Late Balab Goud have changed my name & Date of Birth from Tambal Goud (DOB 10.03.1970) to Tambar Goud (DOB 27.01.1967). Henceforth I shall be known as **Tambar Goud and DOB 27.01.1967** for all purposes.

**AFFIDAVIT**

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po-Dhemanasole, Ps- Chandua, Dist-Mayurbhanj declare that the actual and correct Date of Birth(DOB) of my daughter Sonali Dehuri (Rakhi) is 10-11-2010. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2010, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

**AFFIDAVIT**

By virtue of an affidavit before the Executive Magistrate, Nayagarh, I, Mahendra Majhi, At/Po-Subalaya, Ps-Bhapalm, Dist-Nayagarh have changed my minor son's name from Sandipsoyansu Majhi (old name) to Sandep Swayanshu Majhi (new name). Henceforth, he shall be known as Sandep Swayanshu Majhi for all purposes.
**Sd/-Mahendra Majhi**

**AFFIDAVIT**

By virtue of an affidavit sworn before the Notary Public, Nabarangpur vide no.372 dated. 20.09.2025, I Smt. Jochhnarani Nayak @ Jochhana Rani Behera, D/o- Late Radha Krushna Nayak W/o- Susanta Kumar Behera resident of At/Po./Ps.- Papadahandi state that in my son **Baibhav Kumar Behera's** birth certificate my name has been wrongly mentioned as Jochhnarani Nayak. Hence **Jochhnarani Nayak** and **Jochhana Rani Behera** is one and same person.
Sd/- **Jochhana Rani Behera**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 24/02/2025. I, **Sri Tulasi Nag** (Applicant name), aged about 34 years, S/o- Sashi Nag, Address: At- Makripada, PO-Lebada, PS- Muribahal, Dist-Bolangir (Odisha), PIN- 767033 declare that, my daughter name is **Chutila Nag** which is mentioned in her Aadhar Card bearing No: 2568 3099 3409. That, now I have changed my daughter name from **Chutila Nag to Chunnu Nag.** Henceforth, she shall be known as **CHUNNU NAG** (new name) for all purposes.
**Sri Tulasi Nag**

### ବେଳାଭୂମି ମୁକ୍ତାକାଶ ବାର୍ ପାଲଟିବା ପ୍ରସଙ୍ଗ

# ପର୍ଯ୍ୟଟକଙ୍କୁ ସୁରକ୍ଷା ଦେଇପାରୁନି ପୁଲିସ

ଭୋଗରାଇ, ୨୧।୯ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ପଞ୍ଚାୟତର ଉଦୟପୁର ବେଳାଭୂମିମୁକ୍ତ ଆକାଶ ତଳେ ଖୋଲା ବାର ସାଜିଥିବା ବେଳେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ବେଳାଭୂମିରେ ବ୍ରାଉନ ସୁଗାର, ଗଞ୍ଜେଇ, ମଦ, ଚୋରସ, ହୁକା ଭଳି ମାରାତ୍ମକ ନିଶା ସହିତ ରୂପଜୀବୀମାନଙ୍କ ଦେହ ବ୍ୟବସାୟ ଓ ଅର୍ଦ୍ଧ ଉଲଗ୍ନ ନୃତ୍ୟ ଏବଂ ପର୍ଯ୍ୟଟକଙ୍କୁ ମରଣାନ୍ତକ ଆକ୍ରମଣ ସ୍ଥାନୀୟ ଅଞ୍ଚଳ ତଥା ଜିଲ୍ଲା ସମେତ ରାଜ୍ୟକୁ କଳଙ୍କିତ କରିଛି। ପାଖରେ ତାଳସାରି ସାମୁଦ୍ରିକ ଥାନା ଥିଲେ ମଧ୍ୟ ପୁଲିସ ଆଖି ଆଗରେ ଉକ୍ତ ଅସାମାଜିକ, ଅପରାଧିକ କାର୍ଯ୍ୟକଳାପ ହୋଇ ଆସୁଛି। ଏ ନେଇ ପୁଲିସର କାର୍ଯ୍ୟଦକ୍ଷତାକୁ ବୁଦ୍ଧିଜୀବୀ ମହଲରେ ଘୋର ନିନ୍ଦା ଓ ବିରୋଧ କରାଯାଉଥିଲେ ସୁଦ୍ଧା ଉଦୟପୁର ବେଳାଭୂମିରେ ଏସବୁ ଉପରେ ରୋକ ଲାଗି ପାରୁନାହିଁ କି, ପର୍ଯ୍ୟଟକମାନଙ୍କୁ ପୁଲିସ ସୁରକ୍ଷା ଦେଇ ପାରୁ ନାହିଁ। ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ଏ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଥାନାଧିକାରୀଙ୍କୁ ତାଗିଦ କରାଯାଇଥିଲା। ମାତ୍ର ଥାନାଧିକାରୀ ନିଜର ଅପାରଗତାକୁ ଢାଙ୍କିବା ଏବଂ ନିଜକୁ ସ୍ୱଚ୍ଛତା ପ୍ରମାଣ କରିବାକୁ ଯାଇ ସ୍ଥାନୀୟ କେତେକ ଜନ ପ୍ରତିନିଧି, ମଦ ବେପାରୀଙ୍କ ସହଯୋଗ ଲୋଡିଥିବା ସୂଚନା ମିଳିଛି। ତଞ୍ଚକତାର ସହ ଥାନାଧିକାରୀ ସେଠାକାର ମଦ ବେପାରୀଙ୍କ ସହାୟତାରେ ପ୍ରାୟୋଜିତ ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଉଦୟପୁର ବେଳାଭୂମିରେ ମଦ ବ୍ୟବସାୟ ହେଉ ନ ଥିବା ଏବଂ ଏହା ପଡୋଶୀ ପଶ୍ଚିମବଙ୍ଗର ଦୀଘା ବେଳାଭୂମିରେ ମଦ ବ୍ୟବସାୟ ହେଉଥିବା ଦର୍ଶାଇ ନିଜର ସାଧୁତା ଦେଖାଇବା ଉଦ୍ଦେଶ୍ୟରେ ଦାବିପତ୍ର ପଠାଇଥିବା ଜଣାପଡ଼ିଛି। ତେବେ ସତ ସାମ୍ନାକୁ ଆସିଲା ପରେ ଘଟଣାକୁ ଏସ୍‌ପିଙ୍କ ଆଗରେ ମିଛ ପ୍ରମାଣ କରିବାକୁ ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଚମ୍ପାବତୀ ସୋରେନଙ୍କ ଏହା ଆଉ ଏକ ଅଭିନବ ପ୍ରୟାସ ବୋଲି ସାଧାରଣରେ ଆଲୋଚନା ହେଉଛି। ଉଦୟପୁର ବେଳାଭୂମିରେ ନିଶା ବ୍ୟବସାୟୀ ମାନେ ଥାନା ଅଧିକାରୀଙ୍କୁ ଉଦୟପୁର ବେଳାଭୂମିର ସମ୍ମାନ ହାନୀ ହେଉଛି ବୋଲି ଦାବି ଜଣାଇଛନ୍ତି। ଚଳିତ ବର୍ଷ ବିଗତ ଦିନରେ ଉଦୟପୁର ବେଳାଭୂମିରୁ ଥାନା ଆଇଆଇସି ଓ ଭୋଗରାଇ ଅବକାରୀ ବିଭାଗର ମିଳିତ ଚଢାଉରେ ଦେଶୀ ଓ ବିଦେଶୀ ବେଙ୍ଗଲ ମାର୍କା ମଦ ବିପୁଳ ମାତ୍ରାରେ ଜବତ ହୋଇଥିଲା ବେଳେ ମଦ ବେପାରୀଙ୍କୁ ଗିରଫ ନ କରି କେବଳ ମାମଲା ରୁଜୁ କରିଥିଲେ। ଏବେ ପୁଣି ଥାନା

### ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅଧିକାରୀଙ୍କୁ ମଦ ବେପାରୀ ଓ କେତେକ ଜନ ପ୍ରତିନିଧି ମିଳିତ ହୋଇ ଉକ୍ତ ଦାବିପତ୍ର ଦେବା ଏହା କେତେଦୂର ସମ୍ମିଚୀନ ତାହା ସାଧାରଣ ଲୋକେ ଅନୁଭବ କରି ସାରିଲେଣି। ଏତେ ଘଟଣା ପରେ ଥାନା ଠାରୁ ମାତ୍ର ଶହେ ମିଟର ଦୂରରେ ଏପରି ଘଟଣା ବାରମ୍ବାର ଘଟୁ ଥିବାରୁ ଏହାକୁ ରୋକି ନ ପାରି ବରଂ ପ୍ରୋତ୍ସାହନ ଦେଉଥିବା ଥାନାଧିକାରୀ ଓ ତାଙ୍କୁ ସହଯୋଗ କରୁଥିବା ଉଚ୍ଚପଦସ୍ଥ ଅଧିକାରୀ ମାନେ ନୈତିକ ଭାବରେ ଏଠାରୁ ଅନ୍ୟତ୍ର ବଦଳି ହୋଇଯିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

## ହେଲ୍ପ ହ୍ୟାଣ୍ଡସ ସଂଗଠନ ପକ୍ଷରୁ ରିଲିଫ୍ ବଣ୍ଟନ



ବାଲିଆପାଳ, ୨୧।୯ (ସମିସ): ଏହି ବ୍ଲକରେ ଚଳିତ ବର୍ଷ ସୁବର୍ଣ୍ଣ ରେଖା ନଦୀରେ ଛଅ ଥର ବନ୍ୟା ଆସି ଲୋକଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ଏହି ଭଳି ଦୁର୍ଦ୍ଦିନ ସମୟରେ ହେଲ୍ପ ହ୍ୟାଣ୍ଡସ ଶାଳିକୁଠା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରବିବାର ପୂର୍ବାହ୍ନରେ ଜାମ କୁଣ୍ଡା ପଞ୍ଚାୟତର କାଳରୁହି ଗ୍ରାମରେ ଦୁଇ ବିଧବା ଏବଂ ନିହାତି ଗରିବ ସରସ୍ୱତୀ କାମିଲା, ଶୁକମଣି ବେହେରା ବୃଦ୍ଧାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ଆଗରୁ ବନ୍ୟା ସମୟରେ ଶୁଖିଲା ଖାଦ୍ୟ ବଣ୍ଟନ କରି ଏହି ହେଲ୍ପ ହେଣ୍ଡସ ଶାଳିକୁଠା ସଂଗଠନ ଚର୍ଚ୍ଚାକୁ ଆସିଥିଲା। ତେବେ ମାସକର ରାସନ୍, ବସ୍ତ୍ର, ବିଛଣା ସାମଗ୍ରୀ ଅସହାୟ ବୃଦ୍ଧାଙ୍କୁ ପ୍ରଦାନ କରାଯାଇଥିଲା। ସଂଗଠନର ସଭାପତି ମହାପ୍ରସାଦ ପାତ୍ର, ସମ୍ପାଦକ ଦିବ୍ୟଜ୍ୟୋତି ମହାନ୍ତି,ସମାଜସେବୀ ପ୍ରଫୁଲ୍ଲ ପାତ୍ର ,ବିନୋଦ ଜେନା, ସଦସ୍ୟ ହିମାଂଶୁ ଜେନା, ଶଶୀକାନ୍ତ ଜେନା, ଦେବଶଙ୍କର ସାହୁ, ସଦସ୍ୟା ରମିତା ବିଶ୍ୱାଳ, ପୂର୍ଣ୍ଣିମା ଦେ, ମମତା ବିଶ୍ୱାଳ, ସସ୍ମିତା ପରିଡା, ଲକ୍ଷ୍ମୀ ପ୍ରିୟା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ସୋରରେ ଅବସରପ୍ରାପ୍ତ ଏଲିମେଣ୍ଟାରୀ ଶିକ୍ଷକ ସଂଘ ଗଠିତ



ସୋର, ୨୧।୯ (ସମିସ) : ସୋର ବ୍ଲକ ଶିକ୍ଷକ ଭବନ ପରିସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀ ପ୍ରଧାନ ଏହାର ଆଭିମୁଖ୍ୟ ସଂପର୍କରେ କହିଲେ ଯେ ପ୍ରତ୍ୟେକ ଚାକିରିରେ ଅବସର ଥିଲେ ସୁଦ୍ଧା ଶିକ୍ଷାଦାନର ଅବସର ନାହିଁ। ବରିଷ୍ଠର ଅଭିଜ୍ଞତାଭିତ୍ତିକ ଶିକ୍ଷା ପଦ୍ଧତି ଶିକ୍ଷାଦାନକୁ ଅଧିକ ସମୃଦ୍ଧ ଏବଂ ଗୁଣାତ୍ମକ କରିଥାଏ। ଏହାକୁ ସାକାର କରିବା ପାଇଁ ଅବସରପ୍ରାପ୍ତ ଶିକ୍ଷକମାନଙ୍କର ସଂଘବଦ୍ଧତା ଜରୁରୀ ହୋଇପ?ଛି। ଏହି ଅବସରରେ ମହେଶ୍ୱର ବେହେରା, ରକାମାନ୍ତ ମହାନ୍ତି, ଗୋଲୋକ ବିହାରୀ ପା?ୀ, ଅନନ୍ତ ବେହେରା, ଦୟାନିଧି ମହାନ୍ତି ସଂଗଠନ ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ "ସୋର ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ' ନାମରେ ଗଠିତ ହୋଇଥିବା ବେଳେ ଏହାର ସଭାପତି ଭାବେ ଦାଶରଥି ନାୟକ ମନୋନୀତ ହୋଇଥିଲେ।

## ଝାଡ଼େଶ୍ୱରପୁରରେ ଦୋସ୍ତି କ୍ଲବ ଉଦଘାଟିତ

ଜଳେଶ୍ୱର,୨୧।୯ (ସମିସ) : ସରକାରୀ ସ୍ତରରେ ସହରର ବିକାଶ କାର୍ଯ୍ୟ ହେଉଥିବା ବେଳେ ତାକୁ ସୂଚାରୁରୂପେ ରୂପାୟନ କରିବା ଓ ସାମାଜିକ କାର୍ଯ୍ୟ କୁ ଆଗେଇ ନେବା ଲାଗି ସଂଘଟିତ ପ୍ରୟାସ ଆବଶ୍ୟକ। ସେହି ପରିପ୍ରେକ୍ଷୀରେ ଜଳେଶ୍ୱର ମ୍ୟୁନିସିପାଲଟି ୬ ନଂ ୱାର୍ଡସ୍ଥିତ ଝାଡେଶ୍ୱରପୁରଠାରେ ଯୁବ ଗୋଷ୍ଠୀଙ୍କୁ ନେଇ ଗଢି ଉଠିଥିବା "ଦୋସ୍ତି କ୍ଲବର" ଉଦ୍‌ଘାଟନୀ ଉତ୍ସବକୁ ଇମାମ୍ ସଦ୍ଦାମ ମହାପାତ୍ର, ଯୁବ ନେତା କାଳୀଚରଣ ଦାସ,ଫାଲଗୁନୀ ପାଣିଗ୍ରାହୀ, ଦିଲ୍ଲୀପ ପରିଡ଼ା, କାଉନସିଲର ମିର ଆବାସ ଅଲ୍ଲୀ, ଶେଖ୍ ସିରାଜ୍ ମହମ୍ମଦ, ଗ୍ରାମ୍ୟ ମୁଖ୍ୟ ମନସୁର ଅଲ୍ଲୀ, ଶେଖ୍ ଇସ୍ରାଇଲ୍ ଅଲ୍ଲୀ,ମିର୍ ମନସୁର ଅଲ୍ଲୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅନ୍ୟ ଅତିଥି ମଧ୍ୟରେ ବରିଷ୍ଠ ଆଇନଜୀବୀ ଫରିଦ୍ ଅହମ୍ମଦ,ତାପସ ପାଣିଗ୍ରାହୀ,ସମର କରଣ, ଅଶୋକ ମହାନ୍ତି, ଶେଖ୍ ଅମିରୁଦ୍ଦିନ୍, ଶେଖ୍ କୁନୁ, ଶେଖ୍



ହୁସେନ୍ ଓ ବିଜେପି ନେତ୍ରୀ ମଞ୍ଜୁବାଳା ପ୍ରଧାନ ମିଳିତ ଭାବେ ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଅବଦୁଲ ରହିମ୍ ସଭାପତିତ୍ୱ କରି କ୍ଲବର ଅଭିମୁଖେ ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ବିଜେପି ନଗର ସଭାପତି ଶିବ ନାରାୟଣ ସତ୍ତାର, ଶେଖ୍ ସରିଫ୍, ଶେଖ୍ ହାସିରୁଦ୍ଦିନ ବକ୍ସ ପ୍ରମୁଖ ଉପସ୍ଥିତ ହୋଇ ସଂଗଠନକୁ ମାର୍ଗଦର୍ଶନ କରିଥିଲେ। କ୍ଲବର ସଭାପତି ଶେଖ୍ ନାସିମୁଦ୍ଦିନ୍, ସମ୍ପାଦକ ଶେଖ୍ ସୈଫ୍ ଅଲ୍ଲୀ, କୋଷାଧ୍ୟକ୍ଷ ରିୟାଜ୍ ଖାଁ, ଏବଂ କ୍ଲବର ୫୦ ଜଣ ସଦସ୍ୟ ଉତ୍ସବ ପରିଚାଳନା କରିଥିଲେ।

## ପ୍ରାଧ୍ୟାପକ କିଶୋର ଗାନ୍ଧୀଙ୍କ ଦୁଇଟି ପୁସ୍ତକର ଲୋକାର୍ପଣ ଉତ୍ସବ




ବାଲେଶ୍ୱର (ଉତ୍ତର) / ଚନ୍ଦନେଶ୍ୱର,୨୧।୯ (ସମିସ): ମହାଯୋଗୀ ଶ୍ରୀଅରବିନ୍ଦଙ୍କ କାବ୍ୟ ଜଗତକୁ ନେଇ ଇଂରାଜୀରେ ରଚିତ "ଶ୍ରୀ ଅରବିନ୍ଦ ଏ ପୋଏଟ ଅଫ ଲଭ' ଓ ସମସାମୟିକ ସମାଜ ଓ ପରିବାର ଜୀବନର ବାସ୍ତବ ଘଟଣାବଳି ଉପରେ ଆଧାରିତ ଗଳ୍ପ ସଂକଳନ "ବୃନ୍ତଚ୍ୟୁତ'ର ଶୁଭ ଲୋକାର୍ପଣ ଉତ୍ସବ ଆଜି ଭୋଗରାଇର ମନ୍ମଥ-ମନୋଜ ସ୍ମାରକୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର ଦ୍ୱାରା ପ୍ରକାଶିତ ଏହି ପୁସ୍ତକଦ୍ୱୟର ପାଠକକ୍ଷର୍ପଣ ଉତ୍ସବକୁ ପ୍ରକାଶକ ଡ. କାଳୀପଦ ପଣ୍ଡା ସଂଚାଳନ କରିଥିବାବେଳେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଗବେଷକ ତଥା ସାରସ୍ୱତ ସାଧକ ଡ. ଶ୍ରୀକାନ୍ତ ଚରଣ ପାତ୍ର ଯୋଗଦେଇ ଲେଖକଙ୍କ ସମାଜ ଦର୍ଶନ ଓ ବାସ୍ତବାଭିମୁଖୀ ଚରିତ୍ର ନିର୍ମାଣ କିଭଳି ତାଙ୍କ ଗଳ୍ପଗୁଡ଼ିକୁ ସରଳପଣରେ ହୃଦୟସ୍ପର୍ଶୀ କରିଛି ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ସାହିତ୍ୟିକ ତଥା ବେତନଟୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗତ ବନ୍ଧୁ ଆଚାର୍ଯ୍ୟ ଶ୍ରୀଅରବିନ୍ଦଙ୍କ କାବ୍ୟ କବିତାରେ ଆଧାରିକ ଜୀବନ ଦର୍ଶନ ଓ ଦେଶାତ୍ମବୋଧର ଅନ୍ତର୍ଚେତନା କିଭଳି ଉତ୍ତରିତ ହୋଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ ଏବଂ ଶ୍ରୀଅରବିନ୍ଦ ଦର୍ଶନର ଅନୁଗାମୀ, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିବେଦିତା ମହାନ୍ତି ପ୍ରକାଶିତ ପୁସ୍ତକର ପାଠକୀୟ ଶ୍ରଦ୍ଧାକ୍ଷ ଓ ସ୍ୱୀକୃତି କାମନାକରିଥିଲେ। ଲେଖକ କିଶୋର ଗାନ୍ଧୀ ଲେଖକୀୟ ବକ୍ତବ୍ୟ ରଖିଥିଲେ। ମନ୍ମଥ ମନୋଜ ଫାଉଣ୍ଡେସନର ଯୁଗ୍ମ ସମ୍ପାଦକ ସୁଶାନ୍ତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ବକ୍ତବ୍ୟ ରଖିଥିବାବେଳେ ଦକ୍ଷିଣ ଭୋଗରାଇ ଓଷ୍ଟାର ସମ୍ପାଦକ ଶାଶ୍ୱତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିପଦ ଭଞ୍ଜନ ମିଶ୍ର, ରବୀନ୍ଦ୍ର ନାଥ ପ୍ରଧାନ, ସାହିତ୍ୟିକ ସନ୍ତୋଷ କୁମାର ପାତ୍ର, ନବକୃଷ୍ଣ ଦେ, କବି ଡ଼ ଶ୍ରୀକୁମାର, ଡ଼ ତାନଶ୍ରୀ ପାଣିଗ୍ରାହୀ, ଶମ୍ଭୁନାଥ ଜେନା,ସୁଧାଂଶୁ ଶେଖର ପ୍ରଧାନ, ସୁଭାଷ ଚନ୍ଦ୍ର ଚାନ୍ଦ, ନଗେନ୍ଦ୍ର ନାଥ ଜେନା ପ୍ରମୁଖ ଭୋଗରାଇର ବହୁ ବିଦ୍ୱାନ ଓ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।

## ଜଳେଶ୍ୱର ବ୍ଲକରେ ସ୍ୱଚ୍ଛ ଉତ୍ସବ

ଜଳେଶ୍ୱର ବ୍ଲକ, ୨୧।୯ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ସଭା ଗୃହରେ ସ୍ୱଚ୍ଛ ଭାରତ ମିଶନର ଏକ ପଦକ୍ଷେପ 'ସ୍ୱଚ୍ଛ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଦାନ କରି ଜନବସତି ସ୍ଥାନ ସମୂହ ସଫେଇ, ଅମୃତ ସରୋବର ଓ ଜଳାଶୟ ମାନଙ୍କରେ ସଫେଇ,ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସମ୍ପତି ଠାରେ ସୌନ୍ଦର୍ଯ୍ୟ କରଣ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱଚ୍ଛତା ରାଲି,ଘରକୁ ଘର ବୁଲି ସ୍ୱଚ୍ଛତା ପାଇଁ ସଚେତନତା ବକ୍ତୃତା,କୁଇଜ୍ ଆଦି କାର୍ଯ୍ୟକ୍ରମ ଆୟୋଜନ,ଗ୍ରାମାଞ୍ଚଳର ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ଦୁର୍ଗାପୂଜା ପରେ ଶ୍ରମ ଦାନ କରି ସମସ୍ତ ଦୁର୍ଗାପୂଜା ମଣ୍ଡପ ଗୋଡ଼ିକରେ ସଫେଇ ଓ ସ୍ୱଚ୍ଛତା କାର୍ଯକ୍ରମ ଅୟୋଜନ କରିବା ଏହିସବୁ ସ୍ଥାନ ଉପରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ସ୍ୱଚ୍ଛ ଭାରତର ବ୍ଲକ ସଂଯୋଜକ ଜୟନ୍ତ କୁମାର ଦାସ ମିଳିତ ଭାବେ ଯୋଗଦେଇ ବକ୍ତବ୍ୟରେ କହିଥିଲେ। ଏସବୁ କାର୍ଯ୍ୟକ୍ରମ ୧୭ ତାରିଖଠାରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

## ବଜ୍ରାଘାତରେ ଟଳିପଡ଼ିଲେ ବୃଦ୍ଧା

ବେତନଟୀ,୨୧।୯ (ସମିସ): ବଜ୍ରାଘାତରେ ଶନିବାର ଅପରାହ୍ଣରେ ଜଣେ ବୃଦ୍ଧା ପ୍ରାଣ ହରାଇଛନ୍ତି। ମୃତକ ହେଲେ ବେତନଟୀ ଥାନା ଶାଳବଣି ସାମିଲ ନହଣ୍ଡାଶୋଳ ପଞ୍ଚାୟତ କାଇଁଚକୋଟି ଗ୍ରାମର ଚାନ୍ଦମଣି ସିଂ(୭୩)। ସୂଚନା ମୁତାବକ ଚାନ୍ଦମଣି ନିଜ ମାଉସୀ ଘର ବେତନଟୀ ଥାନା ଦହିକୋଟୀ ପଞ୍ଚାୟତ ଅଧୀନ ଆଗଡ଼ା ଗ୍ରାମକୁ ଚାଲିଚାଲି ଯାଉଥିବା ବେଳେ ଆଗଡ଼ା ଗାଁମୁଣ୍ଡରେ ବଜ୍ରାଘାତର ଶିକାର ହୋଇଥିଲେ। ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିବା ବେଳକୁ ମୃତ୍ୟୁ ହୋଇସାରିଥିଲା।

## ୩ ବାଲି ବୋଝେଇ ହାଇୱା ଜବତ; ଚାଳକ ଅଟକ

ମହୁଲଡିହା,୨୧।୯ (ସମିସ): ଠାକୁରମୁଣ୍ଡା ବ୍ଲକ ଆନନ୍ଦପୁର-କରଞ୍ଜିଆ ନଂ ୫୩ ରାଜ୍ୟ ରାଜପଥରେ ଆନନ୍ଦପୁର ଆଡୁ ଚୋରାରେ ବାଲି ବୋଝେଇ କରି ଆସୁଥିବା ଦୁଇଟି ହାଇୱାକୁ ମହୁଲଡିହା ଓ ଗୋଟିଏ ହାଇୱାକୁ ଠାକୁରମୁଣ୍ଡା ପୁଲିସ ଜବତ କରି ଉଭୟ ଥାନା ତିନି ଚାଳକଙ୍କୁ ଅଟକ ରଖିଛି। ପ୍ରକାଶ ଥାଉ କି, କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁ ବିଶେଷ ସୂତ୍ରରୁ ଖବର ପାଇ ଦୁଇ ଏଏସଆଇ ସଞ୍ଜୟ କୁମାର ନାଏକ, ବିଜୟକୃଷ୍ଣ ସାନ୍ତେରା ଓ ପୁଲିସ କର୍ମଚାରୀଙ୍କ ସହିତ



ଶନିବାର ରାତି ପ୍ରାୟ ୩ଟାରେ ଚିଆଁବେଡା ଛକ ନିକଟରୁ ୨ଟି ଚୋରା ବାଲି ବୋଝେଇ ହାଇୱା ଜବତ କରି ଥାନାକୁ ଆଣି ଦୁଇଟି ମାମଲା ରୁଜୁକରି ତଦନ୍ତ କରିଛନ୍ତି। ଠିକ୍ ସେହିପରି ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ରାତି ୩ ଟାରେ ପୁଲିସ କର୍ମଚାରୀଙ୍କ ସହିତ ପାଟ୍ରୋଲିଂ କରୁଥିବା ବେଳେ କେନ୍ଦୁଜିଆଣୀ ଶିଶୁ ମନ୍ଦିର ନିକଟରୁ କରଞ୍ଜିଆ ଆଡ଼କୁ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ଜବତ କରି ଥାନାକୁ ଆଣି ମାମଲା ରୁଜୁକରି ତଦନ୍ତ କରୁଛନ୍ତି। ଉଭୟ ଥାନାରେ ତିନି ଚାଳକ ଅଟକ ଥିବା ଜଣାପଡ଼ିଛି।

## ଝୁଲନ୍ତା ମୃତଦେହ ଉଦ୍ଧାର

ରାଇରଙ୍ଗପୁର/ବହଳଦା,୨୧।୯ (ସମିସ): ଫ୍ୟାନ୍‌ରେ ଫାଶି ଲଗାଇ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମର ଦାସମାତ ମାର୍ଣ୍ଡି (୫୩)। ଘଟଣାସ୍ଥଳରୁ ପୁଲିସ ଶବ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଏନେଇ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ବନସଂଲଗ୍ନ ଚାଷୀଙ୍କ ବିକଳ୍ପ ବ୍ୟବସ୍ଥା

# 'ଲେମନ୍‌ଗ୍ରାସ୍'ଦେଇଛି ନୂଆ ରୋଜଗାର





ବାରିପଦା, ୨୧।୯ (ସମିସ)

ଶିମିଳିପାଳ ପାଦଦେଶରେ ଥିବା ଶ୍ୟାମାଖୁଣ୍ଟା ବ୍ଲକର ପିଠାବଟା ଗାଁର ଜମି ଦିନେ ପଡ଼ିଆ ପଡୁଥିଲା। ପାହାଡ଼ିଆ ଟାଙ୍ଗର ଭୂମିରେ ବର୍ଷା ଜଳ ସହାୟତାରେ ଯାହା ବି ଚାଷ କଲେ ଜଙ୍ଗଲୀ ଜନ୍ତୁ ସବୁ ନଷ୍ଟ କରିଦେଉଥିଲେ। ହେଲେ ଏବେ ଲେମନଗ୍ରାସ ଚାଷ ହେବା ଦିନରୁ, ଏହାକୁ ନା ଗୃହପାଳିତ ନା ଜଙ୍ଗଲୀ ଜୀବଜନ୍ତୁ, କେହି ବି ଏଥିରେ ମୁହଁ ଲଗାଉ ନାହାନ୍ତି। ଆଉ ଏହି ଲେମନଗ୍ରାସ ଚାଷ ବନସଂଲଗ୍ନ ଚାଷୀଙ୍କୁ ନୂଆ ରୋଜଗାର ସହ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଛି। ପିଠାବଟା ଗ୍ରାମର ଉଦୀୟମାନ ଯୁବକ ପୂର୍ଣ୍ଣଚନ୍ଦ୍ର ସିଂଙ୍କ ପାଇଁ ଏହା ସମ୍ଭବ ହୋଇଛି। କମ୍ପାନୀ ଚାକିରୀ ଛାଡ଼ି ସେ ନିଜସ୍ୱ ପ୍ରଚେଷ୍ଟାରେ ପ୍ରଥମ ୨୦୧୪ ମସିହାରେ ୩ ଏକର ଜମି ଲିଜ୍‌ରେ ନେଇ ଲେମନଗ୍ରାସ ଚାଷ ଆରମ୍ଭ କରିଥିଲେ। ଏଥିପାଇଁ ସେ ଦେଶର ବିଭିନ୍ନ ଅଞ୍ଚଳ ବୁଲି ଲକ୍ଷ୍ନୌ ସ୍ଥିତ 'କେନ୍ଦ୍ରୀୟ ଔଷଧୀୟ ଏବଂ ସୁଗନ୍ଧିତ ଉଦ୍ଭିଦ ପ୍ରତିଷ୍ଠାନ' (ସିଆଇଏମ୍ଏପି)ରୁ କିଛି ଭଲ ଭେରାଇଟିର ଲେମନଗ୍ରାସ ଚାରା ଆଣି ଏହାକୁ ରିପ୍ଲାଣ୍ଟେସନ୍ ଜରିଆରେ ଅଧିକ ଅଞ୍ଚଳରେ ଚାଷ ବୃଦ୍ଧି କରିଥିଲେ। ଏହାସହ ଲେମନଗ୍ରାସରୁ ତେଲ ଉତ୍ପାଦନ ପାଇଁ ଅନୁଗୁଳ ଅଞ୍ଚଳରୁ ଜଣେ ପ୍ଲାଣ୍ଟ୍ ନିର୍ମାତାଙ୍କୁ ଡକାଇ ନିଜସ୍ୱ ଡିଜାଇନ୍ ଦେଇ ଷ୍ଟିମ୍ ଡିଷ୍ଟିଲେସନ୍ ସିଷ୍ଟମର ପ୍ଲାଣ୍ଟ୍ ପ୍ରସ୍ତୁତ କରିଥିଲେ। ପ୍ଲାଣ୍ଟର କାର୍ଯ୍ୟଶୈଳୀ ଓ ଉତ୍ପାଦନ କ୍ଷମତା ଭଲଥିବା କାରଣରୁ ଏପର୍ଯ୍ୟନ୍ତ ୧୫ରୁ ଅଧିକ ପ୍ଲାଣ୍ଟ୍ ନିଜେ ମ୍ୟାନୁଫ୍ୟାକ୍‌ଚରିଂ କରି ବିକ୍ରି କରିସାରିଛନ୍ତି ପୂର୍ଣ୍ଣଚନ୍ଦ୍ର। ୩ ଏକରର ଚାଷ ଏବେ ୧୫୦ ଏକରରେ ପହଞ୍ଚିଛି। ବର୍ଷକୁ ଅନୁନ୍ୟ ୩ ଥର ହାର୍ଭେଷ୍ଟ୍ କରିହେଉଛି। ଏକ ଏକରରୁ ଥରକୁ ୧୫୦ କ୍ୱିଣ୍ଟାଲ୍ ଲେମନଗ୍ରାସ କଟାଯାଉଛି। ଏଥିରେ ତେଲ ବାହାରିବା ରେସିଓ ୧ ପ୍ରତିଶତ ରହିଛି। ନିର୍ମାଣ ହୋଇଥିବା ଗୋଟିଏ ଟ୍ୟାଙ୍କିରେ ଥରକୁ ୩୫୦ କିଲୋଗ୍ରାମ ଘାସ ଲୋଡ୍ କରାଯାଉଥିବା ବେଳେ ଏକ ଘଣ୍ଟା ମଧ୍ୟରେ ସେଥିରୁ ୩.୫ ଲିଟର୍ ତେଲ ବାହାରି ଯାଉଛି। ତେଲ ବାହାରିଯିବା ପରେ ଘାସଗୁଡ଼ିକୁ ଶୁଖାଇ ପ୍ଲାଣ୍ଟ ପାଇଁ ଜାଳେଣିରେ ବ୍ୟବହାର କରାଯାଉଛି। ଏହାର ପାଉଁଶଗୁଡ଼ିକ ଜମିରେ ପକାଇବା ଦ୍ୱାରା ଭଲ ଉର୍ବରତା ପ୍ରଦାନ କରିପାରୁଛି। କେବଳ ସେତିକି ନୁହେଁ, ବର୍ଷାଋତୁ ୨ରୁ ୩ ମାସକୁ ଛାଡ଼ିଦେଲେ ପାଖାପାଖି ୬୦ ଜଣ ଲୋକଙ୍କୁ ପ୍ରତିଦିନ କାମରେ ଲଗାଇ ରୋଜଗାର ଦେଇଛନ୍ତି ପୂର୍ଣ୍ଣଚନ୍ଦ୍ର। ଆଗରୁ ଜଙ୍ଗଲ ଉପରେ ନିର୍ଭର କରୁଥିବା ପାହାଡ଼ିଆ ଅଞ୍ଚଳବାସୀଙ୍କୁ ଏବେ ହାତପାଖାନ୍ତାରେ ରୋଜଗାର ମିଳୁଥିବା କାରଣରୁ ଘର ଚଳାଇବାରେ ବେଶ୍ ସହାୟକ ହୋଇପାରୁଛି ବୋଲି କହିଛନ୍ତି କାମକରୁଥିବା ଶ୍ରମିକ। ପୂର୍ଣ୍ଣଚନ୍ଦ୍ରଙ୍କ ଲେମନଗ୍ରାସ ଚାଷ ଓ ଉତ୍ପାଦନ ଦେଖି ଅନେକ ଚାଷୀ ଏବେ ଚାଷ କରିବା ଆରମ୍ଭ କରିଦେଇଛନ୍ତି। ଘାସକୁ ଅମଳ ପରେ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ଲାଣ୍ଟ୍‌କୁ ଆଣି ତେଲ ବାହାରି ବଜାରରେ ବିକ୍ରି କରିବା ସହ ଭଲ ଦୁଇପଇସା ରୋଜଗାର କରିପାରୁଛନ୍ତି ବୋଲି କହିଛନ୍ତି ଅଞ୍ଚଳର ଚାଷୀ ମଙ୍ଗଲ ଚରଣ ସିଂ ଓ ଲାଲମୋହନ ସିଂ। ଅନ୍ୟାନ୍ୟ ଅଞ୍ଚଳର ଲେମନଗ୍ରାସ୍ ତେଲ ଅପେକ୍ଷା ମୟୂରଭଞ୍ଜ ଲେମନଗ୍ରାସ୍ ତେଲର ରହିଛି ଅଧିକ ଚାହିଦା। ଘାସକୁ ଅଧିକ ପରିପକ୍ୱ କରିବା ପରେ ହାର୍ଭେଷ୍ଟ କରାଯାଉଥିବା କାରଣରୁ ତେଲର ମାନ ଭଲ ହୋଇପାରୁଛି ବୋଲି କହିଛନ୍ତି ପୂର୍ଣ୍ଣଚନ୍ଦ୍ର। କେବଳ ଲେମନଗ୍ରାସ ନୁହେଁ, ଅନେକ ଏରୋମାଟିକ୍ସ ତେଲର ବଜାରରେ ରହିଛି ଅନେକ ଚାହିଦା। ଏଣୁ ଏବେ ପାମରାଜା ଓ ଦେଶୀ ତୁଳସୀର ପ୍ଲାଣ୍ଟେସନ୍ ଆରମ୍ଭ ହେବାକୁ ଯାଉଛି। ଏସବୁର ମଞ୍ଜି ଆଣି ଏବେ ଚାରା ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି ପୂର୍ଣ୍ଣଚନ୍ଦ୍ର। ଜମିକୁ ପଡ଼ିଆ ନପକାଇ ଥରେ ଲେମନଗ୍ରାସ ଚାରାରୋପଣ କରି ୫ରୁ ୮ ବର୍ଷ ଯାଏଁ ଏଥିରୁ ରୋଜଗାର କରନ୍ତୁ ବୋଲି ସେ କହିଛନ୍ତି। ଶିମିଳିପାଳ ପାଦଦେଶରେ ଥିବା ବଣପାହାଡ଼ ଘେରା ପିଠାବଟା ଅଞ୍ଚଳରୁ ଉଠୁଥିବା ଏହି ଲେମନଗ୍ରାସ ସୁଗନ୍ଧ ଏବେ ଲୋକଙ୍କୁ ରୋଜଗାର ବାଟ ଦେଖାଉଛି। ଆଉ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରୟାସରୁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

- ୩ ଏକରର ଚାଷ ଏବେ ୧୫୦ ଏକରରେ ପହଞ୍ଚିଛି
- ଉଦୀୟମାନ ଯୁବକ ପୂର୍ଣ୍ଣଚନ୍ଦ୍ର ଏବେ ପ୍ଲାଣ୍ଟ୍ ନିର୍ମାତା
- ୧୫ଜଣଙ୍କୁ ଦେଲେଣି ନିଜ ତିଆରି ପ୍ଲାଣ୍ଟ୍



## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଚମ୍ପୁଆ, ୨୧।୯ (ସମିସ): କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ଯୋଡ଼ା ପୋଖରୀଠାରେ ହାତୀ ଆକ୍ରମଣରେ ଜଣେ ୬୫ ବର୍ଷର ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବୃଦ୍ଧ ହେଉଛନ୍ତି ନରୋତ୍ତମ ମହାନ୍ତ। ଶୌଚ ହେବା ପାଇଁ ରବିବାର ଭୋର ୫ ସମୟରେ ଘର ନିକଟ ବାଡ଼ି ଆଡ଼କୁ ଯାଇଥିଲେ। ବିଳମ୍ବ ହେବାରୁ ପୁଅ ପ୍ରଶାନ୍ତ ମହାନ୍ତ ତାଙ୍କୁ ଖୋଜିବାକୁ ଗଲାବେଳେ ଅନତି ଦୂରରେ ନରୋତ୍ତମ ଅଚେତ ଅବସ୍ଥାରେ ପଡ଼ିଥଲେ। ତାଙ୍କ ଛାତିରେ ଚିହ୍ନ ଥିବା ଦେଖିବା ସହ ଉକ୍ତ ସ୍ଥାନରେ ହାତୀର ପାଦ ଚିହ୍ନ ମଧ ଦେଖାଯାଇଥିଲା। ତୁରନ୍ତ ନରୋତ୍ତମଙ୍କୁ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଚମ୍ପୁଆ ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ଚିକିତ୍ସାଳୟକୁ ପଠାଇଛି। ବନ ବିଭାଗ ପାଖରେ କୌଣସି ସୂଚନା ନଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

## ସୁଆଁପଦା ଓଏଭିର ୧୧ତମ ପ୍ରତିଷ୍ଠା ଦିବସ



ରାମଚନ୍ଦ୍ରପୁର,୨୧।୯ (ସମିସ): ରାଜ୍ୟବ୍ୟାପି ୧୯ ସେପ୍ଟେମ୍ବରକୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତା'ର ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ଘସିପୁରା ବ୍ଲକ ସୁଆଁପଦା ଓଏଭି ମଧ ଅତି ଉତ୍ସାହର ସହିତ ତା'ର ୧୧ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଉତ୍ସବ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରଜିତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ବିଭୂତିଭୂଷଣ ମହାନ୍ତି ସମେତ ସମସ୍ତ ସହକର୍ମୀ ସହଯୋଗ କରିଥିଲେ।

## ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ



ଆନନ୍ଦପୁର, ୨୧।୯ (ସମିସ): ଆନନ୍ଦପୁର ଶ୍ରୀଦଧିବାମନଜୀଉଙ୍କ ପ୍ରାଙ୍ଗଣରେ ଓ ବଡ଼ଦାଣ୍ଡରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜସେବୀ ଝାନ୍ସିରାଣୀ ଦାସଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ କାଉନସିଲର ସନତ କୁମାର କର, ସମ୍ବିତ କୁମାର ଦାସ, ଆନନ୍ଦପୁର ଓକିଲ ସଂଘ ସଭାପତି ଦୟାନିଧି ଦାଶ, ବନମାଳି ସେଠୀ, କୈଳାସ ସାମଲ, ପ୍ରେମାନନ୍ଦ ମିଶ୍ର, ବିରଞ୍ଚି ପାତ୍ର, ପଦ୍ମଲୋଚନ ଦାଶ, ଶରତ ପାତ୍ର, ଭୀମସେନ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଏଥିରେ ସାମିଲ ହେଇଥିଲେ।

## ଷ୍ଟିଲ୍‌ପ୍ଲାଣ୍ଟକୁ ନେଇ ଏବେ ବି ଦ୍ୱନ୍ଦ୍ୱ ଜାରି

ତୁରୁମୁଙ୍ଗା, ୨୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ଓ ଯମନାପଶି ପଞ୍ଚାୟତ ଅଞ୍ଚଳରେ ହେବାକୁ ଥିବା ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ନେଇ ଲୋକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଚେମେଣା ପଞ୍ଚାୟତ ଭୃଙ୍ଗରାଜପଶି ଗ୍ରାମରେ ରବିବାର ଷ୍ଟିଲପ୍ଲାଣ୍ଟକୁ ସ୍ୱାଗତ କରି ଗ୍ରାମବାସୀ ଭୋଜିଭାତ କରି ଖୁସି ମନାଇବା ସହ ସ୍ୱାଗତ କରିଛନ୍ତି। ତେବେ, ଏହାକୁ କିଛି ଗ୍ରାମବାସୀ ଏବେ ବିରୋଧ ପ୍ରଦର୍ଶନ କରିଥିବାରୁ ଏନେଇ ଉକ୍ତ ଅଞ୍ଚଳରେ ଦ୍ୱନ୍ଦ୍ୱ ଜାରି ରହିଛି। ସୁରକ୍ଷା ଦୃଷ୍ଟିରୁ ତୁରୁମୁଙ୍ଗା ପୁଲିସ ଏବଂ ତହସିଲ କର୍ମଚାରୀଙ୍କୁ ସେଠାରେ ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ ଦୁଇ ପଞ୍ଚାୟତର ହଜାର ଲୋକେ ଷ୍ଟିଲ ପ୍ଲାଣ୍ଟକୁ ବିରୋଧ କରିଆସୁଥିଲେ। ପୂର୍ବରୁ ବିଭିନ୍ନ ଗ୍ରାମରେ ରାଲି କରିବା ସହ ଜିଲ୍ଲାପାଳ ଅଫିସ ଘେରଉଠାରୁ ଆରମ୍ଭ କରି ଗାଁକୁ କୌଣସି ଲୋକଙ୍କୁ ପୂରାଇ ଦେଉ ନଥିଲେ। ଅନ୍ୟପଟେ, ତୁରୁମୁଙ୍ଗା ପୁଲିସ ପକ୍ଷରୁ ସକାଳେ ବରୁଡିପଶି, ଯମୁନାପଶି କୋଡ଼ଖମଣ, ଭୃଙ୍ଗରାଜପଶି ଗ୍ରାମରେ ୩ ପ୍ଲାଟୁନ ପୁଲିସ ଫର୍ସ ସହ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସନ୍ଧ୍ୟାରେ ପୁଲିସ ଏବଂ ତହସିଲଦାର ଉକ୍ତ ଗ୍ରାମକୁ ଯାଇଥିବା ସମୟରେ ବରୁଡିପଶି ନିକଟରେ ଶତାଧିକ ପୁରୁଷ ମହିଳା ପୁଲିସ ଗାଡିକୁ ଗାଁ ଭିତରକୁ ପ୍ରବେଶ କରିବାକୁ ଦେଇ ନଥିଲେ। ଗ୍ରାମବାସୀ ପ୍ଲାକାର୍ଡ ଧରି କମ୍ପାନୀ ବିରୋଧୀ ନାରାବାଜୀ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

## ରାଜକିଶୋର ନିଖୋଜ



ବେଲବାହାଲି,୨୧।୯ (ସମିସ): ଘସିପୁରା ବ୍ଲକ ନାରଙ୍ଗପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପୃଷ୍ଟିଙ୍କ ପୁଅ ରାଜକିଶୋର (୩୫) ଗ୍ରାମର ବଜାରରେ ଏକ ପାନ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ଗତ ୧୯ ତାରିଖରୁ ତାଙ୍କର କୌଣସି ପତ୍ତା ମିଳୁନାହିଁ। ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ ଜଣାଇଥିବା ବେଳେ ଏହା ଅପହରଣ ନା ସିଏ ରାଗି ଘରୁ କୁଆଡେ ଚାଲିଯାଇଛନ୍ତି ତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କଳ୍ପନାଜଳ୍ପନା କରୁଛନ୍ତି। ତାଙ୍କର ବାଇକଟି ବରିପାଳ ପଞ୍ଚାୟତ ରଘୁନାଥପୁରର ଜଣେ ସାଙ୍ଗ ଘରେ ରଖିଥିବା ବେଳେ ସାଙ୍ଗକୁ ଆସି ନେବାକୁ କହିଥିଲେ ଘରେ ମଧ ପୂର୍ବରୁ ମୁଁ ସାଙ୍ଗ ଘରକୁ ଯିବି ବୋଲି କହିଥିଲେ ବୋଲି ପରିବାର ଲୋକ ପ୍ରକାଶ କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ଖବର ପାଆନ୍ତି ତେବେ ଘସିପୁରା ଥାନାକୁ ଜଣାଇବା ସହ ୯୦୪୦୮ ୫୨୫୩୯ ରେ ଜଣାଇବାକୁ ପରିବାର ଲୋକ ଅନୁରୋଧ କରିଛନ୍ତି।

ପ୍ରହସନ ପାଲଟିଛି ଚାରା ରୋପଣ

# ଖଣି ଅଞ୍ଚଳରେ ଚାଲିଛି ଅବାଧ ବୃକ୍ଷ ଛେଦନ

ଯୋଡ଼ା, ୨୧।୯ (ସମିସ)



ପ୍ରଧାନମନ୍ତ୍ରୀଙ୍କ ୭୫ ବର୍ଷ ଜନ୍ମଦିବସ ଉପଲକ୍ଷେ ସମଗ୍ର ଦେଶରେ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଚାରା ରୋପଣ କରାଯାଉଛି। ଓଡ଼ିଶା ରାଜ୍ୟ ମଧ ପଛରେ ନାହିଁ। ତେବେ ଖଣି ଅଞ୍ଚଳରେ ଏହି ଚାରା ରୋପଣ ଏକ ପ୍ରହସନ ପାଲଟିଛି। ଗୋଟିଏ ପଟେ ବିଭିନ୍ନ ଖଣି, ଶିଳ୍ପ, ସାମାଜିକ ଅନୁଷ୍ଠାନ, ବିଦ୍ୟାଳୟ, ପଞ୍ଚାୟତ ମାଧ୍ୟମରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରପଟରେ ଖଣି ଅଞ୍ଚଳରେ ବୃକ୍ଷ ଛେଦନ ଏହି କାର୍ଯ୍ୟକ୍ରମକୁ ଏକ ପ୍ରହସନରେ ପରିଣତ କରିଛି। ବଡବିଲ ବନାଞ୍ଚଳ ଅଧୀନରେ ଥିବା ଫଶେଇକଳା ପଞ୍ଚାୟତର ପୁଟୁଗାଁ ପ୍ରାଥମିକ ବିଦ୍ୟାଳୟ ନିକଟରେ ବୁଧବାର ଦିନ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ପାଳନ ହେଉଥିବା ବେଳେ ଶହ ଶହ ସଂଖ୍ୟାରେ ଗଛ କଟାଯାଇ ଏହାକୁ ବଡ ବଡ ଟ୍ରକ ମାଧ୍ୟମରେ ବାହାର ରାଜ୍ୟକୁ ରପ୍ତାନୀ କରାଯାଇଛି। ଚାରା ରୋପଣ ପାଇଁ ବିଭିନ୍ନ ଗ୍ରାମାଞ୍ଚଳରେ ହଜାର ହଜାର ସଂଖ୍ୟାରେ ଚାରା ବିତରଣ କରାଯାଉଥିବା ବେଳେ ଅନ୍ୟପଟରେ ଟ୍ରକ ଟ୍ରକ ପରିମାଣର ଗଛ କଟାଯାଇ ହାଇଡ୍ରା ସାହାଯ୍ୟରେ ବୋଝେଇ କରାଯାଇ ବାହାର ରାଜ୍ୟକୁ ରପ୍ତାନୀ କରାଯାଉଛି। ଗଣମାଧ୍ୟମ ପ୍ରତିନିଧିମାନେ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚିବା ପରେ ବୋଝେଇ ପାଇଁ ଆସିଥିବା ଟ୍ରକଗୁଡିକୁ ଗ୍ରାମବାସୀ ଗାଁ ବାହାରକୁ ବିଦା କରି ଦେଇଥିଲେ। ତେବେ ସୂଚନାରୁ ଜଣାପଡିଥିଲା ଯେ କୌଣସି କାଠ ମାଫିଆ ମାଧ୍ୟମରେ ଏହି ଗଛ ବିକ୍ରି କରାଯାଉଛି। ନିଜସ୍ୱ ପଟ୍ଟାଭୁକ୍ତ ଜାଗାରୁ ୬ଟି ଗଛ କାଟିବା ପାଇଁ ବନବିଭାଗ ପକ୍ଷରୁ ଅନୁମତି ପ୍ରାପ୍ତ କରିଥିବା ବେଳେ ପ୍ରାୟ ୧୦ ଜଣଙ୍କ ପଟ୍ଟାଭୁକ୍ତ ଜାଗା ଉପରୁ ଅସଂଖ୍ୟ ପରିମାଣରେ ଗଛ କାଟି ନିଆଯାଇଛି। ଯାହା ପରିବେଶବିତଙ୍କ ମଧ୍ୟରେ ଗଭୀର ଆଘାତ ସୃଷ୍ଟି କରିଛି। ତେବେ ଏ ସଂକ୍ରାନ୍ତରେ ବନପାଳଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ ନଉଠାଇ ଛୁଟିରେ ଥିବା ତାଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ କହିଥିଲେ।

● ବାରମ୍ବାର ଦୁର୍ଘଟଣା ପରେ ବି ପଶୁନି ଚେତା

## ଖଡ଼ିବିଲି ମୁକୁଳା ଡ୍ରେନରେ ପଡ଼ି ଦୁଇ ଶିଶୁ ଗୁରୁତର





ଆନନ୍ଦପୁର, ୨୧।୯ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ଖଡିବିଲି ଗ୍ରାମରେ ଦୀର୍ଘ ଦିନ ଧରି ମୁକୁଳା ପଡ଼ିଥିବା ଡ୍ରେନରେ ପଡ଼ି ଦୁଇଜଣ ଶିଶୁ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଆହତ ୨ ଶିଶୁଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରବିବାର ଅପରାହ୍ନରେ ସାଇକଲ ଯୋଗେ ଟିଉସନ ଯାଉଥିବା ଖଡ଼ିବିଲି ଗ୍ରାମର କାହ୍ନୁ ଦଳେଇଙ୍କ ପୁଅ ଅସିତ (୧୦ ବର୍ଷ) ଅସିତଙ୍କ ମାମୁପୁଅ ଖଳିଆମେଣ୍ଟା ଗ୍ରାମର ବିନ୍ଦୁ ଜେନାଙ୍କ ପୁଅ ବିଚିତ୍ର (୧୨ ବର୍ଷ) ମୁକୁଳା ଡ୍ରେନରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡ଼ିକାଲକୁ ନେଇଥିଲେ। ପୂର୍ବରୁ ମଧ ଏହି ଡ୍ରେନ୍‌ରେ ଛାତ୍ରଛାତ୍ରୀମାନେ ଗଳିପଡୁଥିବା ବେଳେ ଗୃହପାଳିତ ପଶୁପକ୍ଷୀ ପଡ଼ି ମୃତ୍ୟୁମୁଖରେ ପଡୁଥିବା ନଜିର ରହିଛି।

ଗତ ବର୍ଷ ଏହି ଡ୍ରେନ କାମ ଆରମ୍ଭ ହୋଇଥିଲେ ସୁଦ୍ଧା ତାକୁ ଅସଂପୂର୍ଣ୍ଣ କରି ଠିକାଦାର ଛାଡିଦେଇଥିଲେ ମଧ ବ୍ଲକ ପ୍ରଶାସନ ଖାମଖିଆଲ ଭାବେ ଏଥିପ୍ରତି ଦୃଷ୍ଟି ଦେଇନାହିଁ। ବିଶେଷକରି ସ୍ଲାବ ନଥିବାରୁ ପୂର୍ବରୁ ବହୁବାର ଏଭଳି ଦୁର୍ଘଟଣା ଘଟିଛି। ପୂର୍ବରୁ ଦୁଇଟି ଛୋଟ ପିଲା ସେଇ ଡ୍ରେନରେ ପଡ଼ି ହାତ ଭାଙ୍ଗିଥିବା ବେଳେ ଏକ ଗାଈ ମଧ ପଡ଼ି ଗୁରୁତର ହୋଇଥିଲା। ଏହାକୁ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ ସେମାନେ କୌଣସି ପ୍ରତିକାର କରି ନଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଡ୍ରେନ୍‌ରେ ତୁରନ୍ତ ସ୍ଲାବ ପକାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଖୁବ୍‌ଶୀଘ୍ର ପାଟଣାରେ ହେବ ନୂତନ ସବ୍‌ରେଜିଷ୍ଟ୍ରାର ଅଫିସ



ବିଧାନସଭାରେ ରାଜସ୍ୱ ମନ୍ତ୍ରୀଙ୍କ ଉତ୍ତର

ତୁରୁମୁଙ୍ଗା, ୨୧।୯ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ୍‌ବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ରାଜସ୍ୱ ବିଭାଗ ପକ୍ଷରୁ ପାଟଣା ମୁଖ୍ୟାଳୟଠାରେ ଏକ ନୂତନ ଉପନିବନ୍ଧକ କାର୍ଯ୍ୟାଳୟ ସ୍ଥାପନ ପାଇଁ ସ୍ୱୀକୃତି ମିଳିଛି। ଏକ ପ୍ରମୁଖ ପ୍ରଶାସନିକ ବିକାଶରେ ରାଜସ୍ୱ ବିଭାଗ ଦ୍ୱାରା ପାଟଣାରେ ଏକ ନୂତନ ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଆନୁଷ୍ଠାନିକ ଅନୁମୋଦନ ମିଳୁଛି। ପାଟଣା ବିଧାୟକ ଅଖିଳନ୍ଦ୍ର ନାଏକଙ୍କ ହସ୍ତକ୍ଷେପ ପରେ ଏହି ଘୋଷଣା କରାଯାଇଛି। ବିଧାୟକ ଶ୍ରୀ ନାଏକ ଚଳିତ ବିଧାନସଭା ଅଧିବେଶନ ସମୟରେ ଏହି ପ୍ରସଙ୍ଗ ଉଠାଇଥିଲେ। ବିଧାୟକଙ୍କ ଏହି ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସରକାର ଏହି ଦାବି ପ୍ରତି ଉପଯୁକ୍ତ ଧ୍ୟାନ ଦେଇଥିବା କହିଥିଲେ। ପାଟଣାରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ନୂତନ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାପନକୁ ଅନୁମୋଦନ କରିଛନ୍ତି। ଆବଶ୍ୟକୀୟ ପ୍ରଶାସନିକ ଔପଚାରିକତା ତ୍ୱରାନ୍ୱିତ କରାଯାଉଛି ଏବଂ ଏହି କାର୍ଯ୍ୟାଳୟ ଯଥାଶୀଘ୍ର କାର୍ଯ୍ୟକ୍ଷମ ହେବ। ପାଟଣାରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ପାଟଣା ବ୍ଲକ ଏବଂ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କୁ ଖୁବ୍ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ରାଜସ୍ୱ ମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବାରୁ ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଅଜୟ ଦାଶ, ପାଟଣା ସୁରକ୍ଷା କମିଟି ଆବାହକ ବିଜୟରତ୍ନ ପତି, ଲକ୍ଷ୍ମଣ ଦାଶ, ଦୁର୍ଗାଚରଣ ନାଏକଙ୍କ ସହ ବହୁ ବୁଦ୍ଧିଜୀବୀ ରାଜସ୍ୱ ମନ୍ତ୍ରୀ ଓ ବିଧାୟକଙ୍କୁ ସାଧୁବାଦ ଜଣାଇଛନ୍ତି।

## ନିଶାମୁକ୍ତି ପାଇଁ ଜିଲ୍ଲାସ୍ତରୀୟ ଗଣଦୌଡ଼



କେନ୍ଦୁଝର, ୨୧।୯ (ସମିସ): ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ଉପରେ ବିଶେଷ ଧ୍ୟାନ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସେବା ପକ୍ଷ ଅଭିଯାନର ଅଂଶ ଭାବରେ ଏକ ଜିଲ୍ଲାସ୍ତରୀୟ ଗଣ ଦୌଡ଼ର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ଏକ ହଜାର ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିବା କୁହାଯାଇଛି। ବନଖଣ୍ଡ ଅଧିକାରୀ ଏଚଡି ଧନରାଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହାର ଶୁଭାରମ୍ଭ କରିଥିଲେ, ଯାହା ମଣ୍ଡୁଆ ପର୍ଯ୍ୟନ୍ତ ଯାଇଥିଲା। ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଏବଂ ଜିଲ୍ଲା ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବୃତ୍ତିଗତ, କ୍ରୀଡ଼ାପ୍ରେମୀ ଏବଂ ସମସ୍ତ ବୟସ ବର୍ଗର ନାଗରିକଙ୍କ ପର୍ଯ୍ୟନ୍ତ ଧାବକ/ ଧାବିକା ଉତ୍ସାହର ଏଥିରେ ଭାଗ ନେଇଥିଲେ। ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ାଧିକାରୀ ସରୋଜ ମଲ୍ଲିକ ଏବଂ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ ପରିଚାଳନା କରିଥିଲେ।

## ଦୁର୍ଗମ ଅଞ୍ଚଳକୁ ଅପହଞ୍ଚ ମୋବାଇଲ ସେବା



କେ ବାଲିପାଳ ପଞ୍ଚାୟତ

ଆନନ୍ଦପୁର, ୨୧।୯ (ସମିସ): କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ କେ ବାଲିପାଳ ପଞ୍ଚାୟତର ଅଧିବାସୀ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ପାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ହାଟଡିହି ବ୍ଲକ୍ ସଦର ମହକୁମାଠାରୁ ୪୦ କିମି ଦୂରରେ ରହିଥିବା ଉକ୍ତ ପଞ୍ଚାୟତର କେ ବାଲିପାଳ, ମୟୂରନଚା, ଭଅଁରା, ସରମୁଣ୍ଡି, ରାଇଘାଟି ମଲ୍ଲିପଷି ଆଦି ଗାଁର ଲୋକେ ଜରୁରିକାଳୀନ ସୂଚନା ଆଦାନପ୍ରଦାନ କରି ନପାରି ସମସ୍ୟା ଭୋଗୁଛନ୍ତି। ଗାଁ ମଧ୍ୟରେ ମୋବାଇଲ୍ ନେଟୱର୍କ ଆସୁ ନଥିବା ବେଳେ ଲୋକେ ପାହାଡ଼ ଓ ଗଛରେ ଛଡ଼ି ନେଟୱର୍କ ଖୋଜୁଥିବା ଦେଖାଯାଉଛି।

ଏପରିକି ନେଟୱର୍କ ଆସୁଥିବା ସ୍ଥାନରେ ଲୋକେ ଭିଡ଼ ଜମାଇ ମୋବାଇଲ୍ ବ୍ୟବହାର କରୁଛନ୍ତି। ଖରା, ବର୍ଷାରେ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀମାନେ ଅନଲାଇନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସରକାର ପକ୍ଷରୁ ପ୍ରତି ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଦିଆଯାଇଥିବା ଟାବଲେଟ୍ ମଧ କାମରେ ଆସିପାରୁନି ଓ ଜରୁରିକାଳୀନ ସମୟରେ ଅଗ୍ନିଶମବାହିନୀ, ପୁଲିସ କିମ୍ବା ଆମ୍ବୁଲାନ୍ସକୁ ଯୋଗାଯୋଗ କରି ହେଉନାହିଁ। ମୋବାଇଲ୍ ନେଟ୍‌ୱର୍କ ନିମନ୍ତେ ୨/୩ କିମି ଦୂରରେ ରହିଥିବା ଉଚ୍ଚପାହାଡ ନିକଟକୁ ଯିବାକୁ ପଡୁଛି। ଏବେ ସମସ୍ତ କାର୍ଯ୍ୟ ଅନଲାଇନ ମାଧ୍ୟମରେ ହେଉଥିବା ବେଳେ ଉକ୍ତ ପଞ୍ଚାୟତର ଅଧିବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ହେଉଥିବା ଅନଲାଇନ ଆବେଦନ ବେଳେ ସ୍ଥାନୀୟ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟାୱାର ସ୍ଥାପନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିରାମ ପୂର୍ତ୍ତି, ସୁନାରାମ ପୂର୍ତ୍ତି, ରାଉତହୋ, ବ୍ରଜ ହେମ୍ବ୍ରମ, ଲାବୁ ଗୋଇପାଇ, ମୁଚିରାମ ହୋ, ଜେନା ମହାକୁଡ଼, ରାମଚନ୍ଦ୍ର ଗୁଡୁ, ହେମନ୍ତ ମାଝୀ, ସାଉଁରୀ ପୂର୍ତ୍ତି, ଆରତି ମୁର୍ମୁ, କାନ୍ଦିରୀ ସୋରେନ, ମାନ୍ୟା ସୋରେନ, ପାନ ସୋରେନ, ଗୁରୁବାରୀ ପୂର୍ତ୍ତି, ମେଚ ବିଦ୍ରା, ସୁମୀ ପୂର୍ତ୍ତି, ସୁତୁରୀ ପୂର୍ତି, ରାଉତ କାଣ୍ଡିଆ, ନରି ନାଇକ, ଭାଗୀରଥ, ନାଇକ ପ୍ରମୁଖ ଦାବି କରିଛନ୍ତି।

## ପରମାନନ୍ଦ ମହାବିଦ୍ୟାଳୟରେ ଆଇନ ସଚେତନତା



ଆନନ୍ଦପୁର, ୨୧।୯ (ସମିସ): ଆନନ୍ଦପୁର ତାଲୁକ ଆଇନ ସେବା ସମିତି ତରଫରୁ ଆନନ୍ଦପୁର ନିକଟସ୍ଥ ପରମାନନ୍ଦ ବିଜ୍ଞାନ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ଏଡିଜେ ଦେବଦତ୍ତ ଦାଶ ମହାପାତ୍ର, ଜେଏମଏଫସି ଯଶସ୍ୱିନୀ ମହାପାତ୍ର, ଏସଡିଜେଏମ ଗୌରୀଶଙ୍କର ପଣ୍ଡା, ଓକିଲ ସଙ୍ଘ ସଭାପତି ଦୟାନିଧି ଦାଶ, ବାଇଧର ସେଠୀ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଥିଲା ବେଳେ ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ଧରିତ୍ରୀ ବେହେରା, ମମତା ସାହୁ, ଜୟଶ୍ରୀ ଓଝା ଏବଂ ଅଧାପକ ଶିବଜ୍ୟୋତି ଆରୁକ ସହଯୋଗ କରିଥିଲେ।

# ବିଷ୍ଣୁପ୍ରିୟା ବାଳାଶ୍ରମର ପ୍ରତିଷ୍ଠାତା ପ୍ରେମାନନ୍ଦ ଦାସଙ୍କ ପରଲୋକ

ହାଟଡିହି, ୨୧।୯ (ସମିସ)




ବରିଷ୍ଠ ସଂଗଠକ ତଥା ବିଷ୍ଣୁପ୍ରିୟା ବାଳାଶ୍ରମର ପ୍ରତିଷ୍ଠାତା ପ୍ରେମାନନ୍ଦ ଦାସଙ୍କ ୮୬ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ସକାଳେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କନକଲତା ଦାସ, ବଡ଼ ପୁଅ ମୃଣାଳ ଦାସ, ମ୍ରିନାଲ ଦାସ, ସାନ ପୁଅ ଅମ୍ଳାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେ ୧୯୮୫ରେ ମଠଡ଼ାହିଠାରେ ଶିଶୁଯତ୍ନ ଗୃହ ପ୍ରତିଷ୍ଠା କରିଥିବା ବେଳେ ୧୯୯୯ରେ ବରିଷ୍ଠ ନାଗରିକ ଗୃହ ସ୍ଥାପନ କରିଥିଲେ। ତାଙ୍କ ପରଲୋକରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବିଷ୍ଣୁପ୍ରିୟା ବାଳାଶ୍ରମ ପରିସରରେ ପହଞ୍ଚିବା ପରେ ବିଷ୍ଣୁପ୍ରିୟା ବାଳାଶ୍ରମର ପରିଚାଳିକା ସୌମ୍ୟା ମହାନ୍ତି, କାଉନସିଲର ଶର୍ମିଷ୍ଠା ନାୟକ, କରୁଣାକର ଜେନା, ଗୃହ ପିତା ନନ୍ଦକିଶୋର ପତି, ଗୃହ ମାତା ସନ୍ଧ୍ୟାରାଣୀ ଦାସ, ପଦ୍ମାବତୀ ମହାନ୍ତିଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ କର୍ମଚାରୀ ଓ ଛାତ୍ର ଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କଂଗ୍ରେସ ନେତା ହାଡିବନ୍ଧୁ ଖୁଣ୍ଟିଆ, ଚିତ୍ତରଞ୍ଜନ ପାତ୍ର, ବିଜେପି ନେତ୍ରୀ ମିନତୀ ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ତାଙ୍କ ନିଜ ଗ୍ରାମ ଭଦ୍ରକସ୍ଥିତ କୁଆଁସକୁ ନିଆଯାଇ ସେଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି।

ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଗଭୀର ଶୋକବ୍ୟକ୍ତ କରିବା ସହିତ ପ୍ରେମାନନ୍ଦ ଦାସଙ୍କ ବିୟୋଗ ଆମ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ପ୍ରେମାନନ୍ଦ ବାବୁ ଜଣେ ସୁସଂଗଠକ ଥିଲେ। ଆଦିବାସୀ ଅନାଥ ଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରି ଏ ଅଞ୍ଚଳ ପାଇଁ ଆଲୋକ ବର୍ତ୍ତିକା ସାଜିଥିଲେ। ମୁଁ ମଧ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବିଷ୍ଣୁପ୍ରିୟା ବାଳାଶ୍ରମର ସଭାପତି ଭାବରେ ତାଙ୍କ ସହିତ କାମ କରିଛି। ତାଙ୍କ ଭଳି ଜଣେ ଉଦାରଚିତ ବ୍ୟକ୍ତିତ୍ୱ ମିଳିବା ବିରଳ। ସେହିପରି ବିଜେପି ନେତା ଆଲୋକ ସେଠୀ ମଧ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ଭାଗୀରଥି ସେଠୀ, ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲ୍ଲା ପରିଷଦ ବିମ୍ବାଧର ବିଶ୍ୱାଳ, ହାଟଡିହି ସରପଞ୍ଚ ଚିନ୍ମୟ ନାୟକ, ବଉଳା ସାହିତ୍ୟ ସଂସଦର ସଭାପତି ବାଳକୃଷ୍ଣ ରାଉତ, ସଂପାଦକ ସୁରେନ୍ଦ୍ର ପରିଡ଼ା, ସାହିତ୍ୟ ଘରର ସଭାପତି ଅନ୍ତର୍ଯ୍ୟାମୀ ରାଉତ, ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ସାହିତ୍ୟିକ ରତ୍ନାକର ଦାସ, ସହିତ୍ୟଘରର ସମସ୍ତ କର୍ମକର୍ତ୍ତା, ସାମ୍ବାଦିକ କିଶୋର ଆଚାର୍ଯ୍ୟ, ପାର୍ଥସୌରଭ ସା, ବିକାଶ ବିଶ୍ୱାଳ, ହାଟଡିହି କଲେଜର ଅଧକ୍ଷ ଚିତ୍ତରଞ୍ଜନ ରାଉତ, ଛେନାପଦି ବଜାର କମିଟିର ସଭାପତି କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ୨୯ ଟିକିଆ ହାତୀପଲର ଉପଦ୍ରବ ଜାରି



କେନ୍ଦୁଝର,୨୧।୯ (ସମିସ): କେନ୍ଦୁଝର ସଦର ବନାଞ୍ଚଳରେ ୨୯ଟିକିଆ ହାତୀପଲ ଉପଦ୍ରବ କରିଚାଲିଛନ୍ତି। ସେନେଇ ବାସହରା ପରିବାର ସମେତ ଧାନଚାଷୀମାନେ ଦୁଃଖରେ ଭାଙ୍ଗି ପଡିବା ସହିତ କ୍ଷୟକ୍ଷତି ଦେଖି ଚିନ୍ତାରେ ପଡିଯାଇଛନ୍ତି। ଗତକାଲି ସନ୍ଧ୍ୟାରେ ହାତୀପଲ ଆମ୍ବଡହରା ଓ ଭାଲିଆଡିହି ଦେଇ ଜନାର୍ଦ୍ଦନପୁର, ବାଲିପୋଶି ରାଇସୁଆଁ, ଧାଡିକା ଦେଇ ବିଳମ୍ବିତ ରାତ୍ର ୧୨ଟାବେଳେ ସଦର ଥାନା ୨୦ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ରେଳବାଇ ରାସ୍ତା ପାର୍ଶ୍ୱରେ କବିତ୍ରା ଅଭିମୁଖେ ଯାଇଥିଲେ। ଲୋକେ ଭୟଭୀତ ହୋଇ ବାଣ, ନିଆ ଜାଳି ଉଜାଗର ରହିଥିଲେ। ବନବିଭାଗ କର୍ମଚାରୀ ଓ ହାତୀ ଘଉଡାଇବା ସ୍କ୍ୱାଡ ହାତୀମାନଙ୍କ ଗତିବିଧି ଉପରେ ନଜର ରଖିବା ସହିତ ଜନସାଧାରଣଙ୍କ ଉପରେ କିପରି କ୍ଷୟକ୍ଷତି ନପହଞ୍ଚିବ ଓ ହାତୀଙ୍କୁ ବିରକ୍ତି ନକରିବାକୁ ପରାମର୍ଶ ଦେଇଥିଲେ। ହାତୀପଲ ଜାମୁନାଳିଆରେ ପଶି ଘର ଭାଙ୍ଗିବା ସହ ଯେଉଁଗତି ପଥରେ ଚଳପ୍ରଚଳ କରିଛନ୍ତି ବ୍ୟାପଲ ଧାନ ଫସଲ ନଷ୍ଟ ହୋଇଛି। ରବିବାର ସନ୍ଧ୍ୟା ରେ ବେଲଦା ଜଙ୍ଗଲମୁହାଁ ହୋଇଛନ୍ତି। ଅନ୍ୟପଟେ, ବାସହରା ଓ କ୍ଷତିଗ୍ରସ୍ତ ଧାନଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ସକାଳ THE SAKALA



# ରାସ୍ତା ପାଇଁ ନର୍କଯନ୍ତ୍ରଣା ଭୋଗୁଛନ୍ତି ଜୁରୁଡ଼ି ଅଞ୍ଚଳବାସୀ

ଯୋଡ଼ା,୨୧।୯ (ସମିସ):





କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିକ୍ଷେତ୍ରରେ ରାସ୍ତାଘାଟର ଅବସ୍ଥା ଏତେ ଶୋଚନୀୟ ହୋଇପଡିଛି । ଏଥିପାଇଁ ଅଞ୍ଚଳବାସୀ ନର୍କ ଯନ୍ତ୍ରଣା ଭୋଗ କରୁଛନ୍ତି । ଜାତୀୟ ରାଜପଥ ୫୨୦କୁ ସଂଯୋଗ କରିଥିବା ବିଜୁ ପଟନାୟକ ରାଜ୍ୟ ରାଜପଥରେ ମରାମତି ଅଭାବରୁ କେଉଁଠାରେ ଆଣ୍ଠୁଏ ତ ଅନ୍ୟ କେଉଁଠାରେ ଅଣ୍ଟାଏ ଗାତ ହୋଇ ବର୍ଷା ସମୟରେ ପୁଷ୍କରିଣୀର ଭ୍ରମ ସୃଷ୍ଟି କରୁଛି । ଏନେଇ ପ୍ରତେକ ଦିନ ଛୋଟବଡ଼ ଦୁର୍ଘଟଣା ମାନ ଘଟୁଛି କିନ୍ତୁ ଜିଲ୍ଲା ପ୍ରଶାସନକୁ ଏଥିପାଇଁ କିଛି ଫରକ୍ ପଡୁନାହିଁ । ରାସ୍ତା ଖରାପ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଯାଇପାରୁନାହିଁ । ସରକାରଙ୍କ ବସ ସେବା ବନ୍ଦ ରହିଛି । ସ୍କୁଲ ବସ ଠିକ ସମୟରେ ପହଞ୍ଚି ପାରୁନାହିଁ । ନିର୍ମାଣ ହେବାର ଦେଢ଼ ବର୍ଷ ନ ପୂରୁଣୁ ଏହା ମରଣଯନ୍ତା ପାଲଟିଛି । ଗ୍ରାମାଞ୍ଚଳକୁ ଯାଇ ଲୋକଙ୍କ ପାଖରେ ପହଞ୍ଚି ପାରୁଥିବା ଲକ୍ଷ୍ମୀ ବସ ମଧ୍ୟ ରାସ୍ତାରେ ଯିବା ବନ୍ଦ କରିଦେଇଛି । ସୁଲଭ ମୂଲ୍ୟରେ ଯାତାୟାତ କରୁଥିବା ଜନସାଧାରଣ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଜୁରୁଡି ପୋଲ ଉପରେ ଆଣ୍ଠୁଏ ଲେଖାଏଁ ଖାଲ ହୋଇ ପାଣି ଜମି ରହୁଛି, ଯାହା ଫଳରେ ଚାରିଚକିଆ ଯାନ ଓ ଦୁଇଚକିଆ ଯାନ ଯିବାଆସିବାରେ ନାକେଦମ୍ ହୋବାକୁ ପଡୁଛି । ଠିକ୍ ସେହିପରି ଜରିବାହାର୍ ରେଲୱେ ଓଭରବ୍ରିଜ୍ ପାଖମଧ୍ୟ ଅଣ୍ଟାଏ ଲେଖାଏଁ ଖାଲ ହୋଇଯାଇଛି । ପ୍ରତେକ ଦିନ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିଲେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି । ଜୁରୁଡି, ଜଳହରି, ଜଜାଙ୍ଗ, ଜରିବାହାର୍, ବାମେବାରୀ, କାଳୀମାଟି, ଏମିତିକି ପାଞ୍ଚଟି ପଞ୍ଚାୟତର ଲୋକେ ଏହି ରାସ୍ତାରେ ଯୋଡ଼ା ବ୍ଲକ କିମ୍ବା ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ସଉଦା ପାଇଁ ବ୍ୟବହାର କରନ୍ତି । ଏହି ରାସ୍ତାରେ ପ୍ରତିଦିନ ମାଲ ମାଲ ଟ୍ରକ ରାଜ୍ୟର ବିଭିନ୍ନ ରେଳ ସାଇଡିଙ୍ଗ୍ କାରଖାନା ଓ ବନ୍ଦରଗୁଡିକୁ ଖଣିଜ ପଦାର୍ଥ ପରିବହନ କରନ୍ତି । ସରକାର କୋଟିକୋଟି ଟଙ୍କା ରାଜସ୍ୱ ପାଉଥିବାବେଳେ ଏ ଅଞ୍ଚଳ ପ୍ରତି ଯେମିତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି । ତୁରନ୍ତ ଏହି ରାସ୍ତାର ମରାମତି ନିମନ୍ତେ ଟ୍ରକ ମାଲିକମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ତେବେ ଏହାକୁ ନେଇ ସ୍ଥାନୀୟ ବିଧାୟକ ସନାତନ ମହାକୁଡ଼ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ଏହାର ମରାମତି କାର୍ଯ୍ୟ ମାତ୍ର କିଛି ଦିନ ହେବ ଆରମ୍ଭ ହୋଇଛି । କଚ୍ଛପ ଗତିରେ ରାସ୍ତାର ମରାମତି କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହେଉଛି । ମରାମତି କାର୍ଯ୍ୟ ତୁରନ୍ତ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି ।

# ସାହିରାସ୍ତା ସାରା ଖାଲଖମା; ପୋଖରୀର ଭ୍ରମ

ବେଲବାହାଲି,୨୧।୯ (ସମିସ): ଘସିପୁରା ବ୍ଲକ ତରିମୂଳ ପଞ୍ଚାୟତ ଅନ୍ତର୍ଗତ ରେକୁଟିଆ ଗ୍ରାମର ନୂଆରଗଡ଼ି ସାହିର ରାସ୍ତା ଖାଲଖମା ଯୋଗୁଁ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତିନି କିମି ବ୍ୟାପି ଏହି ରାସ୍ତାରେ ଦୈନିକ ରେକୁଟିଆ ଓ ତୁଳସୀପୁର ଗ୍ରାମର ୧୨ ଶହ ପରିବାରର ଶହ ଶହ ଲୋକ ଓ ସେମାନଙ୍କ ଯାନବାହନ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛି । ଏହାସହ ଏହି ରାସ୍ତା ଦେଇ ସେଠାରେ ସ୍ଥାପନ କରାଯାଇଥିବା ଗ୍ରୀଡକୁ ଲୋକମାନେ ଯାତାୟାତ କରୁଥିବା ବେଳେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ, ମହାବିଦ୍ୟାଳୟ ସହିତ ଗ୍ରାମ୍ୟ ବ୍ୟାଙ୍କ, ଆରଆଇଙ୍କ କାର୍ଯ୍ୟାଳୟ ରେକୁଟିଆ ଛକ ଓ ସେଠାକାର ଦୁଗ୍ଧ ଉତ୍ପାଦନ କେନ୍ଦ୍ରକୁ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି । ରେକୁଟିଆର ସମସ୍ତ ଚାଷୀଙ୍କ ବିଲବାଡିକୁ ଯାତାୟାତ ପାଇଁ ଏହା ଏକମାତ୍ର ରାସ୍ତା । ବର୍ତ୍ତମାନ ତିନି କିମି ଦୂର ବିଶିଷ୍ଟ ଏହି ରାସ୍ତାରେ ଶହେରୁ ଅଧିକ ଖାଲଖମା ସୃଷ୍ଟି ହୋଇଛି । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା ଉପରେ ଥିବା ଖାଲ ଖମାଗୁଡିକରେ ଦୁଇ ଫୁଟ ଉପରେ ପାଣି ଜମି ରହୁଛି । ଫଳରେ ରାସ୍ତା ଦେଇ ଯାତାୟାତ ସମୟରେ ଲୋକମାନେ ଦୁର୍ଘଟଣାରେ ପଡ଼ି ଆହତ ହେବା ସାଧାରଣ ଘଟଣାରେ ପରିଣତ ହୋଇଛି । ଅନ୍ୟପଟେ ଏହି ରାସ୍ତା ଦେଇ ଦୈନିକ ଶେଣ୍ଢେଇ, କୁଶେଇ ଓ ରେମାଳ ନଦୀରୁ ବାଲି ଉଠାଯାଇ ବାହାରକୁ ଚାଲାଣ ହେବା ଦ୍ୱାରା ଦୈନିକ ୧୦-୧୨ ହାଇୱା ଓ ଏକାଧିକ ଟ୍ରାକ୍ଟର ମାଧ୍ୟମରେ ନଦି ପଠାଗୁଡିକରୁ ବେଆଇନ ଭାବରେ ବାଲି ଉତ୍ତୋଳନ ଚାଲିଥିବାରୁ ରାସ୍ତାଟି ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ଜଣାପଡିଛି ।



ଏଭଳି ଗୁରୁତ୍ୱପୂର୍ଣ୍ଣ ମାଟି ରାସ୍ତାଟିରେ ଦୀର୍ଘ ବର୍ଷହେବ ମାଟି କି ମୋରମ ପକାଯାଇନାହିଁ କି ବ୍ଲକ ବା ପଞ୍ଚାୟତ ପକ୍ଷରୁ ଏହାକୁ ବର୍ଷ ବର୍ଷ ଧରି ମରାମତି ପାଇଁ ଉଦ୍ୟମ କରାଯାଇନାହିଁ । ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ରାସ୍ତାଟିର ପୁନଃଉଦ୍ଧାର ପାଇଁ ସ୍ଥାନୀୟ ଲୋକପ୍ରତିନିଧିଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜିସୁଦ୍ଧା କୌଣସି ପ୍ରତିକାର କରାଯାଇନାହିଁ । ଅନ୍ୟପକ୍ଷରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହି ରାସ୍ତାକୁ ମରାମତି କରାନଯାଇ ଲୋକଙ୍କୁ ଅସୁବିଧାରେ ପକାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ଅଭିଯୋଗ ହୋଇଆସୁଛି । ଖୁବଶୀଘ୍ର ରାସ୍ତା ମରାମତି କରିବାକୁ ଗ୍ରାମର ଗୋଲଖ ନାହକ, ଶରତ ନାହକ, କାଠିଆ ନାହକ, ପେଜୁ ନାହକ, ଦୀବାନୀ ନାହକ, ଗୋପୀନାଥ ନାହକ, ନୀଳ ନାହକ, ପାଗଳ ନାହକ, ନକୁଳ ନାହକ, ଦୁର୍ଯ୍ୟ?ଧନ ନାହକ, ସୁର ନାହକ, ମିଲୁ ନାହକ, ଆଦିକାନ୍ତ ନାହକ ପ୍ରମୁଖ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି ।

# ମହିଳାଙ୍କ ବେକ କାଟିଦେଲା ଦୁର୍ବୃତ୍ତ

ବାରିପଦା,୨୧।୯ (ସମିସ): ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ; ହେଲେ କେହି ଦୁର୍ବୃତ୍ତ ବେକ କାଟିଦେଇଥିବା ବେଳେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର କରାଯାଇଛି । ମହିଳା ଜଣକ ଏବେ ବାରିପଦା ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏଭଳି ଘଟଣା ଘଟିଛି ଉଦଳା ଥାନା ବଡ଼ଖମଣ ଗ୍ରାମରେ । ଗ୍ରାମର ନମିତା ନାଏକ ରବିବାର ମଧ୍ୟାହ୍ନ ସମୟରେ ଘର କାମ ସରି ନିକଟରେ ଥିବା ପୋଖରୀକୁ ଗାଧୋଇବା ନିମନ୍ତେ ଯାଇଥିଲେ । ହେଲେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ପୋଖରୀ ନିକଟରେ ଥିବା ଏକ ଲଟାବୁଦା ଭିତରୁ ନମିତାଙ୍କୁ ଗୁରୁତର ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ ପରିବାର ଲୋକେ । ପରେ ଚିକିତ୍ସା ନିମନ୍ତେ ପ୍ରଥମେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି । ତେବେ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ନମିତାଙ୍କ ବେକ କାଟିବା ସହିତ ମୁଣ୍ଡରେ ଗଭୀର ଆଘାତ ଦେଇଛି । କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଛି ।

# ଆନ୍ତଃରାଜ୍ୟ ଗ୍ରାମାଞ୍ଚଳ ଫୁଟ୍‌ବଲ୍ ପ୍ରତିଯୋଗିତା



କରଞ୍ଜିଆ,୨୧।୯ (ସମିସ): କରଞ୍ଜିଆ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ୩୨ଟି ଟିମକୁ ନେଇ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଖେଳ ଖଣ୍ଡେଇପଡା ବନାମ ଇଲେଭେନ ଷ୍ଟାର ମଧ୍ୟରେ ହୋଇଯାଇଛି । ଖେଳ ଆରମ୍ଭର ୨୨ ମିନିଟ ସମୟରେ ଖଣ୍ଡେଇପଡା ଦଳ ଗୋଟିଏ ଗୋଲ ଦେଇଥିଲେ । ଖେଳ ଶେଷ ହେବାର ଦୁଇ ମିନିଟ ପୂର୍ବରୁ ଇଲେଭେନ ଷ୍ଟାର ଦଳ ଗୋଟିଏ ଗୋଲ ଦେଇ ସମାନ ସ୍ଥିତିରେ ରହିବାରୁ ଟାଇବ୍ରେକର ଜରିଆରେ ଇଲେଭେନ ଷ୍ଟାର ୩-୧ ଗୋଲରେ ବିଜେତା ହୋଇ ଚାମ୍ପିଅନ ହୋଇଥିଲେ । ଚାମ୍ପିଅନ ଇଲେଭେନ ଷ୍ଟାର ଦଳଙ୍କୁ ୧୫ ହଜାର ଟଙ୍କା ରନର୍ସଅପ ଖଣ୍ଡେଇପଡା ଦଳଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ମୁଖ୍ୟଅତିଥି ଓ ସାଧାରଣ ସମ୍ପାଦକ ପ୍ରଦାନ କରିଥିଲେ । ଆଜିର ମୁଖ୍ୟଅତିଥି କ୍ରୀଡା ସଂସଦର ଉପ ସଭାପତି ଡା. ଜନାର୍ଦ୍ଦନ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରଭାକର ବାଗସିଂ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ଇଂ ରାଜ କିଶୋର ମହାନ୍ତ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ । ଆଜିର ଖେଳକୁ ପରିଚାଳନା କରିଥିଲେ ଉତ୍କଳମଣି ବେହେରା, ବୁଲେନ୍ଦ୍ର ହେମ୍ବ୍ରମ, ବିଶ୍ୱନାଥ ଟୁଡୁ । କଲ୍ୟାଣ କୁମାର ନାଏକ, ଟୁଟୁ ମେହେର ଓ ରତିକାନ୍ତ ବାରିକ ଖେଳରେ ସହାୟତା କରିଥିଲେ ।

# ଜବତ ଗାଡ଼ିକୁ ବନ୍ଧୁକ ଦେଖାଇ ଲୁଟ ଘଟଣାରେ ୨ ଅଟକ

ମହୁଲଡିହା,୨୧।୯ (ସମିସ): ଠାକୁରମୁଣ୍ଡା ଥାନା ୫୩ ରାଜ୍ୟ ରାଜପଥ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣୀଠାରେ ଏକ ମଇଁଷି ବୋଝେଇ ପିକଅପ୍‌କୁ ଜବତ କରିଥିଲା ଠାକୁରମୁଣ୍ଡା ପୁଲିସ । ଜବତ ହୋଇଥିବା ମଇଁଷିମାନଙ୍କୁ ସେହି ପିକଅପରେ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳକୁ ପଠାଯାଇଥିଲା । ମଇଁଷିକୁ ଗୋଶାଳାରେ ଛାଡି ଦିନ ୧୨ଟାରେ ଫେରି ପିକଅପକୁ ବୈତରଣୀ ନଦୀ ବ୍ରିଜ ପାଖରେ ରଖି ଗାଧୋଇବା ବେଳେ ଠାକୁରମୁଣ୍ଡା ଥାନାର ଜଣେ ଗୃହରକ୍ଷୀ ଓ ଗୋଶାଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ପିକଅପଟି ନେଇ ପଳାଇ ଥିଲେ ଦୁର୍ବୃତ୍ତ । ଖବର ପାଇ କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଥିଲେ । ୨୦ ତାରିଖ ଦିନ ଗୃହରକ୍ଷୀ ଇନ୍ଦ୍ରମଣୀ ନାଏକଙ୍କ ଅଭିଯୋଗ କ୍ରମେ ତୁରୁମଙ୍ଗା ଥାନା ପୁଲିସ ମାମଲ ଦାଏର କରି ତଦନ୍ତ ଆରମ୍ଭ କରିଛି । ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଖବର ପାଇ ସଦଳବଳେ ଯାଜପୁର ଜିଲ୍ଲାର ଧର୍ମଶାଳା ଥାନା ଅଧୀନ ଜାରକାରୁ ପିକଅପ ସହିତ ୨ଯୁବକଙ୍କୁ ନିଜ ହେପାଜତକୁ ନେଇ ଠାକୁରମୁଣ୍ଡା ଥାନାକୁ ଆଣିଥିଲେ । ତୁରୁମୁଙ୍ଗା ଥାନା ଏସଆଇ କିରଣ ପ୍ରସାଦ ସାହୁ ଠାକୁରମୁଣ୍ଡା ଥାନାରୁ ପିକଅପ ସହିତ ୨ଯୁବକଙ୍କୁ ତୁରୁମଙ୍ଗା ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି ।

# ରାସ୍ତା ସଫା କଲେ ଯୁବଗୋଷ୍ଠୀ



ରାମଚନ୍ଦ୍ରପୁର,୨୧।୯ (ସମିସ): ଘଷିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଗାଁ ବଳରାମ ଧୀର ହାଇସ୍କୁଲକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱ ବର୍ଷା ଦିନ ହେତୁ ଘଞ୍ଚ ଅରଣ୍ୟ ହୋଇଥିବାରୁ ବିଦ୍ୟାଳୟ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗ୍ରାମର ଏନ୍‌ଜିୱାଇସି କ୍ଲବ୍ ସଭାପତି ଆଶୁତୋଷ ମାଝୀ ସମେତ ସମସ୍ତ ସଦସ୍ୟ ମିଶି ରାସ୍ତାର ଦୁଇ ପାର୍ଶ୍ୱକୁ ମେସିନ ଲଗାଇ ସଫା କରିଥିଲେ । ଯୁବକଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି ।

# ନାମଲେଖା ଓ ଓରିଣ୍ଟେସନ୍ କାର୍ଯ୍ୟକ୍ରମ




ତେଲକୋଇ, ୨୧।୯ (ସମିସ): ତେଲକୋଇସ୍ଥିତ ଚାରିଗଡ଼ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍‌ର "ଓରିଣ୍ଟେସନ୍ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଛି । ଜାତୀୟ ସେବା ଯୋଜନାର ପୋଗ୍ରାମ ଅଫିସର ସନ୍ଦୀପ କୁମାର ସିଂ ପରିଚାଳନା କରିଥିଲେ । ଏଥିରେ ନୂତନ ଛାତ୍ରଛାତ୍ରୀଙ୍କୁ ସମାଜସେବା ଓ ବ୍ୟକ୍ତିତ୍ୱ ନିର୍ମାଣ କରିବା ସମ୍ପର୍କରେ ବୁଝାଇଥିଲେ । ଅଧ୍ୟାପିକା ପାର୍ବତୀ ସାହୁ ଜଳ ସଂରକ୍ଷଣ କିପରି କରାଯିବ ଶିକ୍ଷା ଦେଇଥିଲେ । ଏହି ସଭାରେ ବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ପଣ୍ଡା ଓ ଅଧ୍ୟାପିକା, ବବିତା ରାଉଳ, ସ୍ମୃତି ଦାସ, ମୋନାଲିଜା ପ୍ରଧାନ, ଟୁଇଁକିଲ ବେହେରା ଶୁଭସ୍ମିତା ମାଝୀ ଏବଂ ଟୁନା ରାମ ମହାନ୍ତ ଯୋଗଦାନ କରିଥିଲେ ।

# ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ



ଠାକୁରମୁଣ୍ଡା,୨୧।୯ (ସମିସ): ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ରବିବାର ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୂର୍ବତନ ଛାତ୍ର ଅବସରପ୍ରାପ୍ତ ଅଧ୍ୟାପକ ଡ଼ଃ ହରିଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ପୂର୍ବତନ ଛାତ୍ର ବସନ୍ତ ପୈବର୍ତ୍ତୀ, ଅଞ୍ଜନ କୁମାର ବାରିକ, ବସିର ଅଲ୍ଲୀ, ପଦ୍ମଲୋଚନ ନନ୍ଦ, ବିଷ୍ଣୁ ଚରଣ ବାରିକ, ଚକ୍ରଧର ଦାସ, ପ୍ରଦ୍ୟୁମ୍ନ ବାରିକଙ୍କ ଉପସ୍ଥିତିରେ ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ବୈଠକରେ ଉପସ୍ଥିତ ଥିଲେ । ହୀରକ ଜୟନ୍ତୀ ଆସନ୍ତା ଡିସେମ୍ବର ମାସରେ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା । ପରବର୍ତ୍ତୀ ବୈଠକରେ ତାରିଖ ଧାର୍ଯ୍ୟ କରାଯିବ ସହିତ ଅନ୍ୟାନ୍ୟ ପ୍ରସ୍ତୁତି ନିମନ୍ତେ ଆଲୋଚନା କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକ ଶେଷରେ ପଦ୍ମଲୋଚନ ନନ୍ଦ ଧନ୍ୟବାଦ ଦେଇଥିଲେ ।

# ବଜ୍ରପାତରେ ୪ ଗାଇ, ୪ ଛେଳି ମୃତ

■ ଜଣେ ଗୁରୁତର



କେନ୍ଦୁଝର,୨୧।୯ (ସମିସ): ଅପରାହ୍ନରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହୋଇଛି । ବାଂଶପାଳ ମରସୁଆଁ ଗାଁରେ ବଜ୍ରପାତରେ ୪ ଗାଇ ୪ ଛେଳିଙ୍କ ମୃତ୍ୟୁ ଘଟିଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ସେହିପରି କୁଶକଳା ଗ୍ରାମର ବୈତାଲୁ ଧାଙ୍ଗଡ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ । ତାଙ୍କୁ ସ୍ଥାନୀୟ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସେଠାରେ ସେ ଚିକିତ୍ସିତ ହେଉଥିବା ଜଣାଯାଇଛି ।

# ଆସନ୍ତା ୧୭ରେ 'ମୁଁ ସ୍ୱାବଲମ୍ବୀ ହେବି' ଜିଲ୍ଲାସ୍ତରୀୟ କର୍ମଶାଳା

ବାରିପଦା,୨୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟସ୍ଥଳୀଗୁଡିକର ଉନ୍ନତିକରଣ କରି ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ତଥା ହସ୍ତତନ୍ତ କୁଟୀର ଶିଳ୍ପ ମାଧ୍ୟମରେ କିଭଳି ଜିଲ୍ଲାର ଯୁବସମାଜ ବାହାର ଜିଲ୍ଲା/ରାଜ୍ୟକୁ ଦାଦନ ଖଟିବାକୁ ଯିବା ପରିବର୍ତ୍ତେ ନିଜ ମାଆ ମାଟିରେ ରହି ସ୍ୱାବଲମ୍ବୀ ହୋଇପାରିବେ । ସେବାବଦରେ ଭଞ୍ଜସେନା ପକ୍ଷରୁ ବାରିପଦା ସହିଦ ସ୍ମୃତି ଭବନଠାରେ ଦୁଇଦିନିଆ କର୍ମଶାଳା ଅକ୍ଟୋବର ୧୭ ଓ ୧୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଅଛି । ଜିଲ୍ଲାର ୨୬ ବ୍ଲକ, ୨ଟି ମ୍ୟୁନିସିପାଲଟି ଏବଂ ୨ଗୋଟି ଏନଏସିରୁ ୩୦ ଜଣ ଲେଖାଏଁ ସର୍ବମୋଟ ୯୦୦ ଜଣ ଯୁବ ଛାତ୍ର (ଯୁବକ/ଯୁବତୀ) ପ୍ରତିନିଧି ସାମିଲ ହେବେ । ଆଉ ଇଚ୍ଛୁକ ପ୍ରତିନିଧିମାନେ ଗୁଗଲ୍ ଫର୍ମ ମାଧ୍ୟମରେ ନିଜର ନାମ ପଞ୍ଜୀକରଣ କରିପାରିବେ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

## ■ ବାଲି ସୁରକ୍ଷାକୁ ନେଇ ମାଫିଆଙ୍କ ତୁମୁଳକାଣ୍ଡ

# ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ତେଲକୋଇ, ୨୧।୯ (ସମିସ): ତେଲକୋଇ ବ୍ଲକ ସମାକୋଇ ନଦୀର ଅବବାହିକା ଅଞ୍ଚଳ ଏବେ ବାଲି ମାଫିଆଙ୍କ କବଜାରେ ରହିଛି । ବାଲି ମାଫିଆମାନେ ଗାଁ ମଝିରେ ପଶି ତୁମୂଳକାଣ୍ଡ କରିବା ସହିତ ଲୋକଙ୍କୁ ହତ୍ୟା ଓ ମହିଳାଙ୍କୁ ବଳାତ୍କାରର ଧମକ ଦେଉଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ସଦର ମହକୁମା ରାମଚନ୍ଦ୍ରପୁର ଗ୍ରାମବାସୀ ତେଲକୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।



ବାଲି ଘାଟଗୁଡ଼ିକୁ ସୁରକ୍ଷା ପାଇଁ ଗ୍ରାମବାସୀ ନିକଟରେ ଏକ ସଭା ଆୟୋଜନ କରି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା । ମାତ୍ର ୧୯ ତାରିଖ ଶୁକ୍ରବାର ଗ୍ରାମର ରବି ମୁଣ୍ଡା ଓଡ଼ି ୦୯ ଏସି ୧୮୪୩ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଆଣି ଉକ୍ତ ବାଲି ଘାଟରୁ ଚୋରା ଚାଲାଣ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ବାରଣ କରିଥିଲେ । ଏହା ପରେ ରବି ମୁଣ୍ଡା ୨୦ ତାରିଖ ଶନିବାର ସନ୍ଧ୍ୟା ବେଳେ ଉକ୍ତ ଗ୍ରାମର ସୁକ୍ରା ମୁଣ୍ଡା, ବିର୍ସା ମୁଣ୍ଡା, ରାଜୁ ମୁଣ୍ଡା, ସୁନିଲ ମୁଣ୍ଡା, ରବି ମୁଣ୍ଡା, ଅନିଲ ମୁଣ୍ଡା, ଗୁରୁ ମୁଣ୍ଡା, ଶତ୍ରୁ ମୁଣ୍ଡା ମାରଣାସ୍ତ୍ର ଧରି ଗାଁ ମଧ୍ୟରେ ପଶି ଗ୍ରାମ ବାସୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଜାତିଆଣ ଆକ୍ଷେପ କରି ଘରୁ ବାହାର ଗୋଟି ଗୋଟି କରି ମୁଣ୍ଡ କାଟି ଦେବାକୁ ହତ୍ୟା ଧମକ ଦେଇଥିଲେ । ଗ୍ରାମବାସୀ ସେମାନଙ୍କୁ ଗାଁ ମଝିରେ ପାଟି ନ କରିବାକୁ ବାରଣ କରିଥିଲେ । ଫଳରେ ସଂପୃକ୍ତ ଯୁବକ ରବି ମୁଣ୍ଡା, ଅନିଲ ମୁଣ୍ଡା, ସୁନିଲ ମୁଣ୍ଡା, ଶତ୍ରୁ ମୁଣ୍ଡା ହାତରେ ଧରିଥିବା ଟାଙ୍ଗିଆ, ଭୁଜାଲି ଓ ଠେଙ୍ଗା ରେ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ । ଅଭିଯୁକ୍ତ ମାନେ ଆଜି ନହେଲେ କାଲି ହାଣିବୁ ବୋଲି ଧମକ ଦେଇଥିଲେ । ରବିବାର ସକାଳେ ମଧ୍ୟ ଗ୍ରାମର ସଞ୍ଜୟ ସାହୁ ଓ ଦିନେଶ ବିଶ୍ୱାଳ ନିକଟସ୍ଥ ନଦୀକୁ ଯାଇଥିବା ବେଳେ ରବି ମୁଣ୍ଡା ଓ ତାର ଦୁଇ ପୁଅ ଅନିଲ ଏବଂ ସୁନିଲ ମୁଣ୍ଡା ଆକ୍ରମଣ କରିବାକୁ ଗୋଡ଼ାଇଥିଲେ । ଏହାପରେ ପୁଣି ଗ୍ରାମରେ ବୈଠକ ଅନୁଷ୍ଠିତ ହୋଇଥିଲା । ଯାହାକୁ ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶ ଥାଉକି, ପୁଲିସ ସେତେବେଳେ ଘଟଣାସ୍ଥଳକୁ ଆସିନଥିବା ବେଳେ ନିଷ୍କ୍ରିୟତା ବାଲି ମାଫିଆଙ୍କୁ ଆହୁରି ସକ୍ରିୟ କରୁଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ରବିବାର ଅପରାହ୍ନରେ ଗ୍ରାମର ଦେବାଶିଷ ସାହୁ, ଦିନେଶ ବିଶ୍ୱାଳ, ତ୍ରିଲୋଚନ ସାହୁ, ସଞ୍ଜୟ ସାହୁ, ଉମେଶ ଚନ୍ଦ୍ର ବିଶ୍ୱାଳ, ବିଭୂତି ସାହୁ, ପ୍ରଦୀପ କୁମାର ସାହୁ, ଚନ୍ଦ୍ରମଣି ସାହୁ, ରାହାସ ବିଶ୍ୱାଳ, କ୍ଷେତ୍ରବାସୀ ବିଶ୍ୱାଳ, ବସନ୍ତ କୁମାର ସାହୁ, ଅରୁଣ କୁମାର ସାହୁ, ଅନୁକୂଳ ବିଶ୍ୱାଳ, ରଘୁନାଥ ବିଶ୍ୱାଳ, ଗୁରୁଚରଣ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# କୁସଂସ୍କାର ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ

ଖୁଣ୍ଟା,୨୧।୯ (ସମିସ): ସ୍ଥାନୀୟ ବାହାନଡ଼ାସ୍ଥିତ ଶାନ୍ତି ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନାସା ଫାଉଣ୍ଡେସନ ବାରିପଦା ଦ୍ୱାରା କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମପିସି



ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡ. ସରୋଜ ନାୟକ ଯୋଗଦେଇ ପିପିଟି ମାଧ୍ୟମରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଜ୍ଞାନ କେବଳ ଏକ ବିଷୟନୁହେଁ ଏକ ଜୀବନଶୈଳୀ ଏବଂ ନିଜକୁ କୁସଂସ୍କାର ଅନ୍ଧବିଶ୍ୱାସରୁ ଦୁରେଇରଖି ସ୍ୱାଧୀନ ଚିନ୍ତା କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ଅମିତାଭ ମିଶ୍ର ଯୋଗ ଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିବ ଚରଣ ନାଏକ, ସୁଶ୍ରୀ ସଂଗୀତା ମହାପାତ୍ର, ସୀମାରାଣୀ ଦେ ଓ ଇତିଶ୍ରୀ ମହାନ୍ତ ଅତିଥିଭାବେ ଯୋଗଦେଇଥିଲେ । ବରିଷ୍ଠ ଶିକ୍ଷକ ଦେବାନନ୍ଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଶରତ/ମହୁଲଡିହା,୨୧।୯ (ସମିସ):

ଠାକୁରମୁଣ୍ଡା ପଞ୍ଚାୟତ ଜାମୁନାଳିଆଠାରେ ମାର୍ଶାଲ ଆକାଳା ଯୁବକ ସଂଘ ପକ୍ଷରୁ ମାର୍ଶାଲ ଟୁର୍ଣ୍ଣାମେଣ୍ଟ ୨୦୨୫ର ସିଲଭର ଜୁବୁଲି କୋଲ ଗୁରୁ ଲାକୋବଦ୍ରା ମିନି ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି । ଖେଳର ଉଦ୍‌ଯାପନ ଅବସରରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଜିତ ଲୁଗୁନ ଏବଂ ସମ୍ମାନିତ ଅତିଥିଭାବେ ସାଲେଇବେଡା ସରପଞ୍ଚ ପେଲଙ୍ଗ ପାଲେୟା, ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ମାଣିକ ରାମ ବାନ୍ଦିଆ, ମା' ବାସୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଉପେନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ତଥା ସ୍ଥାନୀୟ ସମାଜସେବୀ ଆଲୋକ ଦଙ୍ଗ, କଲେଜ ପିଇଟି କାନ୍ଧୁରୁ ପାତ୍ର, ଅଲ ଇଣ୍ଡିଆ ହୋ ଭାଷା କାଉନସିଲ ପରାମର୍ଶଦାତା ରାମଚନ୍ଦ୍ର ବଦରା ଯୋଗଦେଇଥିଲେ । ଖେଳରେ ୧୬ଟି ଟିମ୍ ଆଧାର କାର୍ଡ ଦଳ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟ ୧୬ଟି ନନ ଆଧାର କାର୍ଡ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଖେଳରେ ନନ ଆଧାର ଟିମର ସୋରେନ ଏଫ ସି, ଶରତ ଟିମ ଚାମ୍ପିଅନ ହୋଇଥିବା ବେଳେ ଭୁବନେଶ୍ୱର ପୂର୍ତ୍ତି ଷ୍ଟାର ଟିମ ରନର୍ସ ଅପ ହୋଇଥିଲେ । ସେହିଭଳି ଆଧାର ଟିମର ଏସଆରଏସ ଟିମ ପୋଖରୀ ବାଡ଼ି ଟିମ ଚାମ୍ପିଅନ ହୋଇଥିବା ବେଳେ ଘୋଡ଼ାବିନ୍ଧା ସଦାମ କ୍ଲବ ଟିମ ରନର୍ସ ଅପ ହୋଇଥିଲେ । ସେହିଭଳି ନନ ଆଧାର ଟିମର ଚେହେରୋଜ ଏଫ ସି ଓ ଅନଲାଇନ ଏଫ ସି ଟିମ ଉଭୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆଧାର ଟିମର ସ୍ଥାନୀୟ କୋଲ ଗୁରୁ ସ୍ପୋର୍ଟିଂ କ୍ଲବ, ତୃତୀୟ ଓ ଶରତର ଜେପିଏସ ରଜତ ନଗର ଟିମ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ଖେଳଗୁଡିକୁ ରେଫରୀ ଭାବେ କେଦାର କାଲୁଣ୍ଡିଆ, ମଙ୍ଗଳ ମୁଣ୍ଡୁରୀ, ଗୁରା ପୂର୍ତ୍ତି ଓ ଚକ୍ରଧର ଚାତାର ପରିଚାଳନା କରିଥିବା ବେଳେ କ୍ଲବ ପକ୍ଷରୁ ଚିତ୍ତରଞ୍ଜନ ବାନ୍ଦିଆ, ହରିଚରଣ ବାନ୍ଦିଆ, ବୀରେନ୍ଦ୍ର କେରାଇ, ମୁକେଶ, ତୁରାମ ସୟ, ରାଜେନ୍ଦ୍ର, ରବି, ସୁଶାନ୍ତ, କୃଷ୍ଣ, ରୁଷି, ଟୁକୁଲୁ, ଭୀମ, ଈଶ୍ୱର, ପ୍ରିନ୍ସ, ଦିଲ୍ଲୀପ, ଅଲେଖ, ଗଣେଶ, ଗୌରାଙ୍ଗ, ରାକେଶ, ଶୈଳେଶ, ଗୁଲୁ, ମାର୍କଣ୍ଡ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ଅତିଥି ମାନେ ବିଜେତା ଟିମମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୭୯୧- ପ୍ରସିଦ୍ଧ ବୈଜ୍ଞାନିକ ମାଇକେଲ୍ ଫାରାଡେଙ୍କ ଜନ୍ମ।
- ୧୮୮୮- ନେସନ୍ୟାଲ୍ ଜିଓଗ୍ରାଫିକ୍ ପତ୍ରିକାର ପ୍ରଥମ ଅଙ୍କ ପ୍ରକାଶିତ ହୋଇଥିଲା।
- ୧୯୫୫- ବ୍ରିଟେନରେ ପ୍ରଥମ ଥର ଟିଭିରେ ବିଜ୍ଞାପନ ପ୍ରସାରିତ ହେଲା।
- ୧୯୮୦- ଇରାକ୍, ଇରାନ୍ ଉପରେ ଆକ୍ରମଣ କଲା।
- ୨୦୧୩- ପାକିସ୍ତାନର ପେଶୱାରରେ ଏକ ଚର୍ଚ୍ଚ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ଅତିକମ୍‌ରେ ୧୨୭ ଜଣଙ୍କ ମୃତ୍ୟୁ।

## 'କଲ୍‌କୀ ୨'ରୁ ବାହାରିଲେ
# ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ କିଛି ଦିନ ପୂର୍ବରୁ 'ସ୍ପିରିଟ୍'ର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ସହ ବିବାଦକୁ ନେଇ ଚର୍ଚ୍ଚାରେ ରହିଥିଲେ। ଇତିମଧ୍ୟରେ ଦୀପିକାଙ୍କ ହାତରୁ ଆଉ ଏକ ବଡ଼ ପ୍ରୋଜେକ୍ଟ ମଧ୍ୟ ଚାଲି ଯାଇଛି। 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲ 'କଲ୍‌କୀ ୨'ରୁ ଏବେ ଦୀପିକା ବାଦ୍ ପଡ଼ିଛନ୍ତି। ନିକଟରେ ପ୍ରଯୋଜନା ସଂସ୍ଥା ବୈଜୟନ୍ତୀ ଫିଲ୍ମସ୍ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରି ଏବିଷୟରେ ସୂଚନା ଦିଆଯାଇଛି। ତେବେ ଦୀପିକା 'କଲ୍‌କୀ ୨'ର ନିର୍ମାତାଙ୍କ ପାଖରେ କିଛି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ପାଇଁ ତାଙ୍କୁ ଫିଲ୍ମରୁ ବାଦ୍ ଦିଆଗଲା ବୋଲି ଜଣାପଡ଼ିଛି। ଦୀପିକା ଏହାର ସିକ୍ୱେଲ ପାଇଁ ୨୫% ଅଧିକ ପାରିଶ୍ରମିକ ଦାବି କରିବା ସହ ସାତଘଣ୍ଟିଆ ସିଫ୍ଟରେ ସୁଟ୍ କରିବେ ବୋଲି କହିଥିଲେ। ତେବେ ଏହା ଏକ ଭିଏଫ୍‌ଏକ୍ସ ଫିଲ୍ମ ହୋଇଥିବାରୁ ଏତେ କମ୍ ସମୟରେ ସୁଟ୍ କରିବା ଦ୍ୱାରା ଫିଲ୍ମର ବଜେଟ୍ ବୃଦ୍ଧି ପାଇବ। ଏହାବାଦ୍ ସେ ତାଙ୍କ ସପୋର୍ଟ ଟିମ୍ ରହିବା ପାଇଁ ପଞ୍ଚ ତାରକା ହୋଟେଲ ଯୋଗାଇ ଦେବାକୁ କହିଥିଲେ। ଦିନକୁ ଦିନ ଦୀପିକାଙ୍କ ସର୍ତ୍ତ ବଢ଼ିବାରୁ ପ୍ରଡକ୍ସନ୍ ଟିମ୍ ତାଙ୍କୁ ବାଦ୍ ଦେବା ପାଇଁ ସ୍ଥିର କରିଥିବା ଚର୍ଚ୍ଚା ହେଉଛି। ଫିଲ୍ମ ନିର୍ମାତା ଏହାର କାହାଣୀରେ ପରିବର୍ତ୍ତନ କରି ଦୀପିକାଙ୍କ ଭୂମିକାକୁ ଛୋଟ କରିଦେବାରୁ ସେ ଏହି ଫିଲ୍ମ ଛାଡ଼ି ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହାପୂର୍ବରୁ 'ସ୍ପିରିଟ୍'ରୁ ମଧ୍ୟ ଦୀପିକାଙ୍କ ସର୍ତ୍ତ ପାଇଁ ତାଙ୍କୁ ବାଦ୍ ଦିଆଯାଇଥିଲା।



## ବିଶ୍ୱ ଗୋଲାପ ଦିବସ
### କର୍କଟ ରୋଗୀଙ୍କ ମନୋବଳ ବୃଦ୍ଧି ପାଇଁ ଦିନଟିଏ



ଗୋଲାପ ଫୁଲକୁ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ଧରାଯାଏ। କ୍ୟାନ୍ସର ପରି ଏକ ମାରାତ୍ମକ ବ୍ୟାଧି ସହ ଲଢୁଥିବା ରୋଗୀଙ୍କୁ ଗୋଲାପ ଫୁଲଟିଏ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିବା ସହ ଜୀବନ ପ୍ରତି ନୂତନ ଆଶା ସଞ୍ଚାର କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ ତାରିଖକୁ 'ବିଶ୍ୱ ଗୋଲାପ ଦିବସ' ଭାବେ ପାଳନ କରାଯାଏ। କର୍କଟ ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଜୀଇଁବା ପାଇଁ ପ୍ରେରଣା ଦେବା ତଥା ତାଙ୍କ ଜୀବନରେ ଖୁସି ଆଣିଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଗୋଲାପ ଫୁଲକୁ ଦେଖିବା ମାତ୍ରେ ମନରେ ଏକ ସକାରାତ୍ମକ ଭାବନା ଆସିଥାଏ। ଏହି ଦିନ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ଏହି ସନ୍ଦେଶ ଦିଆଯାଏ ଯେ, କ୍ୟାନ୍ସର ଜୀବନର ଅନ୍ତ ନୁହେଁ, ଆରମ୍ଭ। ଦୃଢ଼ ଇଚ୍ଛା ଶକ୍ତି ଦ୍ୱାରା କ୍ୟାନ୍ସର ଯୁଦ୍ଧକୁ ଜିତିହେବ। ୱାର୍ଲଡ୍ ରୋଜ୍ ଡେ' ପାଳନର ଆରମ୍ଭ ୧୯୯୪ ମସିହାରୁ ହୋଇଥିଲା। କାନାଡ଼ାର ୧୨ ବର୍ଷୀୟା କ୍ୟାନ୍ସର ପୀଡ଼ିତା ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଏ। କୁନି ବୟସରୁ ମେଲିଣ୍ଡା ବ୍ଲଡ୍ କ୍ୟାନ୍ସରର ଏକ ବିରଳ ପ୍ରକାର ଆସ୍କିନ୍ସ ଟ୍ୟୁମରରେ ପୀଡ଼ିତ ଥିଲେ। ଅତି ସାହସର ସହ ସେ ଶେଷ ପର୍ଯ୍ୟନ୍ତ ଏହି ରୋଗ ସହ ଲଢ଼ିଥିଲେ। ମେଲିଣ୍ଡା କ୍ୟାନ୍ସରର ଲାଷ୍ଟ ଷ୍ଟେଜ୍‌ରେ ଥିଲେ। ସେ ଆଉ ଗୋଟିଏ କି ଦୁଇ ସପ୍ତାହ ବଞ୍ଚିବେ ବୋଲି ଡାକ୍ତର କହିଥିଲେ। ମେଲିଣ୍ଡା ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତରଙ୍କୁ ଭୁଲ୍ ସାବ୍ୟସ୍ତ କରି ଛଅମାସ ବଞ୍ଚିଥିଲେ। ଏହି ଛଅମାସ ମଧ୍ୟରେ ପ୍ରତି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସହ ଖୁସିର ବାର୍ତ୍ତା ବାଣ୍ଟୁଥିଲେ। ସେ ଅନ୍ୟ କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ କବିତା, ଇମେଲ୍ ଆଦି ଲେଖୁଥିଲେ। ୧୨ ବର୍ଷର ଏହି ଝିଅ ଜଣକ କ୍ୟାନ୍ସର ରୋଗୀଙ୍କ ପାଇଁ ଏକ ଉଦାହରଣ ହୋଇଗଲେ। ସେ କର୍କଟ ରୋଗ ସହ ଲଢୁଥିବା ରୋଗୀମାନଙ୍କ ପାଇଁ ଆଶାର କିରଣ ସାଜିଥିଲେ। ମେଲିଣ୍ଡାଙ୍କର ଏହି ଆକର୍ଷଣୀୟ ବ୍ୟକ୍ତିତ୍ୱ ତଥା ତାଙ୍କ ସାହସକୁ ମନେ ପକାଇ ପ୍ରତିବର୍ଷ ସେପ୍ଟେମ୍ବର ୨୨କୁ ବିଶ୍ୱ ଗୋଲାପ ଦିବସ ବା ୱାର୍ଲଡ ରୋଜ୍ ଡେ' ଭାବେ ପାଳନ କରାଯାଏ। ଏହି ଦିନ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲୋକେ କ୍ୟାନ୍ସର ରୋଗୀମାନଙ୍କୁ ଗୋଲାପ ଫୁଲ ଦେବା ସହ ସେମାନଙ୍କ ସହ ସମୟ ଅତିବାହିତ କରନ୍ତି।

## ସବୁଠୁ ଦାମୀ ଶାଢ଼ି 'ବିବାହ ପଟୁ'

ଶାଢ଼ି ଭାରତୀୟ ମହିଳାମାନଙ୍କର ଏକ ପାରମ୍ପରିକ ପରିଧାନ। ସାଧାରଣତଃ ଶାଢ଼ିର ଡିଜାଇନ୍ ଓ କପଡ଼ା ଅନୁସାରେ ଏହାର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ଏହି କ୍ରମରେ ବିଶ୍ୱର ସବୁଠୁ ଦାମୀ ଶାଢ଼ି ଭାବେ 'ବିବାହ ପଟୁ' ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଏହା ଏକ ଚେନ୍ନାଇ ସିଲ୍‌କ ଶାଢ଼ି। ଏହାର ଦାମ୍ ୩୯.୯୩ ଲକ୍ଷ। ଏଥିରେ ସୁନା, ରୂପା, ହୀରା ଆଦି ଖଚିତ ହେବା ସହ ପ୍ରସିଦ୍ଧ ଚିତ୍ରକର ରବି ବର୍ମାଙ୍କର ୧୧ଟି ପେଣ୍ଟିଂକୁ ବୁଣାଯାଇଛି। ତନ୍ମଧ୍ୟରୁ ସ୍ୱତନ୍ତ୍ର ହେଉଛି 'ଗାଲାକ୍ସି ଅଫ୍ ମ୍ୟୁଜିସିୟାନ୍ସ'। ଏଥିରେ ବିଭିନ୍ନ ରାଜ୍ୟର ମହିଳାମାନେ ନିଜର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଉଥିବାର ଦେଖାଯାଇଛନ୍ତି। ଏହି ଶାଢ଼ିରେ ୫୯.୭ ଗ୍ରାମ୍ ସୁନା, ୩.୯୧୩ କ୍ୟାରେଟ୍ ହୀରା, ୧୨୦ ମିଲିଗ୍ରାମ୍ ପ୍ଲାଟିନମ୍, ୫୬ ସେଟ୍ ପନ୍ନା, ୨.୯୮୫ କ୍ୟାରେଟ୍ ରୁବି, ନବରତ୍ନ ପଥର, ମୋତି, ମୁଙ୍ଗା ଆଦି ଦାମୀ ରତ୍ନର ମଧ୍ୟ ବ୍ୟବହାର କରାଯାଇଛି। ୮ କିଲୋ ଓଜନର ଏହି ଶାଢ଼ିରେ ୬୪ ପ୍ରକାରର ରଙ୍ଗ ଓ ୧୦ ଟି ନିଆରା ଡିଜାଇନ୍‌ର ବ୍ୟବହାର କରାଯାଇଛି। ଏହାର ଓଜନ ଅଧିକ ଥିବା ସତ୍ତ୍ୱେ, ଏହାକୁ ସାଧାରଣ ଶାଢ଼ି ଭଳି ପିନ୍ଧାଯାଇ ପାରିବ। ଏହାକୁ ଏପର୍ଯ୍ୟନ୍ତ ଦୁଇଥର କିଣାଯାଇ ସାରିଛି। ଏହି ଶାଢ଼ି ପ୍ରଥମେ ବେଙ୍ଗାଲୁରୁର ଜଣେ ବ୍ୟବସାୟୀ ୧୦ମ ବିବାହ ବାର୍ଷିକୀ ଅବସରରେ ପତ୍ନୀଙ୍କୁ ଉପହାର ଦେବା ପାଇଁ କିଣିଥିଲେ। ଏହାପରେ କୁଏତ୍‌ର ଜଣେ ଧନୀ ବ୍ୟବସାୟୀ ବି ଏହି ଶାଢ଼ି ତିଆରି କରିବା ଲାଗି ଅନୁରୋଧ କରିଥିଲେ। ତେବେ ଏହି ଶାଢ଼ି କେବଳ ପିନ୍ଧିବା ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଏକ ଅମୂଲ୍ୟ କଳାକୃତି, ଯାହା ଭାରତୀୟ ବୟନ କଳା ଗୌରବକୁ ବିଶ୍ୱରେ ଏକ ଭିନ୍ନ ପରିଚୟ ପ୍ରଦାନ କରିଛି।



## ଦୁର୍ଗା ଚାଳିଶା ପାଠର ନିୟମ



ନବରାତ୍ରୀରେ ମା' ଦୁର୍ଗା ନଅଟି ରୂପରେ ପୂଜା ପାଇଥାନ୍ତି। ଏହି ନଅଦିନ ମା' ଦୁର୍ଗା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀ ରୂପରେ ପୂଜା ପାଇଥାନ୍ତି। ଏହି ନବଦିନାତ୍ମକ ପୂଜାରେ ମା'ଙ୍କ ପୂଜାର୍ଚ୍ଚନା ସହ ଦୁର୍ଗାସପ୍ତଶତୀ ଏବଂ ଦୁର୍ଗା ଚାଳିଶା ପାଠ କରାଯାଏ। ଦୁର୍ଗା ଚାଳିଶା ପାଠ ଦ୍ୱାରା ମାନସିକ ଶାନ୍ତି ପ୍ରାପ୍ତ ହୁଏ। ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ଆର୍ଥିକ ଲାଭ ହୁଏ। ତେବେ ଦୁର୍ଗା ଚାଳିଶା କିଭଳି ପାଠ କରିବେ, ସେ ସମ୍ପର୍କରେ ଜାଣିବା।

- ସକାଳୁ ସ୍ନାନ ସାରି ଭଲ ବସ୍ତ୍ର ପରିଧାନ କରନ୍ତୁ।
- ଏହାପରେ ଦେବୀ ମାତାଙ୍କ ପୂଜାର୍ଚ୍ଚନା କରନ୍ତୁ।
- ମା' ଦୁର୍ଗାଙ୍କୁ ଫୁଲ, ଧୂପ, ଦୀପ ଲାଗି କରିବା ସହ ପ୍ରସାଦ ଭୋଗ କରନ୍ତୁ।
- ଏହା ପରେ ଦୁର୍ଗା ଚାଳିଶା ପାଠ କରନ୍ତୁ।
- ଦୁର୍ଗା ଚାଳିଶା ପାଠ କରିସାରିବା ପରେ ମା'ଙ୍କ ଆରତୀ କରି ପ୍ରସାଦ ଗ୍ରହଣ କରନ୍ତୁ।

## ସ୍ତୁତି

## କନ୍ୟା ପୂଜା



ଖୁବ୍ ଶୀଘ୍ର ଆରମ୍ଭ ହେବ ଶାରଦୀୟ ନବରାତ୍ରୀ। ଆଶ୍ୱିନ ପ୍ରତିପଦାରୁ ନବରାତ୍ରୀ ପ୍ରାରମ୍ଭ ହୋଇଥାଏ ଏବଂ ଏହା ନବମୀ ତିଥି ପର୍ଯ୍ୟନ୍ତ ଚାଲେ। ନବରାତ୍ରୀ କନ୍ୟା ପୂଜାରେ ଶେଷ ହୋଇଥାଏ। ଏହା ପରେ ପାଳନ କରାଯାଏ ଦଶହରା। ତେବେ କନ୍ୟା ପୂଜା ବିନା ନବରାତ୍ରିର ନଅ ଦିନର ସାଧନାର ଫଳ ମିଳି ନ ଥାଏ। ଅଷ୍ଟମୀ ଏବଂ ନବମୀ ପୂଜା ପରେ କନ୍ୟା ପୂଜା କରାଯାଏ। ଏଥିରେ କନ୍ୟାମାନଙ୍କୁ ପୂଜା କରାଯାଇ ଭୋଜନ ଓ ଉପହାର ପ୍ରଦାନ କରାଯାଇ ଆଶୀର୍ବାଦ କାମନା କରାଯାଏ।

- ପ୍ରଥମେ କନ୍ୟାଙ୍କ ପାଦ ପ୍ରକ୍ଷ୍ୟାଳନ କରାଯାଏ।
- ଏହା ପରେ ତିଳକ କରାଯାଏ।
- ଏହାପରେ ଖାଦ୍ୟ ପ୍ରଦାନ କରାଯାଏ ଏବଂ ତା'ପରେ ଉପହାର ଦେବାର ନିୟମ ଅଛି।
- କନ୍ୟା ପୂଜା ଦ୍ୱାରା ଘରେ ମା' ଦୁର୍ଗା ବାସ କରନ୍ତି।
- କୌଣସି କନ୍ୟାଙ୍କୁ ଅପମାନିତ କିମ୍ବା ଦୁଃଖ ଦେବା ଅନୁଚିତ।
- ଉପହାରରେ କୌଣସି କଳା ରଙ୍ଗ ଜିନିଷ ପ୍ରଦାନ କରନ୍ତୁ ନାହିଁ। ଏହା ଦ୍ୱାରା ଶନି ଦୋଷ ଲାଗେ।
- ସେହିପରି କାଚ ଜିନିଷ ଦିଅନ୍ତୁ ନାହିଁ।
- ଚମଡ଼ାରୁ ତିଆରି ଜିନିଷ, ଷ୍ଟିଲ ଏବଂ ଲୁହା ଜିନିଷ ଦିଅନ୍ତୁ ନାହିଁ।
- କନ୍ୟା ସହିତ ଜଣେ ଛୋଟ ବାଳକକୁ ଆମନ୍ତ୍ରିତ କରିବା ଉଚିତ।
- ଉପହାରରେ ପୁରୁଣା ଓ ବ୍ୟବହୃତ ଜିନିଷ ପ୍ରଦାନ କରନ୍ତୁ ନାହିଁ।

## ନବରାତ୍ରୀରେ ଦୀପ ପ୍ରଜ୍ୱଳନ

**ନବରାତ୍ରୀର ନଅଦିନରେ ନିତିଦିନ ଦେବୀଙ୍କ ଅଲଗା ଅଲଗା ରୂପକୁ ପୂଜା କରାଯାଏ। ଏଥିରେ ଅଖଣ୍ଡ ଦୀପ ପ୍ରଜ୍ୱଳନର ପରମ୍ପରା ରହିଛି। ଶାସ୍ତ୍ରରେ ଦୀପ ପ୍ରଜ୍ୱଳନର ବିଶେଷ ମହତ୍ତ୍ୱ ରହିଛି। ଏହି ନଅ ଦିନ ଦୀପ ପ୍ରଜ୍ୱଳନ କରିବା ଦ୍ୱାରା ଜୀବନର ଅନ୍ଧକାର ଦୂର ହୁଏ। ଘରେ ସୁଖ ଓ ସମୃଦ୍ଧିର ଆଗମନ ହୁଏ। ଏହି ଅବଧି ମଧ୍ୟରେ କେଉଁ କେଉଁ ସ୍ଥାନରେ ଦୀପ ଜାଳିବା ଦରକାର, ସେ ସମ୍ପର୍କରେ ଜାଣିବା।**



**ମୁଖ୍ୟଦ୍ୱାର**

ଶାସ୍ତ୍ରରେ ମୁଖ୍ୟ ଦ୍ୱାରରେ ଦୀପ ଜାଳିବା ଶୁଭ। ଏହା ଦ୍ୱାରା ଘରକୁ ଦେବୀଦେବତାଙ୍କର ପ୍ରବେଶ ହୋଇଥାଏ ଏବଂ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଏ।

**ପୂଜାଘର**

ପ୍ରଥମ ଦୀପ ଘରର ମନ୍ଦିର ଏବଂ ପୂଜା ସ୍ଥାନରେ ଜାଳିବା ଉଚିତ। ଏହା ଦ୍ୱାରା ଘରେ ସକାରାତ୍ମକ ଶକ୍ତିର ସଞ୍ଚାର ହୁଏ।

**ରୋଷେଇ ଘର**

ନବରାତ୍ରୀରେ ରୋଷେଇ ଘରେ ଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ଘରେ ଅନ୍ନର ଅଭାବ ଦେଖା ଦିଏ ନାହିଁ।

**ତୁଳସୀ ଚଉରା**

ହିନ୍ଦୁ ଧର୍ମରେ ତୁଳସୀ ଗଛକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଇଛି। ଏହି ନଅଦିନ ଯାକ ସନ୍ଧ୍ୟାରେ ଦୀପ ଜାଳିବା ଭଲ।

## ସୂର୍ଯ୍ୟାସ୍ତ ପରେ ଝାଡୁ ଦେବା ମନା

**ରାତିରେ ଝାଡୁ ନ କରିବାର ନିୟମ ପ୍ରାଚୀନ କାଳରୁ ରହି ଆସିଛି। ରାତିରେ ଝାଡୁ ନ କରିବାର ମାନ୍ୟତା ଜ୍ୟୋତିଷ ଓ ବାସ୍ତୁଶାସ୍ତ୍ର ଉପରେ ଆଧାରିତ। ରାତିରେ ଝାଡୁ କରିବା ଦ୍ୱାରା ମା' ଲକ୍ଷ୍ମୀ କୋପ କରନ୍ତି ଏବଂ ଘରେ ଦାରିଦ୍ର୍ୟତା ଦେଖା ଦିଏ ବୋଲି କୁହାଯାଏ।**

ହିନ୍ଦୁ ମାନ୍ୟତାନୁସାରେ, ଝାଡୁକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି କୁହାଯାଇଛି। ମାନ୍ୟତା ଅଛି ସନ୍ଧ୍ୟାରେ ଏବଂ ଦୀପ ଜଳିବା ପରେ ଦେବୀ ଲକ୍ଷ୍ମୀ ଘରେ ପ୍ରବେଶ କରନ୍ତି। ତେଣୁ ରାତିରେ ଝାଡୁ କରିବା ଦ୍ୱାରା ତାଙ୍କ ପ୍ରତି ଅପମାନିତ ହୁଏ। ଫଳରେ ସେ କୋପ କରି ଘର ଛାଡ଼ି ଚାଲିଯାଆନ୍ତି।

ସେହିପରି ବାସ୍ତୁଶାସ୍ତ୍ର ଅନୁସାରେ, କିଛି ଲୋକ ସନ୍ଧ୍ୟାରେ ଝାଡୁ କରି ଅଳିଆ ବାହାର କରନ୍ତି। ସୂର୍ଯ୍ୟାସ୍ତ ପରେ ଘରେ ଝାଡୁ କରିବା ଅନୁଚିତ। କୌଣସି କାରଣବଶତଃ ଝାଡୁ କରୁଥିଲେ, ଅଳିଆକୁ ଡଷ୍ଟବିନ୍‌ରେ ରଖନ୍ତୁ। ଏହାକୁ ତା'ପରଦିନ ସକାଳୁ ଫିଙ୍ଗିଦିଅନ୍ତୁ।

ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାହୁ ଓ କେତୁଙ୍କ ପ୍ରଭାବ ରାତିରେ ଥିବାରୁ ଏହି ସମୟରେ ଝାଡୁ କରିବା ମନା। ଏହାବାଦ୍ ଏହି ସମୟ ତାମସିକ ଶକ୍ତିର। ଏହି ସମୟରେ ଝାଡୁ ଲଗାଇବା ଦ୍ୱାରା ନକାରାତ୍ମକ ଶକ୍ତି ବୃଦ୍ଧି ପାଇବା ଆଶଙ୍କା ଅଛି।



### ଭାରତ-ପାକିସ୍ତାନ ସୁପର-୪ ମୁକାବିଲା

# ଜୀବନଦାନ ପରେ ଫରହାନଙ୍କ ଅର୍ଦ୍ଧଶତକ

ଦୁବାଇ,୨୧।୯ (ଏଜେନ୍ସି)

ଭାରତ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନର ଯୁବ ଖେଳାଳି ଫର୍ମକୁ ଫେରିଛନ୍ତି। ୩ଟି କ୍ୟାଚ୍ ଡ୍ରପ୍‌ର ସୁଯୋଗ ନେଇ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୦.୩ ଓଭର ସୁଦ୍ଧା ୨ ୱିକେଟ ହରାଇ ୯୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଯୁବ ଓପନର ସାହିବଜାଦା ଫରହାନ ଅର୍ଦ୍ଧଶତକ ହାସଲ କରି ୫୩ ରନ୍‌ରେ ବ୍ୟାଟିଂ କରୁଥିଲେ। ହୁସେନ ତଲତ ତାଙ୍କ ସହ ୦ ରନ୍‌ରେ ଅପରାଜିତ ରହିଥିଲେ। ଆଉଟ ହୋଇଥିବା ପାକିସ୍ତାନ ଖେଳାଳିଙ୍କ ମଧ୍ୟରେ ଫକର ଜମାନ ୧୫ ଓ ୩ଟି ଶୂନ ପରେ ଖାତା ଖୋଲିଥିବା ସାଏମ ଆୟୁବ ୨୧ ରନ୍ କରିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। କିନ୍ତୁ ଏହି ସମୟ ମଧ୍ୟରେ ଭାରତୀୟ ଖେଳାଳିମାନେ ୩ଟି କ୍ୟାଚ୍ ଡ୍ରପ୍ କରିଥିଲେ।

#### ବୁମ୍‌ରାଙ୍କ ବ୍ୟୟବହୁଳ ପାୱାର ପ୍ଲେ

ପାକିସ୍ତାନ ବିପକ୍ଷ ଏହି ସୁପର୍-୪ ମୁକାବିଲାରେ ଭାରତୀୟ ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ପାୱାର ପ୍ଲେ'ର ୬ ଓଭର ମଧ୍ୟରେ ବୁମ୍‌ରା ୩ ଓଭର ବୋଲିଂ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏହି ୩ ଓଭରରେ ସେ କୌଣସି ୱିକେଟ ପାଇ ନ ଥିବାବେଳେ ୩୪ ରନ ବ୍ୟୟ କରିଥିଲେ। ଫଳରେ ବୁମ୍‌ରା ତାଙ୍କ ଟି-୨୦ କ୍ୟାରିୟରରେ ପାୱାର ପ୍ଲେ'ରେ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ଏଥିପୂର୍ବରୁ ୨୦୧୬ରେ ଏମ୍‌ସିଜି ଗ୍ରାଉଣ୍ଡରେ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ରେ ବୁମ୍‌ରା ପାୱାର ପ୍ଲେ'ରେ ୩୧ ରନ ବ୍ୟୟ କରିଥିଲେ।




#### ଚହଲଙ୍କୁ ଟପିଲେ ପାଣ୍ଡ୍ୟା

ପାକିସ୍ତାନର ଫଖର ଜମାନଙ୍କୁ ଆଉଟ୍ କରି ହାର୍ଦ୍ଦିକ ପାଣ୍ଡ୍ୟା ଟି-୨୦ରେ ତାଙ୍କର ୯୭ତମ ୱିକେଟ୍ ଅକ୍ତିଆର କରିଛନ୍ତି। ଏଥିସହ ଅନ୍ତର୍ଜାତୀୟ ଟି-୨୦ରେ ଭାରତୀୟ ଭାବେ ସର୍ବାଧିକ ୱିକେଟ୍ ନେବାରେ ଯୁଜବେନ୍ଦ୍ର ଚହଲଙ୍କୁ ପଛରେ ପକାଇଛନ୍ତି ପାଣ୍ଡ୍ୟା। ଏହି ତାଲିକାରେ ଅର୍ଶଦୀପ୍ ସିଂହ ୧୦୦ ୱିକେଟ ସହ ଶୀର୍ଷରେ ରହିଛନ୍ତି। ସେହିଭଳି ୯୭ ୱିକେଟ୍ ସହ ପାଣ୍ଡ୍ୟା ଦ୍ୱିତୀୟ ଓ ୯୬ ୱିକେଟ୍ ସହ ଚହଲ ତୃତୀୟରେ ରହିଛନ୍ତି। ଯଶପ୍ରୀତ୍ ବୁମରା (୯୨ ୱିକେଟ) ଓ ଭୁବନେଶ୍ୱର କୁମାର (୯୦) ଯଥାକ୍ରମେ ଏହି ତାଲିକାରେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଛନ୍ତି।


#### କରମର୍ଦ୍ଦନ କଲେନି ଅଧିନାୟକ

ଏହି ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଉଭୟ ଦଳର ଅଧିନାୟକ ପୂର୍ବ ମୁକାବିଲା କରି କରମର୍ଦ୍ଦନ କରି ନ ଥିଲେ। ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ପକାଇଥିଲେ ଓ ଠିକ୍ ଭାବେ ହେଡ୍ କଲ କରିଥିଲେ। ଟସ୍ ଜିତିବା ପରେ ସୂର୍ଯ୍ୟକୁମାର ସିଧାସଳଖ ଭାଷ୍ୟକାର ରବି ଶାସ୍ତ୍ରୀଙ୍କ ପାଖକୁ ଯାଇ ନିଜ ପ୍ରତିକ୍ରିୟା ଜଣାଇଥିଲେ। ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା ତାଙ୍କ ପାଖରେ ଛିଡ଼ା ହୋଇଥିଲେ ମଧ୍ୟ ତାଙ୍କୁ ପଛ କରି ସୂର୍ଯ୍ୟ ଚାଲିଯାଇଥିଲେ। କରମର୍ଦ୍ଦନକୁ ନେଇ ପାକିସ୍ତାନ ତୁମ୍ଭି ତୋଫାନ କରିଥିଲା। ପ୍ରଥମ ମ୍ୟାଚ୍‌ରେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ କରମର୍ଦ୍ଦନ ନ କରିବାକୁ କହିଥିବାରୁ ଏଭଳି ଘଟିଥିଲା। ଏପରିକି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରା ନ ଗଲେ ପାକସ୍ତାନ ଏସିଆ କପ୍‌ରୁ ଓହରିଯିବାକୁ ମଧ୍ୟ ଧମକ ଦେଇଥିଲା। ପାଇକ୍ରଫ୍ଟଙ୍କୁ ବହିଷ୍କାର କରାଯାଇପାରିବ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଥିଲା। କିନ୍ତୁ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିବା ନିଷ୍ପତ୍ତିରୁ ଓହରିଯାଇଥିଲା। ଦଳ ମଧ୍ୟ ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ଖେଳିବାକୁ ଏକ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲା। ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନକୁ ନେଇ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ।

## ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ

ଦୁବାଇ,୨୧।୯ (ଏଜେନ୍ସି): ସୈଫ ହାସନ ଓ ତୋହିଦ୍ ହୃଦୟଙ୍କ ଦମ୍‌ଦାର ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ଶନିବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ପ୍ରଥମ ମୁକାବିଲାରେ ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ ହରାଇ ବିପର୍ଯ୍ୟୟ ଘଟାଇଛି। ଏହା ଫଳରେ ବିଜୟୀ ବାଂଲା ଦଳକୁ ଗୁରୁତ୍ୱପୂର୍ଣ୍ଣ ୪ ପଏଣ୍ଟ ମିଳିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦାସୁନ ସାନକାଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ୍ କରିଥିଲା। ସାନକା ୩୭ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୬୪ ରନ୍ କରିଥିଲେ। କୁଶାଲ ମେଣ୍ଡିସ୍ ୩୪, ପାଥୁମ ନିଶାଙ୍କା ୨୨ ଓ ଅଧିନାୟକ ଚାରିତ ଆଶାଲଙ୍କା ୨୧ ରନ୍‌ର ସହାୟତା ଦେଇଥିଲେ। ବାଂଲାଦେଶ ପକ୍ଷରୁ ପେସର ମୁସ୍ତାଫିଜୁର ରହମନ ୩ଟି ଓ ମାହେଦୀ ହାସନ ୨ଟି ୱିକେଟ ପାଇଥିଲେ। ଜବାବରେ ବାଂଲାଦେଶ ଗୋଟିଏ ବଲ ବାକିଥାଇ ୬ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବାଂଲା ପକ୍ଷରୁ ଓପନର ସୈଫ୍ ହାସନ ୪୫ବଲ୍‌ରେ ୬୧, ତୋହିଦ ହୃଦୟ ୩୭ବଲ୍‌ରେ ୫୮ ରନ୍ କରି ଦଳକୁ ଜିତାଇଥିଲେ। ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କୁ ୨ଟି ୱିକେଟ ମିଳିଥିଲା।

## ବିସିସିଆଇ ସଭାପତି ହେବେ ମିଥୁନ ମାନହାସ




ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦିଲ୍ଲୀ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମିଥୁନ ମାନହାସ ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ)ର ସଭାପତି ପଦ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ଶକ୍ତିଶାଳୀ ଜୟଦେବ ଶାହ ଗ୍ରୁପ୍‌ର ହୋଇଥିବାରୁ ପରବର୍ତ୍ତୀ ସଭାପତି ହେବା ଏକପ୍ରାର ନିଶ୍ଚିତ ହୋଇଛି। ବର୍ତ୍ତମାନର ଭାରତୀୟ କ୍ରିକେଟ ପ୍ରଶାସନରେ ଜୟଦେବଙ୍କୁ ମୁକାବିଲା କରିବା କେବଳ କଷ୍ଟକର ନୁହେଁ, ଅସମ୍ଭବ ମଧ୍ୟ। ଏଣୁ ମାନହାସ ଯେ ପରବର୍ତ୍ତୀ ସଭାପତି ହେବେ ଏଥିରେ କୌଣସି ସନ୍ଦେହ ନାହିଁ। ପ୍ରଥମଶ୍ରେଣୀ କ୍ରିକେଟରେ ୧୫୭ଟି ମ୍ୟାଚ୍ ଖେଳିଥିବା ୪୫ ବର୍ଷୀୟ ମିଥୁନ ମାନହାସ ଜମ୍ମୁ-କାଶ୍ମୀର କ୍ରିକେଟ ପରିଚାଳନା ଲାଗି ଗଠିତ କମିଟିରେ ୨୦୨୧ରୁ ସଦସ୍ୟ ଓ ଆଇପିଏଲ୍ ଟିମ୍ ଗୁଜରାଟ ଟାଇଟନ୍ସର ସହକାରୀ କୋଚ୍ ଅଛନ୍ତି। ମାନହାସ ଜଣେ ଖେଳାଳି ହୋଇଥିବାରୁ ସେ ବୋର୍ଡର ସଭାପତି ଦାୟିତ୍ୱ ନେବାକୁ ଆମେ ମିଳିତ ଭାବେ ନିଷ୍ପତ୍ତି ନେଇଛୁ ବୋଲି ଦ୍ୱିତୀୟଥର ଉପସଭାପତି ଲାଗି ପ୍ରାର୍ଥପତ୍ର ଦାଖଲ କରିଥିବା ରାଜୀବ ଶୁକ୍ଲା କହିଛନ୍ତି। ଏହି ଗ୍ରୁପ୍‌ର ଅନ୍ୟମାନଙ୍କ ମଧ୍ୟରେ ଦେବଜିତ ସାଇକିଆ ସମ୍ପାଦକ, ପୂର୍ବତନ ଟେଷ୍ଟ କ୍ରିକେଟର କର୍ଣ୍ଣାଟକର ରଘୁରାମ ଭଟ୍ଟ କୋଷାଧ୍ୟକ୍ଷ, ପ୍ରଭତେଜ ସିଂହ ଭାଟିଆ ଯୁଗ୍ମ ସମ୍ପାଦକ, ଅରୁଣ ସିଂ ଧୂମାଲ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଚେୟାରମ୍ୟାନ୍ ଓ ଜୟଦେବ ଶାହ ଆପେକ୍ସ କାଉନ୍ସିଲ ସଦସ୍ୟ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁମ୍ବଇସ୍ଥିତ ବିସିସିଆଇ ମୁଖ୍ୟକାର୍ଯ୍ୟାଳୟରେ ସେପ୍ଟେମ୍ବର ୨୮ ତାରିଖରେ ଏଜିଏମ୍ ଓ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦିନ ମଧ୍ୟ ୟୁଏଇରେ ଚାଲିଥିବା ଏସିଆ କପ୍ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ■ ଚାଇନା ମାଷ୍ଟର୍ସ

## ସାତ୍ତ୍ୱିକ-ଚିରାଗ ପୁଣିଥରେ ଫାଇନାଲରେ ଝୁଣ୍ଟିଲେ

ବେଜିଂ, ୨୧।୯ (ଏଜେନ୍ସି): ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ କ୍ରମାଗତ ଦ୍ୱିତୀୟ ସପ୍ତାହରେ ଏକ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରାଜୟବରଣ କରିଛନ୍ତି। ଗତ ସପ୍ତାହରେ ହଂକଂ ଓପନରେ ରନର୍ସଅପ୍ ହୋଇଥିବା ସାତ୍ତ୍ୱିକ-ଚିରାଗ ରବିବାର ଚାଇନା ମାଷ୍ଟର୍ସରେ ମଧ୍ୟ ଫାଇନାଲରେ ଝୁଣ୍ଟିଛନ୍ତି। ଆଜି ଖେଳାଯାଇଥିବା ପୁରୁଷ ଡବଲ୍ସ ଫାଇନାଲରେ ଟପ୍ ସିଡ୍ କୋରିଆର କିମ୍ ୱନ-ହୋ ଓ ସିଓ ସିଅଙ୍ଗ-ଜାଏ ଯୋଡ଼ି ୨୧-୧୯, ୨୧-୧୫ ସିଧାସଳଖ ଗେମରେ ସାତ୍ତ୍ୱିକ-ଚିରାଗ ଯୋଡିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ୨୦୨୩ ସଂସ୍କରଣରେ ମଧ୍ୟ ସାତ୍ତ୍ୱିକ-ଚିରାଗ ଯୋଡ଼ି ଚାଇନା ମାଷ୍ଟର୍ସରେ ରନର୍ସଅପ୍ ରହିଥିଲେ।

## କୋରିଆ ଓପନ୍ ଟାଇଟଲ୍ ଜିତିଲେ ସ୍ୱିଆଟେକ୍




ସିଓଲ୍, ୨୧।୯ (ଏଜେନ୍ସି): ପୋଲାଣ୍ଡ ଯୁବ ଟେନିସ ଖେଳାଳି ଇଗା ସ୍ୱିଆଟେକ୍ ଏଠାରେ ଅନୁଷ୍ଠିତ ୯ କୋଟି ୩୭ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍‌ରେ ଚାମ୍ପିଅନ ହୋଇଛନ୍ତି। ରବିବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଫାଇନାଲରେ ସ୍ୱିଆଟେକ ୧-୬, ୭-୬ (୩), ୭-୫ ସେଟ୍‌ରେ ରୁଷିଆର ଏକଟେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ରହିଥିବା ସ୍ୱିଆଟେକଙ୍କ ଚଳିତ ବର୍ଷର ଏହା ୩ୟ ଟ୍ରଫି ଥିଲା। ଏଥିପୂର୍ବରୁ ସେ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଓ ସିନ୍‌ସିନ୍ନାଟି ଓପନ୍‌ରେ ଚାମ୍ପିଅନ ହୋଇଥିଲେ।

### ନ୍ୟାସନାଲ୍ ଜିମ୍ନାଷ୍ଟିକ୍ସ

## ଜେଏମ୍ ଏକାଡେମୀକୁ ୨ ପଦକ



ଭୁବନେଶ୍ୱର,୨୧।୯ (ସମିସ): ମହାରାଷ୍ଟ୍ରର ଶିରିଡିଠାରେ ଅନୁଷ୍ଠିତ ହୋଇଯାଇଛି ସିବିଏସ୍‌ଇ ନ୍ୟାସନାଲ ଜିମ୍ନାଷ୍ଟିକ୍ସ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱର ଜେଏମ୍ ସ୍ପୋର୍ଟ୍ସ ଏକାଡେମୀକୁ ୨ଟି ପଦକ ମିଳିଛି। ଏହା ମଧ୍ୟରୁ ୧୧ ବର୍ଷରୁ କମ୍ ବାଳକ ବିଭାଗରେ ବିଭାନ୍ୟାସ ପାଣିଗ୍ରାହୀ ପୋମେଲ ହର୍ଷରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଏହି ବର୍ଗର ବାଳିକା ବିଭାଗରେ ଦିବ୍ୟାଞ୍ଜଳି ମହନ୍ତ ୫ମ ସ୍ଥାନ ଅଧିକାର କରିଛନ୍ତି। ଜାତୀୟସ୍ତରରେ ସଫଳତା ମିଳିବା ପରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପ୍ରଶିକ୍ଷାର୍ଥୀ ଆହୁରି ଆଗକୁ ବଢ଼ିବେ ବୋଲି ଏହାର ଅଧକ୍ଷା ମୀରାରାଣି ଦାସ ଆଶା ପ୍ରକାଶ କରିଛନ୍ତି।

## ଟାଇଟଲ୍ ଜିତିଲେ ଜ୍ଞାନରଞ୍ଜନ




ଭୁବନେଶ୍ୱର,୨୧।୯ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଓ ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଶାନ୍ତିବାଳା ମହାନ୍ତି ସ୍ମାରକୀ ଚେସ୍ ପ୍ରତିଯୋଗିତାରେ ଜ୍ଞାନରଞ୍ଜନ ସେଠୀ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ରନର୍ସ ଅପ୍ ଓ ଆଦିତ୍ୟରଞ୍ଜନ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଗୋଟିଏ ଦିନରେ ୫ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଓମ୍‌ଗୁରୁକୂଳ ପବ୍ଲିକ୍ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତା ଶେଷରେ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ସହଯୋଗୀ ପ୍ରଫେସଂ ଡ. ଶୁଭ୍ରା ପଟ୍ଟନାୟକ, ପିପିଟିର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ସୁନୀଲ ପଟ୍ଟନାୟକ ଓ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ।

### ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ୨ରୁ

## ୨୩ କିମ୍ବା ୨୪ରେ ଭାରତୀୟ ଦଳ ଚୟନ

ନୂଆଦିଲ୍ଲୀ,୨୧।୯ (ଏଜେନ୍ସି): ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ୱେଷ୍ଟଇଣ୍ଡିଜ୍ ଦଳ ଚଳିତ ମାସ ୨୪ ତାରିଖରେ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତରେ ପ୍ରଥମ ଟେଷ୍ଟ ଅକ୍ଟୋବର ୨ରୁ ଅହମ୍ମଦାବାଦ୍ ଓ ଦ୍ୱିତୀୟ ଟେଷ୍ଟ ଅକ୍ଟୋବର ୧୦ରୁ ନୂଆଦିଲ୍ଲୀରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ସିରିଜ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଚଳିତମାସ ୨୩ କିମ୍ବା ୨୪ରେ ଚୟନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ବିସିସିଆଇ ସିନିୟର ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଏବେ ଏସିଆ କପ୍ ଲାଗି ୟୁଏଇରେ ଅଛନ୍ତି। ଏଣୁ ଚୟନ ପ୍ରକ୍ରିୟା ଅନ୍‌ଲାଇନ୍‌ରେ ହେବ ବୋଲି ସାଇକିଆ ସୂଚନା ଦେଇଛନ୍ତି। ରୋଷ୍ଟୋନ ଚେଜ୍‌ଙ୍କ ନେତୃତ୍ୱରେ ଘୋଷିତ ୱେଷ୍ଟଇଣ୍ଡିଜ୍ ଦଳରେ ଶିବନାରାୟଣ ଚନ୍ଦରପଲଙ୍କ ସୁପୁତ୍ର ଟାଗେନାରିନ୍‌ଙ୍କୁ ଏହି ଦଳରେ ସାମିଲ କରାଯାଇଛି।

### ପ୍ରଜ୍ଞାନ ଓଝା ନୂଆ ଚୟନକର୍ତ୍ତା



ହାଇଦ୍ରାବାଦ୍ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥିବା ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝା ବିସିସିଆଇ ସିନିଅର ଚୟନ କମିଟିର ନୂଆ ସଦସ୍ୟ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏସ୍ ଶରତଙ୍କ ସ୍ଥାନରେ ସେ ଏହି ଦାୟିତ୍ୱ ସମ୍ଭାଳିବେ। ସେହିପରି କେନ୍ଦ୍ରାଞ୍ଚଳର ରୁଦ୍ରପ୍ରତାପ ସିଂ ମଧ୍ୟ ନୂଆ ଚୟନକର୍ତ୍ତା ହେବେ ବୋଲି ସ୍ଥିର ହୋଇଛି। ସେପ୍ଟେମ୍ବର ୨୮ରେ ହେବାକୁ ଥିବା ଏଜିଏମ୍‌ରେ ଏହି ଦୁଇ ଚୟନକର୍ତ୍ତାଙ୍କ ନାମରେ ମୋହର ବାଜିବ। ଏସ୍ ଶରତ ଓ ସୁବ୍ରତ ବାନାର୍ଜୀଙ୍କ ଲାଗି ଏହା ଶେଷ ଭାରତୀୟ ଦଳ ଚୟନ ହେବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି।

## ଓପିଟିଏଲ୍: ସମ୍ବଲପୁରକୁ ଜିତାଇଲେ ଶୁଭ୍ରାଂଶୁ

କଟକ, ୨୧।୯ (ସମିସ): ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ରେ ଗତକାଲି ରାତିରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ସମ୍ବଲପୁର ୱାରିୟର୍ସ ବିଜୟୀ ହୋଇଛି। ଏହି ମ୍ୟାଚରେ ସମ୍ବଲପୁର ୭ ୱିକେଟ୍‌ରେ ପୁରୀ ଟାଇଟାନ୍ସକୁ ପରାସ୍ତ କରିଛି। ବର୍ଷା ଯୋଗୁ ଏହି ମ୍ୟାଚକୁ ୫ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପୁରୀ ଟାଇଟାନ୍ସ ୫ ୱିକେଟ୍‌ରେ ୪୮ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭, ସାରାଂଶ କୁମାର ୧୧ ରନ କରିଥିଲେ। ପ୍ରତିପକ୍ଷ ସମ୍ବଲପୁରର ବିମଳ କୁମାର ୨ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଦ୍ରୁତ ଅପରାଜିତ ୩୫ ରନ ବଳରେ ସମ୍ବଲପୁର ୪.୧ ଓଭରରେ ୩ ୱିକେଟ୍ ହରାଇ ସହଜ ବିଜୟ ହାସଲ କରିଥିଲା। ଶୁଭ୍ରାଂଶୁ ୧୨ଟି ବଲ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ପୁରୀର ଅଭିଜ୍ଞ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କୁ ୩ଟି ଯାକ ୱିକେଟ୍ ମିଳିଥିଲା। ରବିବାର ଅପରାହ୍ଣରେ ସମ୍ବଲପୁର ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ଖେଳାଯିବାକୁ ଥିବା ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି।

## ଅଷ୍ଟ୍ରେଲିଆକୁ ହରାଇଲା ଭାରତ

ସିଡ୍‌ନୀ,୨୧।୯ (ଏଜେନ୍ସି): ଅଭିଜ୍ଞାନ କୁଣ୍ଡୁ ଓ ବେଦାନ୍ତ ତ୍ରିବେଦୀଙ୍କ ଅର୍ଦ୍ଧଶତକ ବଳରେ ଇଆନ ହିଲି ଓଭାଲରେ ଖେଳାଯାଇଥିବା ୧୯ ବର୍ଷରୁ କମ୍ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁଁ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୯ ୱିକେଟରେ ୨୨୫ ରନ୍ କରିଥିଲା। ଜବାବରେ ଭାରତୀୟ ଯୁବ ଦଳ ୧୧୭ଟି ବଲ୍ ଓ ୭ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଅଭିଜ୍ଞାନ କୁଣ୍ଡୁ ୮୭ ଓ ବେଦାନ୍ତ ତ୍ରିବେଦୀ ୬୧ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ଯୋଡିରୁ ୧୫୨ ରନ୍ ସଂଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମସ୍ତଙ୍କ ନଜରରେ ଥିବା ବୈଭବ ସୂର୍ଯ୍ୟବଂଶୀ ୨୨ ବଲ୍‌ରୁ ୭ ଚୌକା ସହ ୩୮ ରନ୍ କରିଥିଲେ।

# ସ୍ୱର୍ଣ୍ଣ ବିଜୟ ସହ ଫେରିଲେ ପ୍ରମୋଦ ଭଗତ

ଭୁବନେଶ୍ୱର,୨୧।୯ (ସମିସ)



ପୁଣିଥରେ ସଫଳତାର ସହ ବ୍ୟାଡମିଣ୍ଟନ ଜଗତକୁ ଫେରିଛନ୍ତି ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ। ଏବେ ଅନୁଷ୍ଠିତ ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସଏଲ-୩ରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ସେ ଦୀର୍ଘ ୧୮ ମାସର ବ୍ୟବଧାନ ପରେ ବ୍ୟାଡ୍‌ମିଣ୍ଟନ ଜଗତକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟପ୍ ଆଥ୍‌ଲେଟ ଯେଉଁଆଡେ ରହିଲେ ମଧ୍ୟ ସେମାନେ ନାଡା ଓ ସେମାନଙ୍କ ସଂଗଠନକୁ ଜଣାଇବା ଜରୁରୀ। କିନ୍ତୁ ପ୍ରମୋଦ ତାହା ଏକାଧିକ ଥର କରି ନ ଥିବାରୁ ହ୍ୱେୟାର ଆବାଉଟ୍ କ୍ଲଜ୍ ଅନୁଯାୟୀ ବାସନ୍ଦ ହୋଇଥିଲେ। ଯାହାଫଳରେ ପ୍ୟାରିସ ପାରା ଅଲିମ୍ପିକ୍ସରେ ସେ ଭାଗନେଇ ପାରି ନ ଥିଲେ। ସାମାନ୍ୟ ତ୍ରୁଟି ଯୋଗୁଁ ଅଲିମ୍ପିକ୍ସ ଭଳି କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ନ ପାରିବା କେବଳ ପ୍ରମୋଦ ନୁହେଁ ବରଂ ସମଗ୍ର ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ କଷ୍ଟ ଦେଇଥିଲା। ସେ ଯାହା ହେଉ ଏବେ ସେ ପୁଣିଥରେ ବ୍ୟାଡ୍‌ମିଣ୍ଟନ ମୁଖ୍ୟ ଦୌଡ଼କୁ ଫେରିବା ପରେ ସବୁକିଛି ଠିକ୍ ହୋଇଯିବ ବୋଲି ଆଶା କରାଯାଉଛି।

ଚୀନ୍ ମାଷ୍ଟର୍ସ ପାରା ବ୍ୟାଡ୍‌ମିଣ୍ଟନର ଏସ୍‌ଏଲ-୩ ଫାଇନାଲରେ ଇଣ୍ଡୋନେସିଆର ମୁହ ଅଲ ଇମ୍ରାନଙ୍କୁ ୨୧-୧୯, ୨୧-୧୬ରେ ପରାସ୍ତ କରିଥିଲେ। ସେହିପରି ପୁରୁଷ ଡବଲ୍ସରେ ସୁକାନ୍ତ କଦମଙ୍କୁ ପାର୍ଟନର କରି ସେ କାଂସ୍ୟ ପଦକ ବିଜୟୀ ହୋଇଥିଲେ।

### ଜାପାନରୁ ଆରମ୍ଭ ଓ ଶେଷ

## ଅବସର ନେଲେ ଧାବିକା ସେଲୀ




ଟୋକିଓ, ୨୧।୯ (ଏଜେନ୍ସି): ଜାମାଇକାର ମହାନ ଧାବିକା ସେଲୀ-ଆନ୍ନ ଫ୍ରେଜର-ପ୍ରେସି ୧୮ ବର୍ଷର କ୍ୟାରିୟରର ଅନ୍ତ ଘଟାଇ ରବିବାର ଅବସର ନେଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ୩୮ ବର୍ଷୀୟା ସେଲୀ ଯେଉଁଠୁ କ୍ୟାରିୟର ଆରମ୍ଭ କରିଥିଲେ ସେହି ଦେଶରେ ବିଦାୟୀ ରେସରେ ମଧ୍ୟ ଦୌଡ଼ିଛନ୍ତି। ୧୮ ବର୍ଷ ତଳେ ୨୦୦୭ରେ ଜାପାନର ଓସାକା ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଜରିଆରେ ସେଲୀ ଅନ୍ତର୍ଜାତୀୟ ଦୌଡ଼କୁଦରେ ପାଦ ଥାପିଥିଲେ। ରବିବାର ସେହି ଜାପାନର ଟୋକିଓରେ ଅନୁଷ୍ଠିତ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ସେଲୀ ନିଜର ବିଦାୟୀ ରେସରେ ଦୌଡ଼ିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪ ଗୁଣା ୧୦୦ ମିଟର ରେସରେ ଜାମାଇକା ଦଳ ରୌପ୍ୟ ପଦକ ଜିତିଥିଲା। ଏହି ଦଳରେ ସଦସ୍ୟା ଥିବା ସେଲୀ ରୌପ୍ୟ ପଦକ ସହ ତାଙ୍କ ଜାଜ୍ୱଲ୍ୟମୟ କ୍ୟାରିୟରର ଅନ୍ତ ଘଟାଇଛନ୍ତି। ନିକଟରେ ସେଲୀ ଘୋଷଣା କରିଥିଲେ ଯେ, ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ପରେ ସେ ଅବସର ନେବେ। ସେଲୀ ତାଙ୍କ କ୍ୟାରିୟରରେ ୩ଥର ଅଲିମ୍ପିକ ଓ ୧୦ଥର ବିଶ୍ୱ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ୍‌ରେ ସେ ମୋଟ୍ ଉପରେ ୨୫ ପଦକ ଜିତି ବିଶ୍ୱ ଆଥ୍‌ଲେଟିକ୍ସରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS